# ଗଣିତ ମଜା

## ତୃତୀୟ ଶ୍ରେଣୀ

(ପାଠ୍ୟପୁସ୍ତକ ଓ କାର୍ଯ୍ୟପୁସ୍ତକ)



ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ଗଣିତ ମଜା

ତୃତୀୟ ଶ୍ରେଣୀ


**ଲେଖକ ମଣ୍ଡଳୀ :** ଶ୍ରୀ ନଗେନ୍ଦ୍ର କୁମାର ମିଶ୍ର
ଶ୍ରୀ ତାପସ କୁମାର ନାୟକ
ଶ୍ରୀ ଚର୍ତ୍ତୁଭୁଜ ପ୍ରଧାନ

**ସମୀକ୍ଷକ :** ଶ୍ରୀ ଜଗବନ୍ଧୁ ମିଶ୍ର
ଶ୍ରୀ ଚର୍ତ୍ତୁଭୁଜ ପ୍ରଧାନ

**ସଂଯୋଜନା :** ଡ. ପ୍ରୀତିଲତା ଜେନା
ଡ. ତିଲୋତ୍ତମା ସେନାପତି
ଡ. ସବିତା ସାହୁ



**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୧୦
୨୦୧୯

**ପ୍ରସ୍ତୁତି :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
ଓ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧି


# ସୂଚୀପତ୍ର


| ପାଠ. ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | କାଗଜ ଖେଳ | ୧ |
| ୨. | ବସ୍ତୁରୁ ଆକୃତି ଜାଣିବା | ୧୪ |
| ୩. | ଚାଲ ଆମେ ଗଣିବା | ୨୩ |
| ୪. | ଆସ ଆମେ ଖେଳିବା | ୩୦ |
| ୫. | ଆଗ ପଛ ଜାଣିବା | ୩୪ |
| ୬. | ଯୋଡ଼ ଓ ବେଯୋଡ଼ ସଂଖ୍ୟା ଚିହ୍ନିବା | ୩୭ |
| ୭. | ସ୍ଥାନ ଜାଣିବା | ୪୨ |
| ୮. | କିଏ ବେଶୀ କିଏ କମ୍ | ୪୬ |
| ୯. | ଆସ ମିଶାଣ ଶିଖିବା | ୫୩ |
| ୧୦. | ଫେଡ଼ାଣ ଜାଣିବା | ୫୯ |
| ୧୧. | ଆସ ହିସାବ କରିବା | ୬୯ |
| ୧୨. | ଆସ ବାଣ୍ଟିବା | ୮୦ |
| ୧୩. | ମାପ କରିବା | ୯୩ |
| ୧୪. | ଓଜନ ଓ ପରିମାଣ ଜାଣିବା | ୧୦୪ |
| ୧୫. | କ୍ୟାଲେଣ୍ଡରରୁ ଶିଖିବା | ୧୧୮ |
| ୧୬. | ଟଙ୍କା ପଇସା ହିସାବ | ୧୨୨ |
| ୧୭. | ସମୟ କହେ ମୁଁ ଠିକ୍ ଠିକ୍ | ୧୨୯ |
| ୧୮. | ତଥ୍ୟ ଜାଣିବା | ୧୩୯ |

ପାଠ - ୧

# କାଗଜ ଖେଳ

ଟିଙ୍ଗୁ ଓ ମିଙ୍ଗୁ କାଗଜ ନେଇ ଖେଳିବା ଆରମ୍ଭ କରିଦେଲେ । କାଗଜକୁ ଭାଙ୍ଗି ସେଥିରେ ଡଙ୍ଗା, ଫଟକା, ଟୋପି, ଟ୍ରେ, ବଲ୍ ପ୍ରଭୃତି ତିଆରି କଲେ । ପ୍ରଥମେ ଟିଙ୍ଗୁ କାଗଜଟିଏ ନେଇ ସେଥିରେ କ'ଣ ତିଆରି କଲା ଦେଖ :-





ଟିଙ୍ଗୁ କାଗଜକୁ ଭାଙ୍ଗି ସେଥିରେ କ'ଣ ତିଆରି କଲା ? ☐


ତୁମେ କାଗଜ ଭାଙ୍ଗି ସେହିଭଳି ତିଆରି କର ।

**ଶିକ୍ଷକଙ୍କ ପାଇଁ ସୂଚନା :** କାଗଜରେ ଡଙ୍ଗା ତିଆରି ହେବାଭଳି ଫଟକା, ଟୋପି, ଟ୍ରେ, ଉଡ଼ାଜାହାଜ, ବଲ୍ ଇତ୍ୟାଦି ତିଆରି କରିବା ପିଲାଙ୍କୁ ଶିଖାଯିବ ।


ଚିତ୍ରରେ ଦିଆଯାଇଥିବା ଭଳି ଖଣ୍ଡେ ଚାରି କୋଣିଆ କାଗଜ ନିଅ । ଏହାର ଗୋଟିଏ କୋଣକୁ ଭାଙ୍ଗିଦିଅ । ଦାଗ ପଡ଼ିଲା ଭଳି ତାକୁ ଖୁବ୍ ଜୋରରେ ଚାପିଦିଅ । କଇଁଚି ସାହାଯ୍ୟରେ ଦାଗ ପଡ଼ିଥିବା ସ୍ଥାନରୁ କାଟିଦିଅ । ମୂଳ କାଗଜରୁ ଅଲଗା ହୋଇଥିବା କାଗଜ ଖଣ୍ଡିକ ଏକ **ତ୍ରିଭୁଜ** ଆକୃତି ।



ଏବେ ଆଉ ଖଣ୍ଡିଏ କାଗଜ ନିଅ ଓ ତାହାକୁ ରଙ୍ଗଦିଅ । କାଗଜକୁ କାଟି ତ୍ରିଭୁଜ ତିଆରି କର ଓ ଏହି ତ୍ରିଭୁଜକୁ ତୁମେ ଖାତା ଉପରେ ଅଠାରେ ଲଗାଅ ।




ଯେଉଁ ଗାରଗୁଡ଼ିକ ଦ୍ୱାରା ତ୍ରିଭୁଜଟି ଗଠିତ, ସେଗୁଡ଼ିକୁ ତ୍ରିଭୁଜର **ବାହୁ** କୁହାଯାଏ ।
ତ୍ରିଭୁଜରେ କେତୋଟି ବାହୁ ଅଛି ?




ଏଠାରେ ଦିଆଯାଇଥିବା ତ୍ରିଭୁଜର ନାମ ହେଉଛି କଖଗ ।
ଏହାର ତିନୋଟି ବାହୁର ନାମ କଖ, ଖଗ ଓ ଗକ ।

**ତଳେ ଦିଆଯାଇଥିବା ପ୍ରତ୍ୟେକ ତ୍ରିଭୁଜ ଓ ତାର ବାହୁମାନଙ୍କର ନାମ ଲେଖ ।**




ତୁମ ଖାତାରେ ଦିଆସିଲିଟିଏ ରଖି ତା ଚାରିପାଖରେ ପେନ୍ସିଲ୍‌ରେ ଗାର ଟାଣ । ଦେଖ କିପରି ଚିତ୍ର ପାଉଛ । ଏ ପ୍ରକାରର ଆକୃତିକୁ **ଆୟତଚିତ୍ର** କୁହାଯାଏ । ଏହାର ଭିତର ଅଂଶରେ ରଙ୍ଗ ଦିଅ ।




ଏହାର ଚାରିପାଖକୁ ଚିହ୍ନାଉଥିବା ଗାରକୁ ବାହୁ କୁହାଯାଏ । **ଆୟତଚିତ୍ର**ର କେତୋଟି ବାହୁ ଅଛି ?




ଏହି **ଆୟତଚିତ୍ର**ର ନାମ କଖଗଘ ।
ଏହାର ବାହୁମାନଙ୍କର ନାମ କଖ, ଖଗ, ଗଘ, ଘକ ।

- **ତଳେ ଦିଆଯାଇଥିବା ଆୟତଚିତ୍ରମାନଙ୍କର ନାମ ଲେଖ ।**



ସାଇକେଲ ଭଲ୍‌ବଟ୍ୟୁବରେ, ଦିଆସିଲି କାଠି ବା ଖଡ଼ିକା କାଠିକୁ ଯୋଡ଼ି ତ୍ରିଭୁଜ ତିଆରି କରିହେବ।
ତିନୋଟି କାଠି ଓ ତିନୋଟି ଭଲ୍‌ବଟ୍ୟୁବ ବ୍ୟବହାର କରି ଗୋଟିଏ ତ୍ରିଭୁଜ ତିଆରି କର।



ପୂର୍ବରୁ ଦିଆଯାଇଥିବା କଖଗଘ ଆୟତଚିତ୍ରର ବାହୁର ଦୈର୍ଘ୍ୟ ମାପର ଚାରୋଟି କାଠିନେଇ ଆୟତଚିତ୍ର ତିଆରି କର।



- ଚାରୋଟି ସମାନ ମାପର ଦିଆସିଲି କାଠି ନେଇ ଭଲ୍‌ବଟ୍ୟୁବ ଦ୍ୱାରା ଯୋଡ଼ି ନିମ୍ନରେ ଦିଆଯାଇଥିବା ଆକୃତି ତିଆରି କର।




ଏ ପ୍ରକାର ଆକୃତିକୁ **ବର୍ଗଚିତ୍ର** କୁହାଯାଏ।

**ଆସ, କାଗଜ କାଟି ବର୍ଗଚିତ୍ର ତିଆରି କରିବା ।**


- ଗୋଟିଏ ପୃଷ୍ଠା ଆୟତାକୃତି କାଗଜ ନିଅ।
- ଚିତ୍ରରେ ଦେଖାଯାଇଥିବା ଭଳି ଏହାର କ୍ଷୁଦ୍ରତମ (ସାନ) ପାଖଟିକୁ ବଡ଼ପାଖ ଉପରେ ଭାଙ୍ଗ।
- କାଗଜର ବଳକା ଅଂଶକୁ କଇଁଚି ସାହାଯ୍ୟରେ କାଟିଦିଅ।
- ଏବେ ଭଙ୍ଗାଯାଇଥିବା ଅଂଶକୁ ଖୋଲିଦିଅ।
- ତୁମେ ଗୋଟିଏ ବର୍ଗଚିତ୍ର ପାଇବ।
- ଏହି ବର୍ଗଚିତ୍ରଟିକୁ ରଙ୍ଗ କର।



ତଳେ ଦିଆଯାଇଥିବା ଚିତ୍ର ଦୁଇଟିକୁ ଲକ୍ଷ୍ୟ କର ।




(ଚିତ୍ର - ୧)





(ଚିତ୍ର - ୨)

'କଖଗଘ'କୁ କି ପ୍ରକାର ଚିତ୍ର କୁହାଯିବ ? 'ପଫବଭ'କୁ କି ପ୍ରକାର ଚିତ୍ର କୁହାଯିବ ?

ଉଭୟ ବର୍ଗଚିତ୍ର ଓ ଆୟତଚିତ୍ରର ବାହୁମାନଙ୍କର ଉପରେ ସେହି ମାପର କାଠି ସଜାଡ଼ । ପ୍ରତ୍ୟେକ ଚିତ୍ରର ବାହୁମାନଙ୍କର ଦୈର୍ଘ୍ୟରେ କି ସଂପର୍କ ଲକ୍ଷ୍ୟ କରୁଛ ଲେଖ ।


ବର୍ଗଚିତ୍ରର ସମସ୍ତ ବାହୁର ଦୈର୍ଘ୍ୟ ସମାନ ।
ଆୟତଚିତ୍ରର କେବଳ ବିପରୀତ ବାହୁମାନଙ୍କର ଦୈର୍ଘ୍ୟ ସମାନ ।




ଆୟତ ଚିତ୍ରର ଦୁଇଟି ବିପରୀତ ଶୀର୍ଷ (କ ଓ ଗ) କୁ ରେଖାଖଣ୍ଡ ଦ୍ୱାରା ଯୋଡ଼ା ଯାଇଛି । ଅନ୍ୟ ବିପରୀତ ଶୀର୍ଷ ଦୁଇଟିକୁ ଯୋଡ଼ ।

ଏହାଦ୍ୱାରା କଗ ଓ ଖଘ ରେଖାଖଣ୍ଡ ସୃଷ୍ଟି ହେଉଛି । ଏମାନଙ୍କୁ ଆୟତଚିତ୍ରର **କର୍ଣ୍ଣ** କୁହାଯାଏ ।

ତୁମେ ସେହିଭଳି ପାଖ ବର୍ଗଚିତ୍ରରେ କର୍ଣ୍ଣ ଟାଣି ସେମାନଙ୍କର ନାମ ଲେଖ ।





- ଏବେ ତଳ ସାରଣୀରେ ଥିବା ଠିକ୍ ଉତ୍ତରରେ ମୁଣ୍ଡୁଳା ବୁଲାଅ ।


| | ବର୍ଗଚିତ୍ର | ଆୟତ ଚିତ୍ର |
|---|---|---|
| ବାହୁ ସଂଖ୍ୟା | ୨ ୪ ୬ | ୨ ୪ ୬ |
| ଶୀର୍ଷ ସଂଖ୍ୟା | ୩ ୪ ୫ | ୩ ୪ ୫ |
| କର୍ଣ୍ଣ ସଂଖ୍ୟା | ୧ ୨ ୪ | ୧ ୨ ୪ |
| ବିପରୀତ ବାହୁମାନଙ୍କର ଦୈର୍ଘ୍ୟ | ସମାନ ଅଲଗା | ସମାନ ଅଲଗା |
| ପ୍ରତ୍ୟେକ ବାହୁର ଦୈର୍ଘ୍ୟ | ସମାନ ଅଲଗା | ସମାନ ଅଲଗା |
| କର୍ଣ୍ଣମାନଙ୍କର ଦୈର୍ଘ୍ୟ | ସମାନ ଅଲଗା | ସମାନ ଅଲଗା |


# ଅଭ୍ୟାସ

୧. ତଳେ ଦିଆଯାଇଥିବା ଚିତ୍ର ଗୁଡ଼ିକରେ

ତ୍ରିଭୁଜକୁ  ରଙ୍ଗ, ଆୟତଚିତ୍ରକୁ  ରଙ୍ଗ, ବୃତ୍ତକୁ  ରଙ୍ଗ ଓ ବର୍ଗଚିତ୍ରକୁ  ରଙ୍ଗ କର ।













୨. ତଳେ ପ୍ରତ୍ୟେକ ଚିତ୍ରରେ କେତୋଟି ଲେଖାଏଁ ତ୍ରିଭୁଜ ଅଛି ଗଣି କହ ।









୩. ତଳେ ଦିଆଯାଇଥିବା ଆକୃତିକୁ ଦେଖ । କାଗଜକୁ କାଟି ବିଭିନ୍ନ ଆକାରର ତ୍ରିଭୁଜ ଅଙ୍କନ କରି ଅଠାଦ୍ୱାରା ସଜାଇ ଠିକ୍ ଏହିଭଳି ଆକୃତି ତିଆରି କର ।



୪. ନିମ୍ନରେ ଦିଆଯାଇଥିବା ଚିତ୍ରଗୁଡ଼ିକୁ ଲକ୍ଷ୍ୟ କର ଓ ସେମାନଙ୍କର ଧାରଗୁଡ଼ିକୁ ଦେଖ ।
ଗୁଡ଼ିର ଧାରଗୁଡ଼ିକ ସିଧା, କିନ୍ତୁ ଚକର ଧାର ସିଧା ନୁହେଁ । ଚକର ଧାର ହେଉଛି ବକ୍ର ।




(କ) ତୁମ ଚାରି ପଟରେ ଦେଖୁଥିବା ଜିନିଷ ମଧ୍ୟରୁ କେଉଁମାନଙ୍କର ଧାରଗୁଡ଼ିକ କେବଳ ସିଧା ?

(ଖ) କେବଳ ବକ୍ର ଧାର ଥିବା ତିନୋଟି ଜିନିଷର ନାମ ଲେଖ ।

(ଗ)  — ମୋ ଚିତ୍ରରେ କେଉଁ ପ୍ରକାରର ଧାର ଅଛି ?

(ଘ) ସିଧା ଧାର ଥିବା ଜିନିଷଗୁଡ଼ିକର ନାମ କହ ଓ ଲେଖ ।

(ଙ) କେଉଁ ଜିନିଷ ସବୁରେ ଉଭୟ ସିଧା ଓ ବକ୍ର ଧାର ପାଇବା ?

୫. (କ) ଖଣ୍ଡିଏ ଆୟତଚିତ୍ର ଆକୃତିର କାଗଜ ନିଅ । ଏହାର କେତୋଟି ଶୀର୍ଷ ଅଛି ? ଏହି କାଗଜଟିକୁ ଏପରି ଭାବରେ ଭାଙ୍ଗ, ଯେପରି ତାହାର ତିନୋଟି ଶୀର୍ଷ ରହିବ । ତୁମେ କିପରି ଭାଙ୍ଗିଲ, ତୁମ ସାଙ୍ଗମାନଙ୍କୁ ଦେଖାଅ ।


(ଖ) କାଗଜ କାଟି ପାଞ୍ଚଟି ସିଧା ଧାର ଥିବା ଗୋଟିଏ ଆକୃତି ତିଆରି କର । ଏହାକୁ ତୁମ ଖାତାରେ ଅଠାରେ ଲଗାଅ । ଏହାର କେତୋଟି ଶୀର୍ଷ ରହିବ ?

**୬. ଖାଲି ସ୍ଥାନ ପୂରଣ କର ।**

| ଚିତ୍ର | ଚିତ୍ରର ନାମ | ବାହୁ ସଂଖ୍ୟା | ଶୀର୍ଷ ସଂଖ୍ୟା |
|---|---|---|---|
|  | ବର୍ଗଚିତ୍ର | | |
|  | | | |
|  | | | |
|  | | | |


୭. ଜ୍ୟାମିତି ବାକ୍ସରେ ଥିବା ସେଟସ୍କୋୟାର ବ୍ୟବହାର କରି,ଖାତାରେ ତ୍ରିଭୁଜ ଅଙ୍କନ କର ।

## ଟ୍ୟାନ୍‌ଗ୍ରାମ୍‌ରୁ ଚିତ୍ର





ଉପରେ ଦିଆଯାଇଥିବା ଚିତ୍ରକୁ ଲକ୍ଷ୍ୟକର । ଏହା ଏକ ପାଞ୍ଚ ଖଣ୍ଡ ବିଶିଷ୍ଟ ଟ୍ୟାନଗ୍ରାମ୍ । ଚୀନ ଦେଶରେ ଏହାକୁ ପ୍ରଥମେ ବ୍ୟବହାର କରି ବିଭିନ୍ନ ଚିତ୍ର ତିଆରି କରୁଥିଲେ । ତୁମେ ଖଣ୍ଡିଏ ବର୍ଗଚିତ୍ର ଆକୃତିର କାଗଜ ନେଇ ତାକୁ (ଉପର ଚିତ୍ରରେ ଦେଖାଯାଇଥିବା ଭଳି) କାଟି ପାଞ୍ଚଖଣ୍ଡ କର । ସେଗୁଡ଼ିକୁ ୧, ୨, ୩, ୪, ୫ ନାମ ଦିଅ ।

- ଏହି ପାଞ୍ଚ ଖଣ୍ଡ ମଧ୍ୟରୁ କେଉଁ ଦୁଇଟି ଖଣ୍ଡ ପୂରାପୂରି ସମାନ ?
- ଏହି ପାଞ୍ଚ ଖଣ୍ଡ ମଧ୍ୟରେ କେତୋଟି ତ୍ରିଭୁଜ ଓ କେତୋଟି ବର୍ଗଚିତ୍ର ଅଛି ?
- ଏହି ପାଞ୍ଚ ଖଣ୍ଡ ବ୍ୟବହାର କରି ନିମ୍ନ ଚିତ୍ରଗୁଡ଼ିକୁ ତିଆରି କର ।




ପାଞ୍ଚ ଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍ ଭଳି ତୁମେ ମଧ୍ୟ ସାତ ଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍ ତିଆରି କରିପାରିବ ।




ତୁମେ ବର୍ଗାକୃତି କାଗଜ ଖଣ୍ଡିଏ ନେଇ ଚିତ୍ରରେ ଦେଖାଯାଇଥିବା ଭଳି କାଟି ତାହାକୁ ସାତଖଣ୍ଡ କରି ୧ , ୨ , ୩, ୪ , ୫ , ୬ , ୭ ନାମ ଦିଅ ।

- ସାତ ଖଣ୍ଡ ମଧ୍ୟରେ କେତୋଟି ତ୍ରିଭୁଜ ଅଛି ?

- କେବଳ ତ୍ରିଭୁଜକୁ ବ୍ୟବହାର କରି ନିମ୍ନ ଆକୃତି ତିଆରି କରିବାକୁ ଚେଷ୍ଟାକର ।




- କେବଳ ୨ , ୩ ଓ ୫ ନମ୍ବର ଖଣ୍ଡକୁ ବ୍ୟବହାର କରି ଆୟତଚିତ୍ରଟିଏ ତିଆରି କର ।

- ୧ , ୨ , ୩, ୪ ଓ ୫ ନମ୍ବର ଖଣ୍ଡକୁ ବ୍ୟବହାର କରି ବର୍ଗଚିତ୍ରଟିଏ ତିଆରି କର । ଟ୍ୟାନଗ୍ରାମ୍‌ର ସାତଟି ଖଣ୍ଡ ମଧ୍ୟରୁ ଆବଶ୍ୟକ ଖଣ୍ଡଗୁଡ଼ିକୁ ନେଇ ନିମ୍ନଲିଖିତ ଆକୃତିଗୁଡ଼ିକ ତିଆରି କରିବାକୁ ଚେଷ୍ଟାକର –



– ପୂର୍ବ ପୃଷ୍ଠାରେ ଦିଆଯାଇଥିବା ଆକୃତିଗୁଡ଼ିକ ବ୍ୟତୀତ ଟ୍ୟାନଗ୍ରାମ୍‌ର ସାତଟିଯାକ ଖଣ୍ଡକୁ ଯୋଡ଼ି ଅନ୍ୟ ଆକୃତି ପ୍ରସ୍ତୁତ କର ।

## ବିନ୍ଦୁରୁ ଚିତ୍ର




କୋରାପୁଟ ଜିଲ୍ଲା ଜୟପୁର ସହରରେ ରାଧିକାର ଘର । ସେ ତୃତୀୟ ଶ୍ରେଣୀରେ ପଢ଼େ । ସକାଳୁ ଉଠି ଘର ଅଗଣାରେ ମୁରୁଜ ପକାଇବା ତାର ପ୍ରିୟ କାମ । ରାଧିକା କିପରି ମୁରୁଜ ପକାଉଛି ଲକ୍ଷ୍ୟକର ।





ତୁମ ଘରେ ବା ସାଙ୍ଗସାଥୀମାନଙ୍କ ଘରେ ଏହି ଭଳି ମୁରୁଜ ଚିତା ବା ଝୋଟି ଚିତା ହେଉଥିବାର ଦେଖିଥିବ ।


ସେହିଭଳି କିଛି ଚିତା ତୁମ ଖାତାରେ ତିଆରି କର ।

ନିମ୍ନରେ ବିନ୍ଦୁମାନଙ୍କର ଏକ ଗ୍ରୀଡ଼ରେ କେତେକ ପ୍ରତିରୂପ ଅଙ୍କନ କରାଯାଇଛି । ତୁମେ ସେଗୁଡ଼ିକୁ ଲକ୍ଷ୍ୟ କର । ଡାହାଣପଟେ ଦିଆଯାଇଥିବା ବିନ୍ଦୁ ଗ୍ରୀଡ଼ରେ ଠିକ୍ ସେହିଭଳି ଚିତ୍ର ଅଙ୍କନ କର ।










# ଅଭ୍ୟାସ


୧. ବିନ୍ଦୁ ଗ୍ରୀଡ଼କୁ ବ୍ୟବହାର କରି ଦୁଇ ପ୍ରକାରର ଚିତ୍ର କରାଯାଇଛି । ତୁମେ ଆଉ ତିନି ପ୍ରକାରର ଚିତ୍ର ଅଙ୍କନ କର ।



୨. ତଳେ ଦିଆଯାଇଥିବା ବିନ୍ଦୁ ଗ୍ରୀଡ଼କୁ ବ୍ୟବହାର କରି ସେଥିରେ ତ୍ରିଭୁଜ, ବର୍ଗଚିତ୍ର ଓ ଆୟତଚିତ୍ର ଅଙ୍କନକର ।




୩. ଦିଆଯାଇଥିବା ବିନ୍ଦୁ ଗ୍ରୀଡ଼ରେ ପେନ୍ସିଲ୍, ଗ୍ଲାସ୍, ଗଛ ଓ ମାଛ ଚିତ୍ର ଅଙ୍କନ କର ।






୪.  ତଳେ ଦିଆଯାଇଥିବା ବିନ୍ଦୁ  ଗ୍ରୀଡ଼ରେ ବର୍ଗଚିତ୍ର ଓ ଆୟତଚିତ୍ରଗୁଡ଼ିକୁ ସଂପୂର୍ଣ୍ଣ କର ।




୫.  ତଳ ବିନ୍ଦୁ  ଗ୍ରୀଡ଼ରେ ତୁମ ମନରୁ ଯେ କୌଣସି ଦୁଇଟି ଡିଜାଇନ ପ୍ରସ୍ତୁତ କର ।



**ପାଠ - ୨**

# ବସ୍ତୁରୁ ଆକୃତି ଜାଣିବା



ବାପାଙ୍କ ସହିତ ଲିଜା ଓ ରୋଜି ସର୍କସ ଖେଳ ଦେଖିବାକୁ ଗଲେ । ଟିକେଟ କାଟି ଖେଳ ଦେଖିଲେ । ସର୍କସରେ ହାତୀ ବଲ୍ ଖେଳୁଥିଲା । ବଲ୍‌ର ଆକୃତି ଗୋଲ । ବଲ୍ ପରି ଗୋଲ ବସ୍ତୁମାନଙ୍କର ନାମ ଲେଖ ।



ଏହି ପ୍ରକାର ବସ୍ତୁକୁ **ଗୋଲକ** କୁହାଯାଏ ।

ବାପା କହିଲେ, ଭାଲୁ ଦୁଇ ହାତରେ କ'ଣ କ'ଣ ଧରିଛି ଦେଖ ।



ଚିତ୍ରରେ ଥିବା ଆକୃତିର ବସ୍ତୁକୁ **ସିଲିଣ୍ଡର** କୁହାଯାଏ । ତୁମେ ଏହିପରି ଆକୃତିର ଯେଉଁ ଜିନିଷ ଦେଖୁଛ ତାର ତାଲିକା କର ।

ରୁଲବାଡ଼ି ସିଲିଣ୍ଡର ଆକୃତିର ।

ହଠାତ୍ ରୋଜି କହିଲା, "ବାପା, ଦେଖ କୁକୁର କିପରି ବାକ୍ସ ଉପରେ ବସି ଆଇସ୍‌କ୍ରିମ୍ ଖାଉଛି" ।

ବାପା କହିଲେ,- "କୁକୁର ଯେଉଁ ବାକ୍ସ ଉପରେ ବସିଛି ତାହା ହେଉଛି **ଆୟତଘନ** ଆକୃତିର" ।

ବାକ୍ସ ପରି ଆୟତଘନ ଆକୃତି ବିଶିଷ୍ଟ ବସ୍ତୁଗୁଡ଼ିକର ତାଲିକା କର ।



ଏହାର କେତୋଟି ପାଖ ଅଛି ଦେଖ । ସେଗୁଡ଼ିକୁ ଗଣ ।

**ଆୟତଘନର ଛଅଟି ପାଖ ଅଛି ।**

ବାପା - ପାରା କ'ଣ କରୁଛି ଦେଖ ।

ରୋଜି - ବାପା, ପାରା ଲୁଡୁ ଖେଳୁଛି । ପାରା କ'ଣ ଆମ ପରି ଲୁଡୁ ଖେଳିପାରିବ ?

ବାପା - ହଁ, ପାରା ଲୁଡୁ ଖେଳିପାରିବ । ସେ ଲୁଡୁ ଗୋଟିକୁ ଦେଖ ।

ଆୟତଘନ ପରି ଏହାର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା ଅଛି । ଲୁଡୁ ଗୋଟିଟିଏ ନେଇ ଏହାର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତାକୁ ମାପ । କ'ଣ ପାଇଲ କହ ।


ରୋଜି - ଏହାର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା ସମାନ ।

ବାପା - ହଁ, ତୁ ଠିକ୍ କହିଛୁ ।

ଯେଉଁ ଘନବସ୍ତୁର ଧାରମାନଙ୍କର ଦୈର୍ଘ୍ୟ ସମାନ ତାହାକୁ **ସମଘନ** କୁହାଯାଏ ।

ଲିଜା - ହଁ, ତା ହେଲେ ଲୁଡୁଗୋଟି ଗୋଟିଏ ସମଘନ ।

ତୁମେ କେତେଗୋଟି ସମଘନାକାର ବସ୍ତୁର ନାମ ଲେଖ ।



ବାପା - ହେଇ ଦେଖ, ଆଉ ଗୋଟିଏ ଜୋକର ହାତୀ ପାଖକୁ ଯାଇ ତାକୁ ଶୁଣ୍ଢ ଟେକିବାକୁ କହୁଛି ।

ରୋଜି - ବାପା, ସେ କ'ଣ ଗୋଟିଏ ଲମ୍ବା ଟୋପି ପିନ୍ଧିଛି ?

ବାପା - ହଁ, ସେ ଟୋପିଟି ତଳପଟୁ ଗୋଲେଇ ହୋଇ ଉପରକୁ ମୁନିଆଁ ହୋଇଛି ।

ଲିଜା - ଏ ପ୍ରକାର ଆକୃତିକୁ କ'ଣ କୁହାଯାଏ ?

ବାପା - ଏହି ଆକୃତି ଥିବା ବସ୍ତୁକୁ **କୋନ୍** କୁହାଯାଏ ।

କେତୋଟି କୋନ୍ ଆକୃତି ଥିବା ବସ୍ତୁର ଉଦାହରଣ ଦିଅ ।



## ଅଭ୍ୟାସ

୧. ତଳେ ଦିଆଯାଇଥିବା ବସ୍ତୁଗୁଡ଼ିକର ଆକୃତିର ନାମ ଲେଖ ।

 ____________

 ____________

 ____________

 ____________

 ____________

 ____________

 ____________

 ____________

୨. ଗୋଲକ ଆକୃତିର ପାଞ୍ଚଟି ଜିନିଷ ଓ ଆୟତଘନାକୃତିର ପାଞ୍ଚଟି ଜିନିଷର ନାମ ଲେଖ ।


| | |
|---|---|
| ୧. ________ | ୧. ________ |
| ୨. ________ | ୨. ________ |
| ୩. ________ | ୩. ________ |
| ୪. ________ | ୪. ________ |
| ୫. ________ | ୫. ________ |

୩. ତଳେ ଦିଆଯାଇଥିବା ବସ୍ତୁର ଆକୃତି କିପରି,ତା' ଡାହାଣ ପଟେ ଥିବା କୋଠରିରେ ଲେଖ ।

| | | | |
|---|---|---|---|
| ବ୍ୟାଟେରୀ | | ତରଭୂଜ | |
| କମଳା | | ଇଟା | |
| ପେନ୍‌ସିଲ୍ | | ରୁଲ୍‌ବାଡ଼ି | |
| ମହମବତୀ | | ଗାଜର | |
| ବହି | | କ୍ରିକେଟ୍ ବଲ୍ | |

୪. କାଗଜରେ ସିଲିଣ୍ଡର ଆକୃତି ଓ କୋନ୍ ଆକୃତି ତିଆରି କର ।

୫. ଦିଆସିଲି କାଠି ଓ ସାଇକେଲ୍‌ର ଭଲ୍‌ବଟ୍ୟୁବ୍ ବ୍ୟବହାର କରି ଚିତ୍ରରେ ଦେଖାଯାଇଥିବା ଆକୃତିଗୁଡ଼ିକୁ ତିଆରି କର ।




(ଏହିପରି କାଠି ଓ ଭଲ୍‌ବଟ୍ୟୁବ୍ / ସୂତା ବ୍ୟବହାର କରି ଅନେକ ପ୍ରକାରର ଆକୃତି ତିଆରି କରି ହେବ । ତୁମେ କେତୋଟି ତିଆରି କରିପାରିବ ?)


## ଚଟାଣ ସଜେଇବାର ପରିକଳ୍ପନା (ଡିଜାଇନ)




ଉପରେ ଦିଆଯାଇଥିବା ଟାଇଲର ଆକୃତିକୁ ଦେଖ । ଏହି ଟାଇଲ ଦୁଇଟି କିପରି ଯୋଡ଼ି ହୋଇପାରେ ଲକ୍ଷ୍ୟକର, ଏହିପରି ଟାଇଲ ଯୋଡ଼ି ଘର ଚଟାଣକୁ ସଜାଇବାର ଏକ ପରିକଳ୍ପନାକୁ ଦେଖ।



ଗୋଟିଏ ଆକୃତିର ଟାଇଲମାନ ନେଇ ଏପରି ସଜା ଯାଇଛି ଯେ, ଟାଇଲଗୁଡ଼ିକ ମଧ୍ୟରେ ଫାଙ୍କ ନାହିଁ ଏବଂ ଟାଇଲ ସଜା ବା ଖଞ୍ଜାରେ ପରିକଳ୍ପନାଟି ଖୁବ୍ ସୁନ୍ଦର ହୋଇଛି। ତଳେ ଅନ୍ୟ ଏକ ଛଅ ଧାର ବିଶିଷ୍ଟ ଟାଇଲକୁ ଦେଖ ଏବଂ ଏହି ଆକୃତିର ଟାଇଲରେ ଘର ଚଟାଣକୁ ସଜାଇବାର ପରିକଳ୍ପନା (ଡିଜାଇନ)କୁ ଦେଖ।





ତମେ କେଉଁ କେଉଁଠାରେ ଚଟାଣରେ ଟାଇଲସଜାର ପରିକଳ୍ପନା ଦେଖିଛ ଲେଖ।


---

### ଅଭ୍ୟାସ

୧. ଏଗୁଡ଼ିକ ସମାନ ଆକୃତିର ଆୟତାକାର ଟାଇଲ।




ଏହି ଆୟତାକାର ଟାଇଲକୁ ବ୍ୟବହାର କରି ଗୋଟିଏ ପ୍ରକାର ଚଟାଣସଜାର ପରିକଳ୍ପନା (ଡିଜାଇନ) ଦିଆଯାଇଛି।




ଏହି ଟାଇଲରେ ଆଉ କେଉଁ କେଉଁ ପ୍ରକାର ଡିଜାଇନ କରିହେବ ନିଜ ଖାତାରେ କର ।


୨. ପୂରା ହୋଇନଥିବା ଚଟାଣ ସଜାକୁ ସମ୍ପୂର୍ଣ୍ଣ କର ।




୩. ଚଟାଣରେ କିଛି ଅଂଶରେ ଟାଇଲ ସଜା ଯାଇଛି, ଏହାକୁ ସମ୍ପୂର୍ଣ୍ଣକର ।





୪.  ଏହି ଆକୃତିର ଟାଇଲରେ ନିମ୍ନ ଡିଜାଇନର ଦୁଇଟି ଚିତ୍ର ପ୍ରସ୍ତୁତ ହୋଇଛି । ରଙ୍ଗ ମାଧ୍ୟମରେ ଗୋଟିଏ ପାହାଚ ଭଳି ଦିଶୁଥିବା ବେଳେ ଅନ୍ୟଟି ଫୁଲପରି ଦିଶୁଅଛି ।





- ନିମ୍ନରେ ଗୋଟିଏ ଡିଜାଇନର ୨ଟି ଚିତ୍ର ଦିଆଯାଇଛି । ବିଭିନ୍ନ ରଙ୍ଗ ବ୍ୟବହାର କରି ନିଜ ପସନ୍ଦର ପରିକଳ୍ପନା ପ୍ରସ୍ତୁତ କର ।






୫. ତୁମେ ନିଜେ ଟାଇଲର ଏକ ଆକୃତି ପ୍ରସ୍ତୁତ କର । ସେହି ଆକୃତିର ଚିତ୍ରକୁ ଏପରି ଭାବରେ ସଜାଅ, ଯେପରି ଏହା ଏକ କାନ୍ଥର ଡିଜାଇନ ବା ପୋଷାକର ଡିଜାଇନ ହୋଇ ପାରିବ ।

**ନକ୍ସା ପ୍ରସ୍ତୁତି :**

ତଳେ ଗୋଟିଏ ଗାଁର ନକ୍ସା ଦିଆଯାଇଛି । ନକ୍ସା ଦେଖି ଗାଁରେ କ'ଣ କ'ଣ ଅଛି କହ ।

ଉତ୍ତର

ପଶ୍ଚିମ




ପୂର୍ବ

ଦକ୍ଷିଣ

ଚିତ୍ର ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

୧. (କ) ଗାଁ'ରେ କ'ଣ ସବୁ ଥିବାର ତୁମେ ଦେଖୁଛ ?

(ଖ) ମନ୍ଦିରର କେଉଁ ଦିଗରେ ପ୍ରାଥମିକ ବିଦ୍ୟାଳୟ ଅବସ୍ଥିତ ?

(ଗ) ମନ୍ଦିରରୁ ବାହାରି ସିଧା ଉତ୍ତର ଦିଗକୁ ଗଲେ କ'ଣ ଦେଖିବ ?

(ଘ) ମନ୍ଦିରଠାରୁ ଉଚ୍ଚ ବିଦ୍ୟାଳୟକୁ ଯିବାକୁ ହେଲେ, ପ୍ରଥମେ ଉତ୍ତର ଦିଗକୁ ଯାଇ ତା'ପରେ କେଉଁ ଦିଗକୁ ଯିବାକୁ ହେବ ?

(ଙ) ମନ୍ଦିରଠାରୁ ମୀନା ପଶ୍ଚିମ ଦିଗରେ ଓ ସୋନୁ ଦକ୍ଷିଣ ଦିଗରେ ବାହାରିଲେ, ଗ୍ରାମ ପଞ୍ଚାୟତରେ ପହଞ୍ଚିବାକୁ କିଏ ବେଶୀ ବାଟ ଚାଲିବ ?

(ଚ) ମନ୍ଦିରଠାରୁ ବାହାରି ୩୦ ମିଟର ଦକ୍ଷିଣକୁ ଯିବାପରେ ୬୦ ମିଟର ପୂର୍ବକୁ ଗଲେ ରାସ୍ତାର ବାମକଡ଼େ କ'ଣ ଥିବାର ଦେଖିବ ?

(ଛ) ଡାକ୍ତରଖାନାରୁ କେଉଁ ଦିଗରେ ଗଲେ ଗାଁ' ହାଟ ପଡ଼ିବ ?

(ଜ) ଶ୍ୱେତା ଉଚ୍ଚ ବିଦ୍ୟାଳୟରୁ ବାହାରି ପ୍ରଥମେ ଦକ୍ଷିଣକୁ ଯାଇ ପରେ ପୂର୍ବକୁ ଗଲେ କେଉଁଠି ପହଞ୍ଚିବ ?

(ଝ) ପୋଖରୀରେ ଗାଧୋଇ ସାରି ନରହରିବାବୁ ପ୍ରଥମେ କେଉଁ ଦିଗରେ ଓ ପରେ କେଉଁ ଦିଗରେ ଗଲେ ମନ୍ଦିରରେ ଠାକୁର ଦର୍ଶନ କରିବେ ?


୨. ତୁମ ବିଦ୍ୟାଳୟରେ ଥିବା ଶ୍ରେଣୀଗୃହ, ଅଫିସ, ରୋଷେଇ ଘର, ପତାକା ପୀଠ, ନଳକୂପ ଓ ବଗିଚାକୁ ଦର୍ଶାଇ ଗୋଟିଏ ନକ୍ସା ଅଙ୍କନ କର ।

ପାଠ - ୩

# ଚାଲ ଆମେ ଗଣିବା



ମାଙ୍କଡ଼ମାନେ ନଡ଼ିଆ ବସ୍ତାଗୁଡ଼ିକୁ ଗାଡ଼ିରୁ ନେଇ ଗୋଦାମ ଘରେ ସଜାଇ ରଖୁଥାନ୍ତି । ମାଲିକ ଭାଲୁ ତଦାରଖ କରୁଥାଏ । ବୁଢ଼ାମାଙ୍କଡ଼ଟିଏ ଥରି ଥରି ନଡ଼ିଆ ବସ୍ତାଟି ନେବା ସମୟରେ ତାହା ମୁଣ୍ଡରୁ ପଡ଼ି ଫାଟିଗଲା । ବସ୍ତାର ସବୁ ନଡ଼ିଆ ଖେଳେଇ ହୋଇ ପଡ଼ିଗଲା । ଭାଲୁ ବୁଢ଼ାମାଙ୍କଡ଼କୁ ବିଶ୍ରାମ ନେବାକୁ କହିଲା । ତା ପରେ ଅନ୍ୟ ମାଙ୍କଡ଼ମାନଙ୍କୁ କହିଲା, "ପ୍ରତ୍ୟେକ ବସ୍ତାରେ ୧୦୦ଟି ଲେଖାଏଁ ନଡ଼ିଆ ଅଛି । ତୁମ୍ଭେମାନେ ଗୋଟିଏ ଲେଖାଏଁ ନଡ଼ିଆ ବସ୍ତା ମୁଣ୍ଡାଇ ନିଅ ଓ ହାତରେ ଯେତେ ପାରୁଛ ( ୧ଟି, ୨ଟି ବା ୩ଟି ଲେଖାଏଁ) ଅଧିକା ନଡ଼ିଆ ନେଇ ଗୋଦାମରେ ସଜାଇ ରଖ । ନିଜ ନିଜର ନଡ଼ିଆ ସଂଖ୍ୟା ହିସାବ କର - ସେହି ଅନୁସାରେ ପଇସା ପାଇବ ।" ମାଙ୍କଡ଼ମାନେ ଡେରି ନ କରି ନଡ଼ିଆ ବୋହିଲେ ଓ ନିଜ ନିଜର ନଡ଼ିଆ ସଂଖ୍ୟା ହିସାବ କଲେ ।




୧୦୧
(ଶହେ ଏକ)

୧୦୨
(ଶହେ ଦୁଇ)

୧୦୩
(ଶହେ ତିନି)




୧୦୫
(ଶହେ ପାଞ୍ଚ)




୧୧୦
(ଏକ ଶହ ଦଶ)

## ଅଭ୍ୟାସ

୧. ଯେପରି


= ୨୦୦


= ୩୦୦

(କ) ସେହିପରି ତଳେ (ପ୍ରତି ଧାଡ଼ିରେ) ମୋଟ କେତୋଟି ମିଠେଇ ଅଛି ତୁମେ କହ ଓ ଲେଖ ।


=


=


=


=

(ଖ)   ପ୍ରତି ଧାଡ଼ିରେ କେତୋଟି ଫଳ ଅଛି ଗଣି ଲେଖ ।




=




=





=




=

(ଗ)   କଣ୍ଟା କେତୋଟି ଅଛି ଲେଖ ।




=

୨. (କ) ଆସ, ଆମେ ଖାଲି ଘରେ ସଂଖ୍ୟା ପୂରଣ କରିବା ।

| | | | | | | | | | |
|---|---|---|---|---|---|---|---|---|---|
| ୧୦୧ | ୧୦୨ | ୧୦୩ | ୧୦୪ | ୧୦୫ | ୧୦୬ | ୧୦୭ | ୧୦୮ | ୧୦୯ | ୧୧୦ |
| ୧୧୧ | | ୧୧୩ | | | | | | | |
| ୧୨୧ | | | ୧୨୪ | | | | | | |
| | | | | ୧୩୫ | | | | | |
| ୧୪୧ | | | | | ୧୪୬ | | | | |
| | | | | | | ୧୫୭ | | | |
| | | | | | | | ୧୬୮ | | |
| ୧୭୧ | | | | | | | | ୧୭୯ | |
| | | | | | | | | | ୧୯୦ |
| ୧୯୧ | | | | | | | | | ୨୦୦ |

(ଖ) ତଳେ କିପରି ସଂଖ୍ୟା ଧାଡ଼ିଟି ଲେଖାଯାଇଛି ଲକ୍ଷ୍ୟ କର ଏବଂ କ୍ରମାନ୍ୱୟରେ ସଂଖ୍ୟାଗୁଡ଼ିକୁ ଲେଖ ।

୩୧୦ ୩୧୧ ୩୧୨ ୩୧୩ ୩୧୪ ୩୧୫ ୩୧୬ ୩୧୭ ୩୧୮ ୩୧୯ ୩୨୦

୪୨୦ ___ ___ ___ ___ ___ ___ ___ ___ ___ ___

୬୪୦ ___ ___ ___ ___ ___ ___ ___ ___ ___ ___

୯୭୦ ___ ___ ___ ___ ___ ___ ___ ___ ___ ___

୬୯୦ ___ ___ ___ ___ ___ ___ ___ ___ ___ ___

୩. (କ) ତଳେ ଦିଆଯାଇଥିବା ଖାଲି ଘରେ ସଂଖ୍ୟା ପୂରଣ କର ।

| | | | | | | | | | |
|---|---|---|---|---|---|---|---|---|---|
| ୪୦୧ | ୪୦୨ | | | | | | | | |
| ୪୧୧ | | | | | | | | | |
| ୪୨୧ | | | | | | | | | |
| ୪୩୧ | | | | | | | | | |
| ୪୪୧ | | | | | | | | | |
| ୪୫୧ | | | | | | | | | |
| ୪୬୧ | | | | | | | | | |
| ୪୭୧ | | | | | | | | | |
| ୪୮୧ | | | | | | | | | |
| ୪୯୧ | | | | | | | | | ୫୦୦ |

(ଖ) ୩ ନମ୍ବର (କ)ରେ ଲେଖାଥିବା ସଂଖ୍ୟା ଗୁଡ଼ିକୁ ଲକ୍ଷ୍ୟ କରି ତଳେ ଦିଆଯାଇଥିବା ଶୂନ୍ୟସ୍ଥାନ ପୂରଣ କର ।

୪୦୨, ୪୦୪, ୪୦୬, ________, ________, ________

୪୨୧, ୪୨୪, ୪୨୭, ________, ________, ________

୪୧୦, ୪୧୫, ୪୨୦, ________, ________, ________

୪୧୦, ୪୨୦, ୪୩୦, ________, ________, ________

୪୨୩, ୪୩୩, ୪୪୩, ________, ________, ________

୪. (କ) ଆସ, ୧୦ ଅଧିକା କରି ଲେଖିବା ।

| | | | | |
|---|---|---|---|---|
| ୧୦ | ୧୧୦ | ୩୧୦ | ___ | ୧୧୮ |
| ୨୦ | ୧୨୦ | ___ | ୫୨୦ | ___ |
| ୩୦ | ___ | ___ | ___ | ___ |
| ___ | ___ | ___ | ___ | ___ |
| ___ | ___ | ___ | ___ | ___ |
| ___ | ___ | ___ | ___ | ___ |
| ___ | ___ | ___ | ___ | ___ |
| ___ | ___ | ___ | ___ | ___ |
| ___ | ___ | ___ | ___ | ___ |
| ___ | ___ | ___ | ___ | ___ |
| ୧୦୦ | ୨୦୦ | ୪୦୦ | ୬୦୦ | ୨୦୮ |

(ଖ) ଆସ, ସେହିପରି ୫୦ ଅଧିକା କରି ଗଣିବା ଓ ଲେଖିବା ।

୨୦୦, ୨୫୦, ________, ________, ________, ________

୩୦୦, ________, ________, ________, ________, ________

୬୫୦, ________, ________, ________, ________, ________

(ଗ) ତଳେ ଦିଆଯାଇଥିବା ସଂଖ୍ୟାରୁ ୧୦୦ ଅଧିକା କରି ପାଞ୍ଚଟି ଲେଖାଏଁ ସଂଖ୍ୟା ଲେଖ ।

୧୦୦, ________, ________, ________, ________, ________

୩୨୦ ________, ________, ________, ________, ________

୩୫୦ ________, ________, ________, ________, ________

୨୨୫ ________, ________, ________, ________, ________

୩୨୮ ________, ________, ________, ________, ________

୫. ଅଙ୍କରେ ଲେଖା ହୋଇଥିବା ସଂଖ୍ୟାକୁ ଅକ୍ଷରରେ ଲେଖା ହୋଇଥିବା ସଂଖ୍ୟାର ନାମ ସହିତ ତୀର ଚିହ୍ନ ଦେଇ ଚିହ୍ନାଅ ।

| | |
|---|---|
| ୧୦୨ | ଛଅ ଶହ କୋଡ଼ିଏ |
| ୧୨୩ | ଶହେ ଦୁଇ |
| ୧୩୨ | ଶହେ ବତିଶି |
| ୩୨୧ | ତିନି ଶହ ଅଣାନବେ |
| ୬୨୦ | ଶହେ ତେଇଶି |
| ୩୮୯ | ଚାରି ଶହ ଅଠାନବେ |
| ୪୯୮ | ତିନି ଶହ ଏକୋଇଶି |

୬. ସଂଖ୍ୟା ଗୁଡ଼ିକର ନାମକୁ ଅକ୍ଷରରେ ଲେଖ ।

(କ) ୩୨୫ ..............................................................


(ଖ) ୪୦୭ ..............................................................

(ଗ) ୬୬୯ ..............................................................

(ଘ) ୪୬୦ ..............................................................

(ଙ) ୮୮୮ ..............................................................

୭. କେଉଁ ଅଣ୍ଡାରୁ କେଉଁ କୁକୁଡ଼ା ଛୁଆ ବାହାରିଛି ଗାର ଟାଣି ଯୋଡ଼ ।




୮. (କ) ଏହି ଟେବୁଲରୁ ତିନୋଟି ଅଙ୍କ ବ୍ୟବହାର କରି ତିନି ଅଙ୍କର ସଂଖ୍ୟା ଗଢ଼ । ଦେଖ, କିଏ ସବୁଠାରୁ ବେଶୀ ସଂଖ୍ୟା ଗଢ଼ି ପାରୁଛି । ଯେପରି ୧୮୫, ୨୮୭

| | | |
|---|---|---|
| ୧ | ୨ | ୩ |
| ୮ | ୦ | ୪ |
| ୭ | ୬ | ୫ |

(ଖ) ଏହି ଟେବୁଲର ଅଙ୍କଗୁଡ଼ିକୁ ବ୍ୟବହାର କରି ୩୦୦ ରୁ ୫୦୦ ଭିତରେ ସଂଖ୍ୟା ଗଢ଼ । ଏପରି କେତୋଟି ସଂଖ୍ୟା ହେଲା କହ । ସେମାନଙ୍କ ମଧ୍ୟରେ ସବୁଠାରୁ ସାନ ଓ ସବୁଠାରୁ ବଡ଼ ସଂଖ୍ୟାଟି ଲେଖ । ________ ________

(ଗ) ଏହି ଟେବୁଲରେ ଲାଗି ଲାଗି ଥିବା ତିନୋଟି ଘରର ଅଙ୍କକୁ ନେଇ ତିନି ଅଙ୍କର ବିଭିନ୍ନ ସଂଖ୍ୟା ଗଢ଼ । ଦେଖ, କିଏ ବେଶୀ ଗଢୁଛି । ଯେପରି - ୧୮୭, ୧୦୫ ...........


୯. ତିନିଅଙ୍କ ବିଶିଷ୍ଟ ସଂଖ୍ୟା ଗଠନ କର, ଯେଉଁ ସଂଖ୍ୟାର ଅଙ୍କମାନଙ୍କର ସମଷ୍ଟି ୫ ହେଉଥିବ । ତୁମେ ଏପରି କେତୋଟି ସଂଖ୍ୟା ତିଆରି କରିପାରିବ ?

ଯେପରି - ୩୧୧ (ଏହାର ଅଙ୍କଗୁଡ଼ିକର ସମଷ୍ଟି ୩ + ୧ + ୧ = ୫) । ତୁମେ ତିଆରି କରିଥିବା ସଂଖ୍ୟାଗୁଡ଼ିକୁ ଅକ୍ଷରରେ ତୁମ ଖାତାରେ ଲେଖ ।

ପାଠ - ୪

# ଆସ ଆମେ ଖେଳିବା






ଆସ, ଏହି ଗାର ଉପରେ ଧାଡ଼ି ହୋଇ ଠିଆ ହେବା ।

ଜଣକ ପରେ ଜଣେ ଥରକେ ୯ଟି ଲେଖାଏଁ କାଚବାଟି ଗୋଲେଇ ଭିତରକୁ ପକାଇବା ।

ଭିତର (୧ମ) ଗୋଲେଇରେ ପଡ଼ିଥିବା ପ୍ରତ୍ୟେକ କାଚବାଟିର ମୂଲ୍ୟ ହେଉଛି ୧୦୦ ।

ତାକୁ ଲାଗିଥିବା ଦ୍ୱିତୀୟ ଗୋଲେଇରେ ପଡ଼ିଥିବା ପ୍ରତ୍ୟେକ କାଚବାଟିର ମୂଲ୍ୟ ହେଉଛି ୧୦ ।

ବାହାରକୁ ଥିବା ତୃତୀୟ ଗୋଲେଇରେ ରହିଥିବା ପ୍ରତ୍ୟେକ କାଚବାଟିର ମୂଲ୍ୟ ହେଉଛି ୧ ।

ପ୍ରଥମେ ରିମା ୯ଟି ବାଟି ଧରି ଗଡ଼େଇଲା ।

ଚିତ୍ର ଦେଖି କହ, କେଉଁ ଗୋଲେଇରେ କେତୋଟି ଲେଖାଏଁ କାଚବାଟି ରହିଲା ?

| | | |
|---|---|---|
| ୧ମ ଗୋଲେଇ | | ୩ଟି ବାଟି = ୩ ଶହ = ୩୦୦ |
| ୨ୟ ଗୋଲେଇ | | ୧ଟି ବାଟି = ୧ ଦଶ = ୧୦ |
| ୩ୟ ଗୋଲେଇ | | ୪ଟି ବାଟି = ୪ ଏକ = ୪ |

୩ ଶହ + ୧ ଦଶ + ୪ ଏକ = ୩୦୦ + ୧୦ + ୪ = ୩୧୪

ତୁମେ ସେହିପରି ଖେଳ ଏବଂ ପ୍ରତ୍ୟେକ ପିଲା ବାଟି ଗଡ଼ାଇବା ପରେ କେଉଁ ସଂଖ୍ୟା ପାଇଲ, ତଳ ସାରଣୀରେ ଲେଖ ।

| ନାମ | ୧ମ ଗୋଲେଇ | ୨ୟ ଗୋଲେଇ | ୩ୟ ଗୋଲେଇ | ସଂଖ୍ୟା |
|---|---|---|---|---|
| ରିମା | ୩ | ୧ | ୪ | ୩୧୪ |
| | | | | |

● ଗୁଣ୍ଡୁଚି ଓ ମୂଷା ସେଓଗୁଡ଼ିକୁ ଗଣୁଥିଲା । ସେ କିପରି ଗଣୁଥିଲା ଲକ୍ଷ୍ୟ କର ।




ଚୁଟିଆ ମୂଷା ଗୋଟିଏ ସେଓ ପାଇଁ - △୧ ଚିତ୍ରକାର୍ଡ଼ ରଖିଲା ।

ସେହିପରି ୨ସେଓ ପାଇଁ △୧ △୧ ଚିତ୍ରକାର୍ଡ଼ ବ୍ୟବହାର ହେବ ।

୧୦ଟି ସେଓ ହେବାରୁ, ପ୍ରତି ୧୦ ସେଓ ପାଇଁ [୧୦] ଚିତ୍ରକାର୍ଡ଼ ରଖିଲା ।



୧୦ଟି ସେଓ = [୧୦]

୨୦ଟି ସେଓ = [୧୦] [୧୦]

୬୦ଟି ସେଓ ଓ ୯୦ଟି ସେଓକୁ ଚିତ୍ରକାର୍ଡ଼ରେ କିପରି ପ୍ରକାଶ କରାଯିବ ଦେଖାଅ ।

[୧୦] [୧୦] [୧୦] [୧୦] [୧୦] [୧୦] [୧୦] [୧୦] [୧୦] [୧୦] = (୧୦୦)

ଚୁଟିଆ ମୂଷା ୧୦୦ଟି ସେଓ ପାଇଁ (୧୦୦) ଚିତ୍ରକାର୍ଡ଼ ବ୍ୟବହାର କରୁଥିଲା ।

ଏବେ କହ, ଗୁଣ୍ଡୁଚିମୂଷା ରଖିଥିବା ସେଓକୁ ଚୁଟିଆ ମୂଷା କେମିତି ଚିତ୍ରକାର୍ଡ଼ ଦ୍ୱାରା ଲେଖିବ ।

● ପ୍ରତି ଝୁଡ଼ିରେ ଥିବା ଆମ୍ବକୁ ସଂଖ୍ୟାକାର୍ଡ଼ ଦ୍ୱାରା ସୂଚାଇ ସେହି କାର୍ଡ଼କୁ ଝୁଡ଼ିରେ ଝୁଲାଇ ଦିଆଯାଇଛି ।

କେଉଁ ଝୁଡ଼ିରେ କେତୋଟି ଆମ୍ବ ଅଛି ଲେଖ ।









# ଅଭ୍ୟାସ

୧. ତଳ ଘରଗୁଡ଼ିକୁ ପୂରଣ କର ।

| | | | | | | |
|---|---|---|---|---|---|---|
| ୯୦୨ = | | ଶହ + | | ଦଶ + | | ଏକ |
| ୫୭୨ = | | ଶହ + | | ଦଶ + | | ଏକ |
| ୬୧୦ = | | ଶହ + | | ଦଶ + | | ଏକ |
| ୮୯ = | | ଶହ + | | ଦଶ + | | ଏକ |
| ୮୮୮ = | | ଶହ + | | ଦଶ + | | ଏକ |
| ୩୨୭ = | | ଶହ + | | ଦଶ + | | ଏକ |

୨. ଲକ୍ଷ୍ୟ କର -


୬୨୫ = ୬ ଶହ + ୨ ଦଶ + ୫ ଏକ


= ୬୦୦ + ୨୦ + ୫

ଆସ, ତଳେ ଥିବା ଖାଲି ଘରଗୁଡ଼ିକ ପୂରଣ କରିବା ।


| | | | | | | |
|---|---|---|---|---|---|---|
| ୩୭୬ = | ୩୦୦ | + | ୭୦ | + | ୬ |
| ୪୨୭ = | | + | ୨୦ | + | |
| ୬୦୩ = | ୬୦୦ | + | | + | |
| ୫୨୦ = | | + | ୨୦ | + | |
| ୩୭୭ = | ୩୦୦ | + | | + | ୭ |
| ୩୦୦ = | | + | | + | |

୩. ଖାଲି ସ୍ଥାନରେ ସଂଖ୍ୟା ଲେଖ । ଯେପରି -





୪.  ତଳେ ସଂଖ୍ୟା ଲେଖା ଯାଇଛି । କେଉଁ ଘରେ କେତୋଟି ଗୋଲି ରହିବ ଚିତ୍ରକରି ଦେଖାଅ ।
ଯେପରି –




**୫. ଉତ୍ତର ଲେଖ ।**

| | | |
|---|---|---|
| ୩୧୪ରେ ୧ର ସ୍ଥାନୀୟମାନ | = | ୧୦ |
| ୨୩୫ରେ ୫ର ସ୍ଥାନୀୟମାନ | = | |
| ୭୪୪ରେ ୭ର ସ୍ଥାନୀୟମାନ | = | |
| ୨୧୦ରେ ୨ର ସ୍ଥାନୀୟମାନ | = | |
| ୭୦୪ରେ ୦ର ସ୍ଥାନୀୟମାନ | = | |
| ୮୪୮ରେ ୪ର ସ୍ଥାନୀୟମାନ | = | |

ପାଠ - ୫

# ଆଗ ପଛ ଜାଣିବା



ଦିନେ ଜଙ୍ଗଲରେ ପଶୁପକ୍ଷୀମାନେ ସଭା କଲେ । ସେମାନଙ୍କ ମଧ୍ୟରେ ଭାଳେଣି ପଡ଼ିଲା । ମଣିଷମାନେ ଦିନକୁ ଦିନ ଜଙ୍ଗଲ କାଟି ସଫା କରି ଦେଉଛନ୍ତି । ଜଙ୍ଗଲ ସଫା ହୋଇଗଲେ ଆମେ ରହିବା କେଉଁଠି, ଖାଇବା କ'ଣ ?



କୋକିଶିଆଳି ଉଠି କହିଲା, '' ଆମେ ଗଛ ଲଗାଇବା ଓ ଜଙ୍ଗଲ ରକ୍ଷା କରିବା ।'' ସମସ୍ତେ ଠିକ୍ କଲେ ନର୍ସରୀରୁ ଚାରା ଆଣିବେ । ବଗୁଲୀନାନୀ ନର୍ସରୀରେ ଚାରାଗଛ ବାଣ୍ଟୁଥାଏ । ସମସ୍ତେ ଆଗ ଚାରା ନେବା ପାଇଁ ଜିଦ୍ କରୁଥା'ନ୍ତି । ଏତେ ପଶୁପକ୍ଷୀଙ୍କୁ ଚାରା କିପରି ବାଣ୍ଟିବ ? ବଗୁଲୀନାନୀ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ସଂଖ୍ୟାକାର୍ଡ଼ ଦେଲା । ସେହି ସଂଖ୍ୟା ଅନୁଯାୟୀ ସେମାନଙ୍କୁ ଧାଡ଼ିବାନ୍ଧି ଆସିବାକୁ କହିଲା ।

(କ) ସମସ୍ତଙ୍କ ଆଗରେ ଯିଏ ଅଛି ତା'ର ସଂଖ୍ୟା କେତେ ?

(ଖ) ତା' ପରକୁ କେଉଁ ସଂଖ୍ୟା ଅଛି ?

(ଗ) ୧୧୦ର ପରବର୍ତ୍ତୀ ସଂଖ୍ୟା କେତେ ?

(ଘ) ୧୧୪ର ପୂର୍ବବର୍ତ୍ତୀ ସଂଖ୍ୟା କେତେ ?

(ଙ) ୧୧୦ ଓ ୧୧୪ ମଝିରେ କେଉଁ କେଉଁ ସଂଖ୍ୟା ଅଛି ?

**ଶିକ୍ଷକଙ୍କ ପାଇଁ ସୂଚନା :**

ଶିକ୍ଷକ ତିନିଅଙ୍କ ବିଶିଷ୍ଟ ସଂଖ୍ୟା ପାଇଁ ସଂଖ୍ୟାକାର୍ଡ଼ ପ୍ରସ୍ତୁତ କରିବେ ।
ସେଗୁଡ଼ିକୁ ବ୍ୟବହାର କରି ପୂର୍ବବର୍ତ୍ତୀ, ମଧ୍ୟବର୍ତ୍ତୀ ଓ ପରବର୍ତ୍ତୀ ସଂଖ୍ୟା ସଂପର୍କରେ ଧାରଣା ଦେବେ ।

## ଅଭ୍ୟାସ

୧. ମଝି କୋଠରୀରେ ଥିବା ସଂଖ୍ୟା ଗୁଡ଼ିକର ଠିକ୍ ସଂଖ୍ୟା ଓ ଠିକ୍ ପରବର୍ତ୍ତୀ ସଂଖ୍ୟା ଲେଖ ।

| ଠିକ୍ ପୂର୍ବବର୍ତ୍ତୀ ସଂଖ୍ୟା | ସଂଖ୍ୟା | ଠିକ୍ ପରବର୍ତ୍ତୀ ସଂଖ୍ୟା |
|---|---|---|
| ୧୧୦ | ୧୧୧ | ୧୧୨ |
| ୧୦୦ | ୧୦୧ | |
| | ୨୩୯ | |
| | ୩୩୦ | |
| | ୪୦୦ | |
| | ୫୯୯ | |
| | ୬୬୯ | |

୨. ଖାଲି ଥିବା ସ୍ଥାନ ପୂରଣ କର ।

(କ) ୧୦୧, ୧୦୨, ______, ______, ______ ।

(ଖ) ୨୦୯, ______, ୨୧୧______, ______ ।

(ଗ) ______, ୩୪୦ ______, ______, ୩୪୩

(ଘ) ______, ______, ______, ______, ୫୦୫

୩. ତଳଲିଖିତ ସଂଖ୍ୟା ଦୁଇଟିର ମଧ୍ୟବର୍ତ୍ତୀ ସଂଖ୍ୟାଗୁଡ଼ିକୁ ଲେଖ ।

(କ) ୬୦୮, ______, ______, ______, ୬୧୨

(ଖ) ୮୮୮, ______, ______, ______, ୮୯୨

(ଗ) ୨୯୭, ______, ______, ______, ୩୦୧

(ଘ) ୧୦୧, ______, ______, ______, ୧୦୫

୪. ତଳଲିଖିତ ସଂଖ୍ୟାଗୁଡ଼ିକୁ ଊର୍ଦ୍ଧ୍ୱକ୍ରମ (ସାନରୁ ବଡ଼) ଓ ଅଧଃକ୍ରମ (ବଡ଼ରୁ ସାନ)ରେ ସଜାଅ ।

| ଊର୍ଦ୍ଧ୍ୱକ୍ରମରେ | ଅଧଃକ୍ରମରେ |
|---|---|
| (କ) ୩୦୫, ୩୦୧, ୩୦୩, ୩୦୨, ୩୦୪ | (କ) ୪୬୮, ୪୬୫, ୪୬୪, ୪୬୭, ୪୬୬ |
| (ଖ) ୬୯୯, ୭୦୧, ୭୦୩, ୭୦୨, ୭୦୦ | (ଖ) ୫୯୧, ୫୯୩, ୫୯୫, ୫୯୨, ୫୯୪ |
| (ଗ) ୨୯୪, ୨୯୨, ୨୯୩, ୨୯୧, ୨୯୫ | (ଗ) ୭୦୭, ୭୦୯, ୭୧୦, ୭୦୮, ୭୧୧ |


୫. ରାଜୁ, ରୀତା, ମିତା ଓ ଜୋଶେଫ ତାସ ନେଇ ସଜାଇବା କାମ କରୁଥିଲେ । ତିନୋଟି ଲାଗିଲାଗିଥିବା ସଂଖ୍ୟାକୁ ନେଇ ଗୋଟିଏ ଲେଖାଏଁ ସେଟ୍ ତିଆରି କରୁଥିଲେ । ପ୍ରତ୍ୟେକଙ୍କ ପାଖରେ ୬ପଟ ଲେଖାଏଁ ତାସ ରହୁଥିଲା । ୬ପଟ ତାସକୁ ନେଇ ଦୁଇଟି ଲେଖାଏଁ ସେଟ୍ କରିବେ । ପ୍ରତ୍ୟେକ ପିଲାର ଦୁଇଟି ଯାକ ସେଟ୍‌ର ମଧ୍ୟବର୍ତ୍ତୀ ସଂଖ୍ୟାଟି ଅନ୍ୟ ପାଖରେ ରହିଯାଇଛି । ଚିତ୍ର ଦେଖି କିଏ କେଉଁ କେଉଁ ତାସ ପାଇବେ ଓ କେଉଁ ତାସ କାହାକୁ ଦେବେ ଲେଖ ।




୨୧୧ ୨୦୭
୨୭୪ ୨୭୨
୨୧୩ ୨୬୯




୨୦୬ ୨୮୫
୨୭୩ ୨୫୧
୨୦୮ ୨୫୩



୨୧୯ ୨୯୧
୨୮୪ ୨୨୧
୨୫୨ ୨୮୬




୨୯୦ ୨୬୮
୨୧୨ ୨୯୨
୨୭୦ ୨୨୦




ଏବେ ତଳ ସାରଣୀର ଖାଲି ଘର ପୂରଣ କର -

| ପିଲାଙ୍କ ନାମ | କେଉଁ କେଉଁ ସଂଖ୍ୟା ପାଇଛି | କାହାକୁ କେଉଁ ସଂଖ୍ୟା ଦେବ | କାହା ପାଖରୁ କେଉଁ ସଂଖ୍ୟା ଆଣିବ |
|---|---|---|---|
| ଜୋଶେଫ | ୨୦୬, ୨୭୩, ୨୦୮<br>୨୮୫, ୨୫୧, ୨୫୩ | | |
| ରୀତା | | | |
| ମିତା | | | |
| ରାଜୁ | | | |

## ପାଠ - ୬

# ଯୋଡ଼ ଓ ବେଯୋଡ଼ ସଂଖ୍ୟା ଚିହ୍ନିବା

ତଳେ ପ୍ରତ୍ୟେକ ଧାଡ଼ିରେ ଦିଆଯାଇଥିବା ଚିତ୍ରଗୁଡ଼ିକ ଗଣି ଚିତ୍ର ସଂଖ୍ୟାକୁ ଡାହାଣ ପାଖ ଖାଲି ଘରେ ଲେଖ।

| | |
|---|---|
|  | ୪ |
|  | ୫ |
|  | |
|  | |
|  | |
|  | |
|  | |
|  | |

ଉପରେ ଦେଖାଇ ଦିଆଯାଇଥିବା ଭଳି ପ୍ରତ୍ୟେକ ଧାଡ଼ିରେ ଦୁଇ ଦୁଇଟି ଚିତ୍ରରେ ଗୋଟିଏ ମୁଣ୍ଡୁଳା ବୁଲାଅ। ମୁଣ୍ଡୁଳା ବୁଲାଇବା ପରେ ଯଦି କୌଣସି ଚିତ୍ର ବଳି ନ ପଡ଼େ, ତେବେ ସେହି ଚିତ୍ରମାନଙ୍କର ଡାହାଣପଟେ ଲେଖାଥିବା ସଂଖ୍ୟାଟିରେ ମୁଣ୍ଡୁଳା ବୁଲାଅ।

ଏହିପରି କାମ କରିବା ପରେ କେଉଁ କେଉଁ ସଂଖ୍ୟାରେ ମୁଣ୍ଡୁଳା ବୁଲାଯାଇଛି ଓ କେଉଁଗୁଡ଼ିକରେ ମୁଣ୍ଡୁଳା ବୁଲାଯାଇନାହିଁ, ତଳ ସାରଣୀରେ ଲେଖ।

| ମୁଣ୍ଡୁଳା ବୁଲାଯାଇଥିବା ସଂଖ୍ୟା | ମୁଣ୍ଡୁଳା ବୁଲାଯାଇ ନ ଥିବା ସଂଖ୍ୟା |
|---|---|
| | |

ଯେଉଁ ସଂଖ୍ୟା ଗୁଡ଼ିକରେ ମୁଣ୍ଡୁଳା ବୁଲାଯାଇଛି, ସେଗୁଡ଼ିକ ଯୋଡ଼ ବା ଯୁଗ୍ମ ସଂଖ୍ୟା।

ଯେଉଁ ସଂଖ୍ୟା ଗୁଡ଼ିକରେ ମୁଣ୍ଡୁଳା ବୁଲାଯାଇନାହିଁ, ସେଗୁଡ଼ିକ ବେଯୋଡ଼ ବା ଅଯୁଗ୍ମ ସଂଖ୍ୟା।

• ତଳେ ପ୍ରତ୍ୟେକ ଧାଡ଼ିରେ ଲେଖାଥିବା ସଂଖ୍ୟା ଅନୁଯାୟୀ ପ୍ରତିଧାଡ଼ିରେ ବଲ ଚିତ୍ର ଅଙ୍କନକର । ଦୁଇ ଦୁଇଟି ବଲକୁ ଘର ମଧ୍ୟରେ ରଖ । ସଂଖ୍ୟାଟି ଯୁଗ୍ମ କି ଅଯୁଗ୍ମ ଲେଖ ।

| | | |
|---|---|---|
| ୧୦ |  | ଯୁଗ୍ମ |
| ୧୩ |  | ଅଯୁଗ୍ମ |
| ୧୪ | | |
| ୧୫ | | |
| ୧୨ | | |
| ୧୬ | | |
| ୧୭ | | |
| ୯ | | |
| ୧୮ | | |

ସାରଣୀର ବାମ ପାର୍ଶ୍ୱରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଯୁଗ୍ମ ବୋଲି ଜଣାପଡ଼ିଲା ?

କେଉଁ କେଉଁ ସଂଖ୍ୟାଗୁଡ଼ିକ ଅଯୁଗ୍ମ ବୋଲି ଜଣାପଡ଼ିଲା ?

ଏବେ କହ, ଯୁଗ୍ମ ଓ ଅଯୁଗ୍ମ ସଂଖ୍ୟା କାହାକୁ କୁହାଯାଏ ?

• **ଯୁଗ୍ମ ସଂଖ୍ୟା ଥିବା କୋଠରିଗୁଡ଼ିକରେ ରଂଗ ଦିଅ ।**

| | | | | | | | | | |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | ୩୨ | ୩୩ | ୩୪ | ୩୫ | ୩୬ | ୩୭ | ୩୮ | ୩୯ | ୪୦ |

- **ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ :-**

(କ) ଦୁଇଟି ପାଖାପାଖି ଯୁଗ୍ମ ସଂଖ୍ୟା ମଧ୍ୟରେ ପାର୍ଥକ୍ୟ କେତେ ?

(ଖ) ଦୁଇଟି ପାଖାପାଖି ଅଯୁଗ୍ମ ସଂଖ୍ୟା ମଧ୍ୟରେ ପାର୍ଥକ୍ୟ କେତେ ?

(ଗ) ଯୁଗ୍ମ ସଂଖ୍ୟାମାନଙ୍କର ଏକକ ଘରେ କେଉଁ କେଉଁ ଅଙ୍କ ଥିବାର ଲକ୍ଷ୍ୟ କରୁଛ ?

(ଘ) ଅଯୁଗ୍ମ ସଂଖ୍ୟାମାନଙ୍କର ଏକକ ଘରେ କେଉଁ କେଉଁ ଅଙ୍କ ଥିବାର ଲକ୍ଷ୍ୟ କରୁଛ ?



କୌଣସି ସଂଖ୍ୟାର ଏକକ ଘରର ଅଙ୍କକୁ ଦେଖି ତାହା ଯୁଗ୍ମ କି ଅଯୁଗ୍ମ ସଂଖ୍ୟା ହେବ ତାହା ଜାଣିହୁଏ।
ଯେଉଁ ସଂଖ୍ୟାର ଏକକ ଘରେ ୦, ୨, ୪, ୬ ବା ୮ ଥାଏ ତାହା ଯୁଗ୍ମ ସଂଖ୍ୟା।

- **ପରୀକ୍ଷା କରି ଦେଖ :**

(କ) ଯେକୌଣସି ଦୁଇଟି ଯୁଗ୍ମ ସଂଖ୍ୟାର ଯୋଗଫଳ ଯୁଗ୍ମ କି ଅଯୁଗ୍ମ ସଂଖ୍ୟା ହେବ ?

(ଖ) ଦୁଇଟି ଅଯୁଗ୍ମ ସଂଖ୍ୟା ନେଇ ସେମାନଙ୍କର ଯୋଗଫଳ କେଉଁ ପ୍ରକାରର ସଂଖ୍ୟା ହେଉଛି ଲେଖ ?

(ଗ) ଗୋଟିଏ ଯୁଗ୍ମ ସଂଖ୍ୟାରେ ଗୋଟିଏ ଅଯୁଗ୍ମ ସଂଖ୍ୟା ମିଶାଇଲେ ଯୋଗଫଳ ଯୁଗ୍ମ କି ଅଯୁଗ୍ମ ସଂଖ୍ୟା ହେବ ?

- **ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ :-**

(କ) ୫୦ରୁ ଅଧିକ ଓ ୭୦ରୁ କମ୍ ହେଉଥିବା ୫ଟି ଯୁଗ୍ମ ସଂଖ୍ୟା ଲେଖ।

(ଖ) ଦୁଇଟି ତିନିଅଙ୍କ ବିଶିଷ୍ଟ ଅଯୁଗ୍ମ ସଂଖ୍ୟା ଲେଖ, ପ୍ରତ୍ୟେକ ସଂଖ୍ୟାର ଦଶକ ଘର ଅଙ୍କ ୫ ହେଉଥିବ।

(ଗ) ଚାରୋଟି ତିନିଅଙ୍କ ବିଶିଷ୍ଟ ଯୁଗ୍ମ ସଂଖ୍ୟା ଲେଖ, ଯେପରି ପ୍ରତ୍ୟେକ ସଂଖ୍ୟାର ଅଙ୍କମାନଙ୍କର ସମଷ୍ଟି ୭ ହେଉଥିବ।



# ଅଭ୍ୟାସ

୧. ଚିତ୍ର ଗଣି କୋଠରିରେ ଲେଖ ଓ ତାହା ଯୁଗ୍ମ ବା ଅଯୁଗ୍ମ ଲେଖ ।

| | | |
|---|---|---|
|  | ୪ | ଯୁଗ୍ମ |
|  | | |
|  | | |
|  | | |
|  | | |
|  | | |
|  | | |


୨. ଯୁଗ୍ମ ସଂଖ୍ୟାଗୁଡ଼ିକରେ ମୁଣ୍ଡୁଳା ବୁଲାଅ ।

| | | | | | |
|---|---|---|---|---|---|
| ୬ | ୧୪ | ୩୦ | ୧୬୭ | ୪୦୪ | ୨୨୮ |
| ୩ | ୫୪ | ୫୯ | ୨୦୮ | ୫୭୬ | ୪୧୧ |
| ୫୬ | ୩୪ | ୧୦୪ | ୭୧ | ୩୧୫ | ୪୩୮ |
| ୧୦୮ | ୫୨୪ | ୩୫୫ | ୭୫୦ | ୫୨ | ୯୯୯ |

୩. ଅଯୁଗ୍ମ ସଂଖ୍ୟାଗୁଡ଼ିକରେ ମୁଣ୍ଡୁଳା ବୁଲାଅ ।

| | | | | | |
|---|---|---|---|---|---|
| ୭ | ୪୭ | ୭୬ | ୨୪୨ | ୮୩ | ୪୦୭ |
| ୮ | ୭୮ | ୮୫ | ୧୩୮ | ୧୪୫ | ୩୫୧ |
| ୪୩ | ୫୪ | ୭୯ | ୧୦୫ | ୨୧୫ | ୬୧୯ |
| ୮୧ | ୨୬୩ | ୬୨୫ | ୯୭୦ | ୬୪୭ | ୨୩୪ |

୪. ଯୁଗ୍ମ ସହ ଯୁଗ୍ମ, ଅଯୁଗ୍ମ ସହ ଅଯୁଗ୍ମ ସଂଖ୍ୟାକୁ କ୍ରମାନ୍ୱୟରେ ଯୋଡ଼ି ଚିତ୍ର କର।



୫. (କ) ୨୫ ରୁ ଅତି କମ୍‌ରେ ________ ବିୟୋଗ କଲେ ଯୁଗ୍ମ ସଂଖ୍ୟାଟିଏ ହେବ।

(ଖ) ୯ରେ ଅତି କମ୍‌ରେ ________ ଯୋଗ କଲେ ଅଯୁଗ୍ମ ସଂଖ୍ୟାଟିଏ ହେବ।

୬.

| | | |
|---|---|---|
| ୮ | ୨ | ୩ |
| ୫ | ୦ | ୪ |
| ୬ | ୭ | ୯ |

ଏହି ଟେବୁଲରୁ ଅଙ୍କନେଇ ସଂଖ୍ୟା ତିଆରି କରି ତଳେ ଲେଖ। ସଂଖ୍ୟାଗୁଡ଼ିକ ଦୁଇ ଅଙ୍କ ବିଶିଷ୍ଟ ବା ତିନି ଅଙ୍କ ବିଶିଷ୍ଟ ହୋଇପାରେ। ଯୁଗ୍ମ ସଂଖ୍ୟାଗୁଡ଼ିକୁ ମୁଣ୍ଡୁଳା ବୁଲାଅ। ଦେଖ, କିଏ କେତେ ଅଧିକ ଯୁଗ୍ମ ସଂଖ୍ୟା ପାଇପାରୁଛି।

________ ________ ________ ________ ________

________ ________ ________ ________ ________

୭. △ ମଧ୍ୟରେ ଅଯୁଗ୍ମ ସଂଖ୍ୟା ଓ □ ମଧ୍ୟରେ ଯୁଗ୍ମ ସଂଖ୍ୟା ଲେଖାଯିବ ।

△ + □ + △ = ୧୮

△ ଓ □ ମଧ୍ୟରେ ତୁମେ କେଉଁ କେଉଁ ସଂଖ୍ୟା ଲେଖି ଯୋଗଫଳ ୧୮ ପାଇପାରୁଛ ?

ପାଠ - ୭

# ସ୍ଥାନ ଜାଣିବା




ଉପରେ ଦିଆଯାଇଥିବା ଚିତ୍ରକୁ ଲକ୍ଷ୍ୟ କର । ଧାଡ଼ିରେ ଠିଆ ହୋଇଥିବା ଲୋକମାନେ କ'ଣ କରୁଛନ୍ତି ?

ଧାଡ଼ିରେ ବ୍ୟାଗ ଧରିଥିବା ସ୍ତ୍ରୀ ଲୋକଟିର ସ୍ଥାନ ପ୍ରଥମ ।

ସେହିପରି : ଏମାନେ କେଉଁ କେଉଁ ସ୍ଥାନରେ ଅଛନ୍ତି ଚିତ୍ର ଦେଖି ଲେଖ ।

- ଜଣେ ଲଣ୍ଡା ଲୋକ ________
- ପଞ୍ଜାବୀ (ମୁଣ୍ଡରେ ପଗଡ଼ି ଥାଇ) ଲୋକ ________
- ରୁଦ୍ରାକ୍ଷ ମାଳା ପିନ୍ଧିଥିବା ଲୋକ ________
- ଲମ୍ବା ଦାଢ଼ି ଥିବା ଓ ହାତରେ ବ୍ୟାଗ ଧରିଥିବା ଲୋକ ________
- ମୁଣ୍ଡରେ ଫୁଲ ଥିବା ଜଣେ ଆଦିବାସୀ ସ୍ତ୍ରୀ ଲୋକ ________
- ଆଦିବାସୀ ମହିଳାଙ୍କ ପଛରେ ଥିବା ଲୋକ ________
- ଟୋପି ଲଗାଇଥିବା ଲୋକ ________
- ଚଷମା ପିନ୍ଧିଥିବା ସ୍ତ୍ରୀ ଲୋକ ________
- ବାଡ଼ି ଧରି ଚାଲୁଥିବା ବୁଢ଼ୀ ଲୋକ ________
- ସ୍ତ୍ରୀ ଲୋକମାନେ ଧାଡ଼ିରେ କେଉଁ କେଉଁ ସ୍ଥାନରେ ଅଛନ୍ତି ________

- ଇଂରାଜୀରେ ବାର ମାସର ନାମ :-

  ଜାନୁଆରୀ, ଫେବୃଆରୀ, ମାର୍ଚ୍ଚ, ଅପ୍ରେଲ୍, ମଇ, ଜୁନ୍, ଜୁଲାଇ,
  ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର, ଡିସେମ୍ବର ।

ଇଂରାଜୀ ବର୍ଷର ଚତୁର୍ଥ ମାସ ହେଉଛି ଏପ୍ରିଲ୍ । ସେହିପରି ଅଗଷ୍ଟ ହେଉଛି ବର୍ଷର ଅଷ୍ଟମ ମାସ ।

- ସପ୍ତାହର ସାତ ଦିନର ନାମ :-

ରବିବାର, ସୋମବାର, ମଙ୍ଗଳବାର, ବୁଧବାର, ଗୁରୁବାର, ଶୁକ୍ରବାର, ଶନିବାର ।

ସପ୍ତାହର ପ୍ରଥମ ଦିନ ରବିବାର ବୋଲି କହିବା । ସେହିପରି ଶୁକ୍ରବାର ହେଉଛି ସପ୍ତାହର ଷଷ୍ଠ ଦିନ ।

**ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଆଦିକୁ ପୂରଣବାଚକ ସଂଖ୍ୟା କହନ୍ତି ।**

ପ୍ରତ୍ୟେକ ପୂରଣବାଚକ ସଂଖ୍ୟା ଗୋଟିଏ ଗୋଟିଏ ସ୍ଥାନ ବା ନିର୍ଦ୍ଦିଷ୍ଟ ସ୍ଥାନର ବସ୍ତୁକୁ ବୁଝାଏ ।



ପ୍ରଥମ ଦ୍ୱିତୀୟ ତୃତୀୟ ଚତୁର୍ଥ ପଞ୍ଚମ

## ଅଭ୍ୟାସ

୧. **ଲେଖ** - ସପ୍ତାହର ଦ୍ୱିତୀୟ ଦିନର ନାମ । ____________

ଗୁରୁବାର, ସପ୍ତାହର କେଉଁ ଦିନ ? ____________

ରବିବାର, ସପ୍ତାହର କେଉଁ ଦିନ ? ____________

ବର୍ଷର ଚତୁର୍ଥ ମାସର ନାମ । ____________

ଜୁନ୍, ବର୍ଷର କେଉଁ ମାସ ? ____________

୨. ସେପ୍ଟେମ୍ବର, ୨୦୧୪

| | | | | | |
|---|---|---|---|---|---|
| ରବି | | ୭ | ୧୪ | ୨୧ | ୨୮ |
| ସୋମ | ୧ | ୮ | ୧୫ | ୨୨ | ୨୯ |
| ମଙ୍ଗଳ | ୨ | ୯ | ୧୬ | ୨୩ | ୩୦ |
| ବୁଧ | ୩ | ୧୦ | ୧୭ | ୨୪ | |
| ଗୁରୁ | ୪ | ୧୧ | ୧୮ | ୨୫ | |
| ଶୁକ୍ର | ୫ | ୧୨ | ୧୯ | ୨୬ | |
| ଶନି | ୬ | ୧୩ | ୨୦ | ୨୭ | |

**ଉପର କ୍ୟାଲେଣ୍ଡର ଦେଖି କହ ଓ ଲେଖ :**


କ) ଏହି ମାସରେ କେତୋଟି ରବିବାର ଅଛି ? ________

ଖ) ମାସର ତୃତୀୟ ରବିବାର କେତେ ତାରିଖ ? ________

ଗ) ମାସର ପ୍ରଥମ ରବିବାର କେତେ ତାରିଖ ? ________

ଘ) ମାସର ଚତୁର୍ଥ ସୋମବାର କେତେ ତାରିଖ ? ________

୩. **ଆସ ମିଳିମିଶି ଗାଇବା :-**




ଘିଡ଼ି ଘିଡ଼ି ଶବଦରେ ରେଳଗାଡ଼ି ଆସିବ,
ଠିଆ ହୋଇଥାଅ ସବୁ ବେଗେ ବେଗେ ବସିବ ।
ତରତର ହୋଇ ଭାଇ ପଶିଯିବା ଭିତରେ,
ଚୁନୁ, ଖୁନୁ, ଟୁନୁ, ମିଟୁ ବସିଯିବେ ସିଟ୍‌ରେ ।

ନେଉଳ, ଗୁଣ୍ଡୁଚି ମୂଷା ଖପ୍ ଖପ୍ ଉଠିବେ,
ବାଘ, ଭାଲୁ, ହାତୀ, ଗଧ ନିଜ କଥା ବୁଝିବେ ।
ଆସିଗଲା ରେଳଗାଡ଼ି ଲମ୍ବା ସିଟି ବଜାଇ,
ନେଇଗଲା ଯେତେଥିଲେ ନିଜ ଦେହେ ସଜାଇ ।

ଚିତ୍ର ଦେଖି କହ :-

୧. କାଉ ରେଳଗାଡ଼ିର କେଉଁ ଡବାରେ ବସିଛି ?
୨. ନେଉଳ କେଉଁ ଡବାରେ ଅଛି ?
୩. ଦ୍ୱାଦଶ ଡବାରେ କିଏ ବସିଛି ?
୪. ବାଘ କେଉଁ ଡବାରେ ବସିଛି ?
୫. ପଞ୍ଚଦଶ ଡବା ପରେ କେଉଁ ଡବା ପଡ଼ିବ ?
୬. ଭାଲୁ ଯେଉଁ ଡବାରେ ଅଛି ତା ପୂର୍ବବର୍ତ୍ତୀ ଡବା କେଉଁଟି ?
୭. ବାଘ ଓ ବଗ ବସିଥିବା ଡବା ମଧ୍ୟରେ କେଉଁ କେଉଁ ଡବା ଅଛି ?

**ଶିକ୍ଷକଙ୍କ ପାଇଁ ସୂଚନା :** ଏକାଦଶରୁ ବିଂଶ ପର୍ଯ୍ୟନ୍ତ ପୂରଣବାଚକ ସଂଖ୍ୟା ସଂପର୍କରେ ଧାରଣା ଦେବା ପାଇଁ ଶିକ୍ଷକ ଏହିଭଳି ଅନେକ ପ୍ରଶ୍ନ ତିଆରି କରି ପିଲାଙ୍କୁ ପଚାରିବେ ।

୪. ଚିତ୍ରରେ ସର୍କସ ଖେଳ ଦେଖ।



ବାଘ ପ୍ରଥମ ସ୍ଥାନରେ ଅଛି।

ଅନ୍ୟ ପଶୁ ଓ ପକ୍ଷୀମାନେ କିଏ କେଉଁ ସ୍ଥାନରେ ଅଛନ୍ତି କହ।

୫. ଗୋଟିଏ ଘରର କାନ୍ଥରେ ଷୋହଳଟି ଥାକ ଅଛି । କେଉଁ ଥାକରେ କେଉଁ ଜିନିଷ ଅଛି ତାହା ତଳେ ଲେଖାଯାଇଛି। ତୁମେ କାନ୍ଥର ଉପଯୁକ୍ତ ଥାକରେ ଜିନିଷ ଗୁଡ଼ିକର ଚିତ୍ରକରି ଖାତାରେ ସେଗୁଡ଼ିକୁ ଦେଖାଅ ।

ଦ୍ୱାଦଶ ଥାକରେ ବଲ୍, ପ୍ରଥମ ଥାକରେ ପେନସିଲ୍ ।

ଚତୁର୍ଦ୍ଦଶ ଥାକରେ କପ୍, ଷଷ୍ଠ ଥାକରେ ବୋତଲ ।

ଏକାଦଶ ଥାକରେ ବେଲୁନ୍, ଦ୍ୱିତୀୟ ଥାକରେ ବାଲ୍‌ଟି ।

ଷୋଡ଼ଶ ଥାକରେ ଅଣ୍ଡା, ତୃତୀୟ ଥାକରେ ବହି ।

ତ୍ରୟୋଦଶ ଥାକରେ ଗୁଡ଼ି, ଚତୁର୍ଥ ଥାକରେ ଫୁଲ ।

ପଞ୍ଚଦଶ ଥାକରେ ଗ୍ଲାସ, ପଞ୍ଚମ ଥାକରେ ନଟୁ ।


ସପ୍ତମ ଥାକରେ ଛୁରୀ, ଅଷ୍ଟମ ଥାକରେ କଳସୀ ।

ନବମ ଥାକରେ ରବର, ଦଶମ ଥାକରେ ପିଜୁଳି ।

ପାଠ - ୮

# କିଏ ବେଶୀ କିଏ କମ୍ ?

ତଳ ଉଦାହରଣକୁ ଲକ୍ଷ୍ୟ କର । ପ୍ରତ୍ୟେକ ଧାଡ଼ିରେ କେତୋଟି କାଠି ବା ଫଳ ଅଛି ଗଣି କହ ।



୩୧୨



୧୩୪




୨୦୫




୧୨୬

ତଳେ ଥିବା ଚିତ୍ରକୁ ଲକ୍ଷ୍ୟ କର ।





ଉଭୟ ଥାଳିରେ ସମାନ ସଂଖ୍ୟକ ଆମ୍ବ ଅଛି ।

ବାମ ପାଖ ଥାଳିରେ ୬ଟି ଫଳ ଓ ଡାହାଣ ପାଖ ଥାଳିରେ ୪ଟି ଫଳ । ଏଠାରେ ଅଧିକ କିଏ ?



୬ ବଡ଼, ୪ ସାନ

ଅର୍ଥାତ୍ ୬ > ୪

ଏଠାରେ ଡାହାଣ ପାଖ ଥାଳିରେ ୮ଟି ଆମ୍ବ ଓ ବାମ ପାଖ ଥାଳିରେ ୩ଟି ଆମ୍ବ ଅଛି । ଏଠାରେ ୩ସାନ, ୮ବଡ଼



ଅର୍ଥାତ ୮ > ୩

ବା ୩ < ୮

୩ ୧ ୨
↕
୧ ୩ ୪

୩୧୨ର ଶତକ ସ୍ଥାନର ଅଙ୍କ ୧୩୪ର ଶତକ ସ୍ଥାନର ଅଙ୍କଠାରୁ ବଡ଼।

ଅର୍ଥାତ ୩୧୨ > ୧୩୪

ବା ୧୩୪ < ୩୧୨

୨୦୫ର ଶତକ ସ୍ଥାନର ଅଙ୍କ ୧୨୬ର ଶତକ ସ୍ଥାନର ଅଙ୍କଠାରୁ ବଡ଼। ତେଣୁ ୨୦୫ ଠାରୁ ୧୨୬ ସାନ। ୧୨୬ ଠାରୁ ୨୦୫ ବଡ଼।

ଅର୍ଥାତ ୨୦୫ > ୧୨୬

ବା ୧୨୬ < ୨୦୫

୨ ୦ ୫
↕
୧ ୨ ୬

ଦୁଇଟି ତିନିଅଙ୍କ ବିଶିଷ୍ଟ ସଂଖ୍ୟା ମଧ୍ୟରେ ଯେଉଁ ସଂଖ୍ୟାର ଶତକ ସ୍ଥାନର ଅଙ୍କଟି ବଡ଼, ସେହି ସଂଖ୍ୟାଟି ବଡ଼ ।

## ଅଭ୍ୟାସ

୧. ପ୍ରତ୍ୟେକ ଧାଡ଼ିରେ ଥିବା ସଂଖ୍ୟା ଦୁଇଟି ମଧ୍ୟରୁ ବଡ଼ ସଂଖ୍ୟା ଚାରିପଟେ ଗୋଲ ବୁଲାଅ ।

| | |
|---|---|
| (୯୫୪) —— | ୮୬୯ |
| ୩୫୨ | ୪୮୬ |
| ୬୦୩ | ୫୮୭ |
| ୭୮୦ | ୯୦୬ |
| ୮୦୦ | ୬୦୦ |
| ୪୬୫ | ୨୧୮ |
| ୧୩୮ | ୩୫୪ |
| ୩୮୦ | ୬୪୦ |

୨. ତଳେ ଦୁଇଟି ସଂଖ୍ୟା ମଧ୍ୟରେ > ବା < ଚିହ୍ନ ଦିଅ ।



| | | |
|---|---|---|
| ଯେପରି - ୨୭୪ | > | ୧୦୧ |
| ୫୩୬ | | ୮୨୯ |
| ୨୩୪ | | ୩୩୫ |
| ୯୦୦ | | ୭୬୦ |
| ୭୯୯ | | ୮୦୧ |
| ୪୯୭ | | ୫୦୦ |



ଲକ୍ଷ୍ୟ କର : • ୫୪୧ ଓ ୫୩୪ ମଧ୍ୟରେ ଶତକ ସ୍ଥାନର ଅଙ୍କ ଦ୍ୱୟ ସମାନ ।

୫୪୧ ଓ ୫୩୪ ମଧ୍ୟରେ ୫୪୧ର ଦଶକ ସ୍ଥାନରେ ବଡ଼ ଅଙ୍କ ଅଛି ।

ତେଣୁ ୫୪୧ ବଡ, ୫୩୪ ସାନ ।

୫୪୧ > ୫୩୪


• ୨୩୬ ଓ ୨୧୮ ମଧ୍ୟରେ ତୁଳନା କରିବା ।




୨ ୩ ୬

୨ ୧ ୮

୨ = ୨ ୩ > ୧




ତେଣୁ ୨୩୬ > ୨୧୮

- ୨୧୫ ଓ ୨୧୩ର ଶତକ ଘରେ ସମାନ ଅଙ୍କ ଅଛି।

  ୨୧୫ ଓ ୨୧୩ର ଦଶକ ଘରେ ସମାନ ଅଙ୍କ ଅଛି।

  ୨୧୫ ଓ ୨୧୩ ମଧ୍ୟରେ ୨୧୫ର ଏକକ ସ୍ଥାନରେ ବଡ଼ ଅଙ୍କ ଅଛି।

ତେଣୁ ୨୧୫, ୨୧୩ ଠାରୁ ବଡ଼   [୧୦୦] [୧୦୦] [୧୦] ○○○○○   ୨୧୫

ବା ୨୧୩, ୨୧୫ ଠାରୁ ସାନ   ↕

୨୧୫ > ୨୧୩   [୧୦୦] [୧୦୦] [୧୦] ○○○   ୨୧୩

୨୧୩ < ୨୧୫


## ଅଭ୍ୟାସ

୧. ପ୍ରତ୍ୟେକ ଧାଡ଼ିର ସାନ ସଂଖ୍ୟା ଚାରିପଟେ ଗୋଲ ବୁଲାଅ ।

| | |
|---|---|
| ୭୬୧ | (୭୩୬) |
| ୮୭୦ | ୮୫୮ |
| ୧୦୫ | ୧୩୩ |
| ୬୨୨ | ୬୧୬ |
| ୫୮୫ | ୫୧୬ |
| ୩୬୭ | ୩୯୨ |
| ୯୪୫ | ୯୫୪ |


୨. ପ୍ରତି ଯୋଡ଼ାରେ ଯାହାର ଦାମ୍ ଅଧିକ ତାକୁ ରଙ୍ଗ କର।

(କ)



୮୫୦ ଟଙ୍କା   ୮୫୬ ଟଙ୍କା

(ଖ)



୯୮୦ ଟଙ୍କା   ୯୮୫ ଟଙ୍କା

(ଗ)



୭୯୮ ଟଙ୍କା



୭୯୫ ଟଙ୍କା

(ଘ)




୬୬୦ ଟଙ୍କା




୬୬୪ ଟଙ୍କା

୩. ଗୋଲ ଭିତରେ > , < ବା = ଚିହ୍ନ ଦିଅ ।

୫୫୫ ◯ ୫୫୦
୩୭୮ ◯ ୩୭୫
୪୨୮ ◯ ୪୨୯
୬୫୪ ◯ ୬୫୯
୩୩୮ ◯ ୩୩୮
୬୫୯ ◯ ୬୫୯
୮୭୫ ◯ ୮୭୪

୪. ପ୍ରତି ଧାଡ଼ିରେ ଥିବା ସଂଖ୍ୟାମାନଙ୍କ ମଧ୍ୟରେ ଯେଉଁଟି ସବୁଠାରୁ ବଡ଼ ତା' ଚାରିପଟେ ◯ ବୁଲାଅ ଓ ଯେଉଁଟି ସବୁଠାରୁ ସାନ ସେଥିରେ △ ଚିତ୍ର କର ।

| | | | | |
|---|---|---|---|---|
| (୪୩୨) | ୩୨୪ | △୨୩୪ | ୪୨୩ | ୩୪୨ |
| ୬୨୮ | ୬୮୨ | ୮୫୭ | ୭୮୫ | ୪୯୮ |
| ୫୮୭ | ୭୮୭ | ୭୭୮ | ୫୭୮ | ୮୮୫ |
| ୩୭୫ | ୪୬୧ | ୫୭୫ | ୮୯୮ | ୬୦୮ |
| ୯୦୦ | ୮୯୯ | ୯୮୯ | ୮୦୯ | ୯୯୦ |
| ୧୨୮ | ୨୧୮ | ୧୮୨ | ୧୨୨ | ୨୨୧ |

୫. ତଳ ସାରଣୀରୁ ଅଙ୍କମାନଙ୍କୁ ନେଇ ଯେତେ ପାରୁଛ ତିନି ଅଙ୍କ ବିଶିଷ୍ଟ ସଂଖ୍ୟା ତିଆରି କର । ବଡ଼ ସଂଖ୍ୟା ଓ ସାନ ସଂଖ୍ୟା ଚିହ୍ନାଅ ।

| | | |
|---|---|---|
| ୨ | ୨ | ୩ |
| ୪ | ୦ | ୫ |
| ୬ | ୭ | ୮ |

୬. କୋଠରି ମଧ୍ୟରେ >,< ବା = ଚିହ୍ନ ବସାଅ ।

| | | | | |
|---|---|---|---|---|
| ୨୫୬ | < | ୨୬୫ | > | ୨୫୨ |
| ୭୩୨ | | ୭୨୩ | | ୭୨୭ |
| ୫୮୪ | | ୪୮୫ | | ୫୪୮ |
| ୯୩୬ | | ୯୩୬ | | ୯୩୬ |
| ୮୩୮ | | ୮୩୭ | | ୮୩୭ |
| ୧୭୧ | | ୧୧୭ | | ୭୧୧ |
| ୬୫୯ | | ୫୬୯ | | ୫୯୬ |
| ୧୩୦ | | ୧୨୯ | | ୨୧୯ |

୭.



୪୩୨, ୩୪୨, ୨୩୪, ୬୩୪, ୨୧୩, ୧୫୬, ୬୪୩, ୩୪୦

ଟ୍ରେନର ଡବାରେ ଲେଖା ଯାଇଥିବା ଏହି ନମ୍ବର ଗୁଡ଼ିକ ତଳକୁ ଖସି ଯାଇଛି । ବଡ଼ରୁ ସାନ କ୍ରମେ ସଂଖ୍ୟାଗୁଡ଼ିକୁ ସଜାଇ ପ୍ରତ୍ୟେକ ଡବାରେ ତା’ ନମ୍ବର ଲେଖ ।

୮. ସାନରୁ ବଡ଼ କ୍ରମେ ସଂଖ୍ୟାଗୁଡ଼ିକୁ ସଜାଇ ତା’ ତଳେ ଥିବା ଖାଲି ସ୍ଥାନରେ ଲେଖ ।

| | | | | | | |
|---|---|---|---|---|---|---|
| (କ) | ୫୨୦ | ୩୭୮ | ୭୩୮ | ୩୮୭ | ୩୮୮ | ୨୫୨ |
| | | | | | | |
| (ଖ) | ୯୮୧ | ୯୧୮ | ୯୯୧ | ୧୯୯ | ୯୧୯ | ୧୮୯ |
| | | | | | | |
| (ଗ) | ୪୩୭ | ୭୩୪ | ୩୪୭ | ୪୭୩ | ୩୭୪ | ୭୪୩ |
| | | | | | | |
| (ଘ) | ୫୩୮ | ୩୫୮ | ୩୫୯ | ୫୩୦ | ୩୨୯ | ୬୪୨ |
| | | | | | | |

୯. (କ) ୧, ୨, ଓ ୩ କୁ ନେଇ ଯେତୋଟି ପାରୁଛ ତିନିଅଙ୍କବିଶିଷ୍ଟ ସଂଖ୍ୟା ତିଆରି କର । ସେଥି ମଧ୍ୟରୁ ସବୁଠାରୁ ବଡ଼ ସଂଖ୍ୟାଟିରେ ମୁଣ୍ଡୁଳା ବୁଲାଅ ।

(ଖ) ୧, ୦, ୩ କୁ ବ୍ୟବହାର କରି ତିନିଅଙ୍କବିଶିଷ୍ଟ ସଂଖ୍ୟା ତିଆରି କର (କୌଣସି ଅଙ୍କ ଥରକରୁ ଅଧିକ ବ୍ୟବହାର କରାଯିବ ନାହିଁ )। ସଂଖ୍ୟାଗୁଡ଼ିକ ମଧ୍ୟରୁ ବଡ଼ ସଂଖ୍ୟା ଓ ସାନ ସଂଖ୍ୟାକୁ ଲେଖ ।

(ଗ) ତିନିଅଙ୍କବିଶିଷ୍ଟ ବୃହତ୍ତମ ଓ କ୍ଷୁଦ୍ରତମ ସଂଖ୍ୟା ଦୁଇଟି ଲେଖ ।

ପାଠ - ୯

# ଆସ ମିଶାଣ ଶିଖିବା

ପୋଖରୀରେ ମାଛ ଓ ବେଙ୍ଗଙ୍କର ଲାଗିଲା ଲଢ଼େଇ । କେହି କାହାରିକୁ ଛାଡ଼ିବାକୁ ନାହିଁ । ଯାହାର ସଂଖ୍ୟା ଅଧିକ, ସେମାନେ ପୋଖରୀର ମାଲିକ ହେବେ । ସମସ୍ତେ ସମସ୍ତଙ୍କ ଜିଦ୍‌ରେ ଅଟଳ । ମାଛମାନେ କହିଲେ, ଆମ ସଂଖ୍ୟା ଅଧିକ । ବେଙ୍ଗମାନେ କହିଲେ, ଆମ ସଂଖ୍ୟା ଅଧିକ ।

ଶେଷରେ ସେମାନେ ବୁଢ଼ା କଇଁଛ ପାଖକୁ ଗଲେ । କଇଁଛବୁଢ଼ା ପ୍ରଥମେ ମାଛମାନଙ୍କୁ ଗୋଟି ଗୋଟି କରି ଗଣିଲା । ବଡ଼ ମାଛ ୨୬୩ଟି, ଛୋଟ ମାଛ ୩୨୮ଟି । ବଡ଼ ବେଙ୍ଗ ୨୩୮ଟି, ଛୋଟ ବେଙ୍ଗ ୩୫୪ଟି ।

କାହାର ସଂଖ୍ୟା ଅଧିକ ହେବ ? ମାଛମାନଙ୍କର ନା ବେଙ୍ଗମାନଙ୍କର ?

ଆସ, ମୋଟ ମାଛ ସଂଖ୍ୟା ବାହାର କରିବା -

$$\begin{array}{r} ୨୬୩ \\ +\ ୩୨୮ \\ \hline \end{array}$$



ପ୍ରଥମେ ଏକକ ଘରୁ ମିଶାଣ ଆରମ୍ଭ କରାଯିବ ।
୩ ଏକ + ୮ ଏକ = ୧୧ ଏକ
୧୧ ଏକ = ୧ ଦଶ ଓ ୧ ଏକ
ମିଶାଣ ଫଳର ଏକକ ସ୍ଥାନରେ ୧ ଲେଖାଯିବ ।

**ଦଶକ ଘର ଅଙ୍କମାନଙ୍କର ଯୋଗ**

ଏକକ ଘର ଯୋଗଫଳରୁ ଆସିଥିବା ୧ ଦଶ ଏଠି ମିଶିବ ।
୬ ଦଶ + ୨ ଦଶ + ୧ ଦଶ = ୯ ଦଶ
ମିଶାଣ ଫଳରେ ଦଶକ ସ୍ଥାନରେ ୯ ରହିବ ।

| | ଶତକ | ଦଶକ | ଏକକ |
|---|---|---|---|
| | | (୧) | |
| | ୨ | ୬ | ୩ |
| + | ୩ | ୨ | ୮ |
| | ୫ | ୯ | ୧ |

**ଶତକ ଘର ଅଙ୍କମାନଙ୍କର ଯୋଗ**

୨ ଶହ + ୩ ଶହ = ୫ ଶହ
ମିଶାଣ ଫଳର ଶତକ ସ୍ଥାନରେ ୫ ରହିବ ।

ମୋଟ ହେଲା - ୫ ଶତ + ୯ ଦଶ + ୧ ଏକ

= ୫୦୦ + ୯୦ + ୧

= ୫୯୧

  ୨୬୩
+ ୩୨୮

ମୋଟ ମାଛ = ୫୯୧

ସେହିପରି, ମୋଟ ବେଙ୍ଗ ସଂଖ୍ୟା ନିର୍ଣ୍ଣୟ କର ।

  ୨୩୮
+ ୩୫୪

ମୋଟ ବେଙ୍ଗ =

ଏବେ କହ, କେଉଁମାନେ ହେବେ ପୋଖରୀର ମାଲିକ ?

- ବିଦ୍ୟାଳୟ ବଗିଚାରେ ଫୁଲଗଛ ଲଗାଯିବାକୁ ସ୍ଥିର ହେଲା । ପ୍ରଥମ ଶ୍ରେଣୀ ପିଲାମାନେ ୧୭୩ଟି ଫୁଲଗଛ, ଦ୍ୱିତୀୟ ଶ୍ରେଣୀ ପିଲାମାନେ ୧୫୪ଟି ଫୁଲଗଛ ଓ ତୃତୀୟ ଶ୍ରେଣୀ ପିଲାମାନେ ୨୦୯ଟି ଫୁଲଗଛ ଲଗାଇଲେ । ମୋଟ କେତୋଟି ଫୁଲଗଛ ଲଗାଗଲା ?

ପ୍ରଥମ ଶ୍ରେଣୀ ପିଲା ଲଗାଇଥିବା ଗଛ ସଂଖ୍ୟା = ୧୭୩     ୧୭୩

ଦ୍ୱିତୀୟ ଶ୍ରେଣୀ ପିଲା ଲଗାଇଥିବା ଗଛ ସଂଖ୍ୟା = ୧୫୪     + ୧୫୪

ତୃତୀୟ ଶ୍ରେଣୀ ପିଲା ଲଗାଇଥିବା ଗଛ ସଂଖ୍ୟା = ୨୦୯     + ୨୦୯

ମୋଟ ଫୁଲଗଛ ସଂଖ୍ୟା = ୧୭୩ + ୧୫୪ + ୨୦୯ = ________

- ଜଣେ କୃଷକ ତାଙ୍କ ବଗିଚାରୁ ଟ୍ରଲିରେ ନଡ଼ିଆ ଘରକୁ ବୁହାଇଲେ । ପ୍ରଥମ ଥର ୩୦୦ଟି, ଦ୍ୱିତୀୟ ଥର ୩୨୫ଟି ଓ ତୃତୀୟ ଥର ୨୮୫ଟି ବୁହାଇଥିଲେ । ମୋଟରେ ତାଙ୍କ ବଗିଚାରୁ କେତେ ନଡ଼ିଆ ଘରକୁ ଆସିଲା ?

ପ୍ରଥମ ଥର ବୁହାହୋଇଥିବା ନଡ଼ିଆ ସଂଖ୍ୟା = ☐

ଦ୍ୱିତୀୟ ଥର ବୁହାହୋଇଥିବା ନଡ଼ିଆ ସଂଖ୍ୟା = ☐

ତୃତୀୟ ଥର ବୁହାହୋଇଥିବା ନଡ଼ିଆ ସଂଖ୍ୟା = ☐


ମୋଟ୍ ନଡ଼ିଆ ସଂଖ୍ୟା = ☐ + ☐ + ☐ = ☐

## ଅଭ୍ୟାସ

୧. ଚିତ୍ର ଦେଖି କହ ଓ ଲେଖ ।




୨. ତଳେ ଥିବା ଖାଲି ଘରଗୁଡ଼ିକୁ ପୂରଣ କର।




୩. ତଳକୁ ତଳ, କୋଣକୁ କୋଣ ଥିବା ସଂଖ୍ୟାଗୁଡ଼ିକୁ ଯୋଗ କର। କ'ଣ ପାଇଲ କହ ।

| | | |
|---|---|---|
| ୧୬୭ | ୧୬୦ | ୧୬୫ |
| ୧୬୨ | ୧୬୪ | ୧୬୬ |
| ୧୬୩ | ୧୬୮ | ୧୬୧ |

୪. ତଳେ ୫ଟି ଗାଈ ଓ ୫ଟି ବାଛୁରୀ ଚିତ୍ର ଦିଆଯାଇଛି । ସଂଖ୍ୟା ମେଳକ ହେଉଥିବା କେଉଁ ବାଛୁରୀ କେଉଁ ଗାଈ ପାଖକୁ ଯିବ ଗାର ଟାଣି ସୂଚାଅ ।







୫.

| | | |
|---|---|---|
| ୧ | ୨ | ୩ |
| ୬ | ୮ | ୦ |
| ୨ | ୪ | ୫ |

ଏହି ଟେବୁଲରେ ଲାଗି ଲାଗି ଥିବା ଯେ କୌଣସି ତିନୋଟି ଘରର ଅଙ୍କକୁ ନେଇ ତିନି ଅଙ୍କ ବିଶିଷ୍ଟ ସଂଖ୍ୟା ଗଢ଼ । (ଯେତୋଟି ସମ୍ଭବ) । ଯେଉଁ ସଂଖ୍ୟାଗୁଡ଼ିକ ପାଇଲ ସେଥିରୁ ତିନୋଟି ଲେଖାଏଁ ଯୋଗ କର । ଦେଖ, କିଏ ଏହିପରି ବେଶୀ ଯୋଗ କରି ପାରୁଛି ।

୬. **ସମାଧାନ କର ।**

| | |
|---|---|
| (କ) ପ୍ରଥମ ଝୁଡ଼ିରେ ୨୮୬ଟି ଭେଣ୍ଡି ଓ ଦ୍ୱିତୀୟ ଝୁଡ଼ିରେ ୧୩୭ଟି ଭେଣ୍ଡି ଅଛି । ଏବେ କହ, ଦୁଇଟିଯାକ ଝୁଡ଼ିରେ ମୋଟ କେତେ ଭେଣ୍ଡି ଅଛି ? | ୨୮୬<br>+ ୧୩୭<br>୪୨୩ ଟି ଭେଣ୍ଡି ଅଛି । |
| (ଖ) ଗୁଟୁର ବିଲରେ ୨୧୫ଟି ମକାଗଛ ଓ ୨୨୮ଟି ବାଜରା ଗଛ ଅଛି । ସେହି ବିଲରେ ମୋଟ କେତେ ଗଛ ଅଛି ? | |
| (ଗ) ଗୋଟିଏ ବିଦ୍ୟାଳୟରେ ୨୩୪ ଜଣ ବାଳକ ଓ ୧୮୫ ଜଣ ବାଳିକା ଅଛନ୍ତି । ତେବେ, ସେ ବିଦ୍ୟାଳୟରେ ମୋଟ କେତେ ପିଲା ଅଛନ୍ତି ? | |
| (ଘ) ପଡ଼ିଆରେ ୧୨୩ ଟି ଗାଈ, ୩୨୬ଟି ଛେଳି ଓ ୨୭୯ଟି ମଇଁଷି ଚରୁଛନ୍ତି । ତେବେ, ପଡ଼ିଆରେ ମୋଟ କେତେ ପଶୁ ଚରୁଛନ୍ତି ? | |

| | |
|---|---|
| (ଙ) ରାଜୁ ଗୋଟିଏ ଦିନରେ ୨ ୧ ୬ଟି ଇଟା ତିଆରି କଲା ଓ ମଧୁ ୨ ୮ ୪ଟି ଇଟା ତିଆରି କଲା । ଦୁଇଜଣ ମିଶି ଗୋଟିଏ ଦିନରେ କେତେ ଇଟା ତିଆରି କଲେ ? | |
| (ଚ) କବିତା ପାଖରେ ୪ ୨ ୫ ଟଙ୍କା, ମିକି ପାଖରେ ୨ ୩୮ ଟଙ୍କା ଓ ଲୁଟୁ ପାଖରେ ୧ ୪ ୭ ଟଙ୍କା ଅଛି । ଏହି ତିନି ଜଣଙ୍କ ପାଖରେ ମୋଟ କେତେ ଟଙ୍କା ଅଛି ? | |
| (ଛ)ଗୋଟିଏ ଗ୍ରାମରେ ୨ ୨ ୮ ଜଣ ପୁରୁଷ, ୨ ୩ ୭ ଜଣ ସ୍ତ୍ରୀ ଓ ୨ ୫ ୪ ଜଣ ବାଳକ ବାଳିକା ଅଛନ୍ତି । ତେବେ, ସେ ଗ୍ରାମର ଲୋକସଂଖ୍ୟା କେତେ ? | |

**୭. ଆସ, ଅନୁମାନ କରି ଯୋଗଫଳ କରିବା :**

**୪୩ ଓ ୨ ୧ କୁ ମିଶାଇଲେ ମିଶାଣ ଫଳ ୫୦ ରୁ ବେଶୀ ହେବ ନା ୫୦ ରୁ କମ୍ ହେବ ?**

ଆମେ ଅନୁମାନ କରିବା ସମୟରେ ସଂଖ୍ୟା ଦୁଇଟିର ଏକକ ଘର ଅଙ୍କକୁ ବାଦ୍ ଦେଇ ସଂଖ୍ୟା ଦୁଇଟିକୁ ମିଶାଇଲେ ପାଇବା = ୪୦ + ୨୦ = ୬୦

ଏଣୁ ୪୩ ଓ ୨ ୧ ର ମିଶାଣ ଫଳ ୫୦ରୁ ବେଶୀ ।

ସେହିପରି କହ :-

(କ) ୬୨ + ୩୩ର ଯୋଗଫଳ ୮୦ ରୁ ବେଶୀ ନା ୮୦ ରୁ କମ୍ ହେବ ?

(ଖ) ୫୫ + ୨୪ = ୮୦ ରୁ ବେଶୀ ନା ୮୦ ରୁ କମ୍ ?

୮. ତଳେ ଦିଆ ଯାଇଥିବା ସଂଖ୍ୟା ଦୁଇଟିର ମିଶାଣ ଫଳ ଅନୁମାନ କର ଓ ଡାହାଣ ପାଖରେ ଥିବା ଉତ୍ତର ମଧ୍ୟରୁ ଠିକ୍ ଉତ୍ତରକୁ ଗାର ଦେଇ ଚିହ୍ନିତ କର ।

| ସଂଖ୍ୟା ଦୁଇଟି | ଯୋଗଫଳ |
|---|---|
| (କ) ୧୪ + ୨୩ | • ୩୦ ରୁ ବେଶୀ |
| | • ୩୦ ରୁ କମ୍ |
| | • ୩୦ ସହିତ ସମାନ |
| (ଖ) ୪୯ + ୨୦ | • ୭୦ ରୁ ବେଶୀ |
| | • ୭୦ ରୁ କମ୍ |
| | • ୭୦ ସହିତ ସମାନ |
| (ଗ) ୩୧ + ୫୧ | • ୮୦ ରୁ କମ୍ |
| | • ୮୦ ରୁ ବେଶୀ |
| | • ୮୦ ସହିତ ସମାନ |
| (ଘ) ୬୨ + ୨୫ | • ୭୦ ରୁ ବେଶୀ |
| | • ୭୦ ରୁ କମ୍ |
| | • ୭୦ ସହିତ ସମାନ |

୯. **ମନେ ମନେ ହିସାବ କର ଓ କହ –**

(କ) ଅର୍ପିତା ୮ଟି ଚକୋଲେଟ ଖାଇଲା । ଅର୍ପିତା ଠାରୁ ଅର୍ଚ୍ଚିତା ୫ଟି ଚକୋଲେଟ ଅଧିକା ଖାଇଲା । ତେବେ ଅର୍ଚ୍ଚିତା କେତୋଟି ଚକୋଲେଟ ଖାଇଲା ?

(ଖ) ରୁନି ୭ଟି ଫୁଲ ତୋଳିଲା । ମୁନି ୯ଟି ଫୁଲ ତୋଳିଲା । ଦୁଇଜଣଙ୍କ ଫୁଲ ନେଇ ଗୋଟିଏ ଫୁଲହାର ତିଆରି କଲେ । ସେହି ହାରରେ କେତୋଟି ଫୁଲ ରହିଲା ?

(ଗ) ରବି ପାଖରେ ୨୨ଟଙ୍କା ଥିଲା । ବାପା ତାକୁ ଆଉ ୧୨ ଟଙ୍କା ଦେଲେ । ତା' ପାଖରେ ମୋଟ କେତେ ଟଙ୍କା ହେଲା ?

(ଘ) ମିତା ଜନ୍ମ ହେବା ବେଳକୁ ଗୀତାର ବୟସ ୪ ବର୍ଷ ହୋଇଥିଲା । ମିତାକୁ ୫ ବର୍ଷ ହେଲା ବେଳକୁ ଗୀତାର ବୟସ କେତେ ହେବ ?

(ଙ) କେଉଁ ସଂଖ୍ୟାରୁ ୧୧ ବିୟୋଗ କଲେ ବିୟୋଗ ଫଳ ୨୨ ହେବ ?


(ଚ) ଦୁଇଟି ସଂଖ୍ୟାର ବିୟୋଗଫଳ ୫ । ସାନ ସଂଖ୍ୟାଟି ୧୫ ହେଲେ, ବଡ଼ ସଂଖ୍ୟାଟି କେତେ ?

ପାଠ - ୧୦

# ଫେଡ଼ାଣ ଜାଣିବା

ସୀତା ଓ ଗୀତା ବଣକୁ ଯାଇ କେନ୍ଦୁପତ୍ର ତୋଳିଲେ । ଶେଷରେ ସେମାନେ ନିଜ ନିଜ ପତ୍ରକୁ ଏକାଠି କଲେ । ସୀତା କହିଲା, ସେ ବେଶୀ ପତ୍ର ତୋଳିଛି । ଗୀତା କହିଲା, ସେ ବେଶୀ ପତ୍ର ତୋଳିଛି । ଏହିପରି ସେମାନଙ୍କ ମଧ୍ୟରେ କଳି ହେଲା । ଏହି ସମୟରେ ମିତା ସେଠାରେ ପହଞ୍ଚିଲା । ସେମାନେ ମିତାକୁ ଡାକି କଳିର ସମାଧାନ କରିବାକୁ କହିଲେ ।

ମିତା ସେମାନଙ୍କୁ କହିଲା, 'ତୁମେ ନିଜ ନିଜର ପତ୍ର ସବୁକୁ ଶହେଟିକିଆ ବିଡ଼ା, ଦଶଟିକିଆ ବିଡ଼ା ଓ ବଳକା ପତ୍ରକୁ ଗୋଟି ଗୋଟି କରି ରଖ ।'

| | ୧୦୦ ଟିକିଆ ବିଡ଼ା | ୧୦ ଟିକିଆ ବିଡ଼ା | ଗୋଟିକିଆ ପତ୍ର | ମୋଟ ପତ୍ର ସଂଖ୍ୟା |
|---|---|---|---|---|
| ସୀତାର ପତ୍ର |  |  |  | ୩୪୫ |
| ଗୀତାର ପତ୍ର |  |  |  | ୨୩୨ |

ମିତା - ସୀତା, ତୁମର ପତ୍ର ସଂଖ୍ୟା କେତେ ?
ଗୀତା, ତୁମର ପତ୍ର ସଂଖ୍ୟା କେତେ ?
ଏବେ କହ, କାହାର ପତ୍ର ସଂଖ୍ୟା ବେଶୀ ?

ସୀତା - ଶତକ ଘରେ ମୋର ୩ଟି ବିଡ଼ା ଅଛି, ତେଣୁ ମୋର ବେଶୀ ।
ଗୀତା କହିଲା, 'ଆରେ ହଁ' ।

ମିତା - ତେବେ ଗୀତାଠାରୁ ସୀତାର ପତ୍ର ସଂଖ୍ୟା କେତେ ବେଶୀ ?
ଉଭୟ ଭାବିଲେ । କ'ଣ କଲେ ତାହା ଜଣା ପଡ଼ିବ ଚିନ୍ତା କଲେ ।

ମିତା - ଫେଡ଼ାଣ କଲେ ତାହା ଜଣା ପଡ଼ିବ । **ଫେଡ଼ାଣ ବେଳେ ବଡ଼ ସଂଖ୍ୟାକୁ ଉପରେ ଓ ସାନ ସଂଖ୍ୟାକୁ ତଳେ ଲେଖାଯାଏ । ସ୍ଥାନୀୟ ମାନ ଅନୁସାରେ ସଂଖ୍ୟା ଦ୍ୱୟକୁ ତଳକୁ ତଳ ଲେଖାଯାଏ । ଏକକ ଅଙ୍କରୁ ଏକକ ଅଙ୍କ, ଦଶକ ଅଙ୍କରୁ ଦଶକ ଅଙ୍କ ଓ ଶତକ ଅଙ୍କରୁ ଶତକ ଅଙ୍କକୁ ବିୟୋଗ କରାଯାଏ ।**

ଏବେ କହ,

| | |
|---|---|
| ୫ ରୁ ୨ ଗଲେ କେତେ ? | ୩୪୫ |
| ୪ ରୁ ୩ ଗଲେ କେତେ ? | – ୨୩୨ |
| ୩ ରୁ ୨ ଗଲେ କେତେ ? | ୧୧୩ |

ତେବେ, ସୀତା ପାଖରେ ଗୀତା ଅପେକ୍ଷା କେତୋଟି ପତ୍ର ଅଧିକ ଅଛି ?

ଯାତ୍ରାରେ ମୂଷାନନା ମିଠେଇ ଦୋକାନରେ ଭାରି ଭିଡ଼ । ଦୋକାନରେ ସମସ୍ତଙ୍କ ଦାବି ଆଗ ମିଠେଇ କିଣିବେ । ଭିଡ଼ରେ ରହିଛନ୍ତି ପିମ୍ପୁଡ଼ି, ମାଛି, ମଶା, ମହୁମାଛି ଓ ଝିଣ୍ଟିକା । ପିମ୍ପୁଡ଼ି ଥିଲେ ୯୭୨, ମାଛି ୬୭୯, ମଶା ୪୩୮, ମହୁମାଛି ୮୨୪ ଓ ଝିଣ୍ଟିକା ଥିଲେ ୨୧୬ । ଭିଡ଼ରେ ଜଣା ପଡୁ ନଥିଲା କେଉଁମାନେ ଅଧିକ ଓ କେଉଁମାନେ କମ୍ ଅଛନ୍ତି । ସମସ୍ତେ ପାଟି କରୁଛନ୍ତି, ଆମ ଦଳ ବଡ଼ ତେଣୁ ଆମକୁ ଆଗ ମିଠେଇ ଦିଆଯାଉ ।

ବର୍ତ୍ତମାନ ତୁମେ କହ,

କେଉଁ ଦଳରେ ସବୁଠାରୁ ଅଧିକ ଜୀବ ଅଛନ୍ତି ?



**ମଶା ଝିଣ୍ଟିକାଠାରୁ କେତେ ଅଧିକ ?**

| | | | |
|---|---|---|---|
| ୪୩୮ = | ୪ ଶହ | ୩ ଦଶ | ୮ ଏକ |
| - ୨୧୬ = - | ୨ ଶହ | ୧ ଦଶ | ୬ ଏକ |
| | ୨ ଶହ | ୨ ଦଶ | ୨ ଏକ |

୮ ଏକରୁ ୬ ଏକ ଫେଡ଼ାଣ କଲେ ବଳକା ରହିଲା ୨ ଏକ

୩ ଦଶରୁ ୧ ଦଶ ଫେଡ଼ାଣ କଲେ ବଳକା ରହିଲା ୨ ଦଶ

୪ ଶହରୁ ୨ ଶହ ଫେଡ଼ାଣ କଲେ ବଳକା ରହିଲା ୨ ଶହ

  ୪୩୮
- ୨୧୬
  ୨୨୨

ଅର୍ଥାତ୍, ଝିଣ୍ଟିକାଙ୍କଠାରୁ ମଶାଙ୍କ ସଂଖ୍ୟା ୨୨୨ ଅଧିକ ।

**ମହୁମାଛି ମାଛିଠାରୁ କେତେ ଅଧିକ ?**

| | | | |
|---|---|---|---|
| ୮୨୪ (ମହୁମାଛି) = | ୮ ଶହ | ୨ ଦଶ | ୪ ଏକ |
| ୬୭୯ (ମାଛି) = | ୬ ଶହ | ୭ ଦଶ | ୯ ଏକ |

| ଶତକ | ଦଶକ | ଏକକ |
|---|---|---|
| ୮ | ୨ | ୪ |
| -୬ | ୭ | ୯ |
| ୧ | ୪ | ୫ |

୪ ଏକରୁ ୯ ଏକ ଫେଡ଼ି ହେବ ନାହିଁ । କ'ଣ କରିବା ?

ଦଶକ ଘରୁ ଏକ ଦଶ ଆଣି ୪ ଏକରେ ମିଶେଇଲେ ୧୦ + ୪ = ୧୪ ଏକ ହେବ । ବର୍ତ୍ତମାନ ୧୪ ରୁ ୯ ଫେଡ଼ିଲେ ବଳକା ରହିଲା ୫ ଏକ । ଦଶକ ସ୍ଥାନରେ ରହିଲା ୧ ଦଶ । ସେଥିରୁ ଫେଡ଼ିବା ୭ ଦଶ । କିନ୍ତୁ ୧ରୁ ୭ ବଡ଼ । କ'ଣ କରିବା ? ଶତକ ଘରୁ ଏକ ଶହ ଆଣିବା । ଦଶକ ଘରେ ସଂଖ୍ୟା ହେଲା ୧୦ + ୧ = ୧୧ ଦଶ ।

୧୧ ଦଶରୁ ୭ ଦଶ ଫେଡ଼ିଲେ ବଳକା ରହିଲା ୪ ଦଶ। ଶତକ ଘରେ ରହିଲା ଆଉ ୭ ଶହ। ସେଥିରୁ ୬ ଶହ ଫେଡ଼ିଲେ ବଳକା ରହିଲା ୧ ଶହ ।

```
  ୮୨୪
- ୬୭୯
------
  ୧୪୫
```

ମହୁମାଛିଙ୍କ ସଂଖ୍ୟା ମାଛିମାନଙ୍କ ସଂଖ୍ୟାରୁ କେତେ ଅଧିକ ?

ଏବେ ନିର୍ଣ୍ଣୟ କର -

(କ) ପିମ୍ପୁଡ଼ି ସଂଖ୍ୟା ମାଛି ସଂଖ୍ୟାଠାରୁ କେତେ ଅଧିକ ?

(ଖ) ମାଛି ସଂଖ୍ୟା ମଶା ସଂଖ୍ୟାଠାରୁ କେତେ ବେଶୀ ?

(ଗ) ଝିଣ୍ଟିକା ସଂଖ୍ୟା ମହୁମାଛି ସଂଖ୍ୟାଠାରୁ କେତେ କମ୍ ?

(ଘ) ଝିଣ୍ଟିକା ସଂଖ୍ୟା ପିମ୍ପୁଡ଼ି ସଂଖ୍ୟାଠାରୁ କେତେ କମ୍ ?

## ଅଭ୍ୟାସ

୧. ଗୋଲାକାର ଚିତ୍ରର ଖାଲି ସ୍ଥାନଗୁଡ଼ିକରେ ସଂଖ୍ୟା ଲେଖ, ଯେପରି ପ୍ରତ୍ୟେକ ଧାଡ଼ିରେ ସଂଖ୍ୟା ଦୁଇଟିର ଯୋଗଫଳ ୬୭୮ ହେବ ।



୨. 


ଚିତ୍ର ଦେଖି କହ।

(କ) ରେଡ଼ିଓଠାରୁ ପ୍ରେସରକୁକର୍ ଦାମ୍ କେତେ କମ୍ ?

(ଖ) ଇସ୍ତ୍ରୀ ଦାମ୍‌ଠାରୁ ଘଣ୍ଟାର ଦାମ୍ କେତେ ଅଧିକ ?

(ଗ) ବାକ୍ସ ଦାମ୍ ଘଣ୍ଟା ଦାମ୍‌ଠାରୁ କେତେ ଅଧିକ ?

(ଘ) ପ୍ରେସରକୁକର ଦାମ୍ ଗ୍ରାଇଣ୍ଡର ଦାମ୍‌ଠାରୁ କେତେ କମ୍ ?


(ଙ) ଇସ୍ତ୍ରୀ ଦାମ୍ ବାକ୍ସ ଦାମ୍‌ଠାରୁ କେତେ କମ୍ ?


୩.

| | | |
|---|---|---|
| ୧ | ୫ | ୩ |
| ୯ | ୦ | ୮ |
| ୪ | ୬ | ୨ |

ଏହି ଟେବୁଲରୁ ଅଙ୍କଗୁଡ଼ିକୁ ନେଇ ଯେତେ ପାର ତିନି ଅଙ୍କ ବିଶିଷ୍ଟ ସଂଖ୍ୟା ଗଢ଼। ସେଥିରୁ ଦୁଇ ଯୋଡ଼ା ଲେଖାଏଁ ସଂଖ୍ୟା ବାଛି ବଡ଼ ସଂଖ୍ୟାରୁ ସାନ ସଂଖ୍ୟାର ବିୟୋଗଫଳ ନିର୍ଣ୍ଣୟ କର। ଦେଖ, କିଏ ସବୁଠାରୁ ବେଶୀ ବିୟୋଗ କରି ପାରୁଛି।

୪. କେଉଁ ବେଙ୍ଗ କେଉଁ ସାରୁବୁଦା ପାଖକୁ ଯିବ ଚିହ୍ନାଅ ।




**୫. ତଳେ ଦିଆଯାଇଥିବା ଗପଟିକୁ ପଢ଼ ଓ ଉତ୍ତର ଲେଖ ।**

ଭୀମା ଭାବିଲା କ୍ଷୀର କିଣି ଖାଇବା ଆଉ ସମ୍ଭବ ନୁହେଁ । ଏଥର କ୍ଷୀର ଦେଉଥିବା ଗାଈଟିଏ କିଣିବି । କିଛି ଟଙ୍କା ଧରି ସେ ହାଟକୁ ଗଲା । ଗୋଟିଏ ଦୁଧିଆଳୀ ଗାଈ କିଣିବାକୁ ଗାଈବିକାଳିକୁ ଦାମ୍ ପଚାରିବାରୁ ସେ ୮୯୭ଟଙ୍କା କହିଲା । ଭୀମା ଦେଖିଲା ତା' ପାଖରେ ଏତେ ଟଙ୍କା ନାହିଁ । ଭୀମା ଏପଟ ସେପଟ ଚାହିଁଲା । ଭୀମାର ଏ ଅବସ୍ଥା ଦେଖି ଗାଈ ବିକୁଥିବା ଲୋକ କହିଲା, "ତୁମ ପାଖରେ କେତେ ଟଙ୍କା ଅଛି କହ ।" ଟଙ୍କା ଗଣି ଭୀମା କହିଲା ୫୩୮ ଟଙ୍କା । ଗାଈବିକାଳି କହିଲା, ଗାଈ ତ ନେଲ ନାହିଁ । ବାଛୁରୀଟିଏ ୩୬୯ ଟଙ୍କାରେ କିଣିନିଅ । ଭୀମା ଭାବିଲା, ଗାଈଟିଏ କାହିଁକି ଅଧିକ ଟଙ୍କା ଦେଇ ନେବ । କମ୍ ଟଙ୍କା ଦେଇ ବାଛୁରୀଟିଏ ନେଇ ଅଳ୍ପ କେତେ ଦିନ ପାଳିଲେ ତାହା ବଡ଼ ହୋଇ ଗାଈ ହେଲେ କ୍ଷୀର ଦେବ । ଏହା ଭାବି ସେ ବାଛୁରୀଟିଏ କିଣିଲା ।

(କ) ବାଛୁରୀ କିଣିବା ପରେ ଭୀମା ପାଖରେ କେତେ ଟଙ୍କା ବଳିଲା ?

ଭୀମା ହାଟକୁ ନେଇଥିବା ଟଙ୍କା = ☐ ଟଙ୍କା

ବାଛୁରୀ କିଣିବାରେ ଖର୍ଚ୍ଚ ଦେଇଥିବା ଟଙ୍କା = ☐ ଟଙ୍କା

ବଳକା ଟଙ୍କା = ☐ ଟଙ୍କା = ☐ ଟଙ୍କା

(ଖ) **କେତେ ଟଙ୍କା ଅଧିକା ନେଇଥିଲେ ସେ ଗାଇଟିକୁ କିଣିପାରିଥା'ନ୍ତା ?**

ଗାଇଟିର ଦାମ୍ ଥିଲା ________ ଟଙ୍କା

ଭୀମା ପାଖରେ ଥିଲା ________ ଟଙ୍କା

________

ଆଉ ଦରକାର ଥିଲା ________ ଟଙ୍କା

**୬. ସମାଧାନ କର ।**

| | |
|---|---|
| (କ) ୯୮୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଛାତ୍ରମାନଙ୍କ ସଂଖ୍ୟା ୪୯୭ ହେଲେ, ଛାତ୍ରୀମାନଙ୍କ ସଂଖ୍ୟା କେତେ ? | ୯୮୬<br>- ୪୯୭<br>୪୮୯ |
| (ଖ) ଦିନେ କୁକୁଡ଼ା ଫାର୍ମରେ କୁକୁଡ଼ାମାନେ ୬୦୦ଟି ଅଣ୍ଡା ଦେଇଥିଲେ । ସେଥିରୁ ୪୮୭ଟି ଅଣ୍ଡା ବିକ୍ରି ହୋଇଗଲା । ସେଦିନ କେତୋଟି ଅଣ୍ଡା ବଳକା ରହିଲା ? | |
| (ଗ) ଗୋଟିଏ ଗ୍ରାମରେ ଥିବା ୭୩୭ ଜଣ ଲୋକଙ୍କ ମଧ୍ୟରୁ ୪୮୯ ଜଣଙ୍କର ନାମ ଭୋଟର ତାଲିକାରେ ରହିଛି । ତେବେ, କେତେ ଜଣ ଲୋକଙ୍କର ନାମ ଭୋଟର ତାଲିକାରେ ନାହିଁ ? | |
| (ଘ) ତିନି ଅଙ୍କ ବିଶିଷ୍ଟ ବୃହତ୍ତମ ସଂଖ୍ୟାରୁ ତିନି ଅଙ୍କ ବିଶିଷ୍ଟ କ୍ଷୁଦ୍ରତମ ସଂଖ୍ୟା କେତେ ସାନ ? | |


୭. ବାତ୍ୟାପାଣ୍ଠି ଲାଗି ହରିପୁର ସ୍କୁଲରୁ ୪୨୫ ଟଙ୍କା ସଂଗ୍ରହ କରାଗଲା । ବିଦେଇପୁର ସ୍କୁଲରୁ ହରିପୁର ସ୍କୁଲ ଅପେକ୍ଷା ୧୩୦ଟଙ୍କା ଅଧିକ ସଂଗ୍ରହ କରାଗଲା । ତେବେ ଏହି ଦୁଇ ସ୍କୁଲରୁ ମୋଟ କେତେ ଟଙ୍କା ସଂଗ୍ରହ କରାଗଲା ?

ବାତ୍ୟା ପାଣ୍ଠିଲାଗି ହରିପୁର ସ୍କୁଲରୁ ସଂଗ୍ରହ ହେଲା = ________ ଟଙ୍କା

ବିଦେଇପୁର ସ୍କୁଲରୁ ସଂଗ୍ରହ ହେଲା = ________ ଟଙ୍କା

ଦୁଇ ସ୍କୁଲରୁ ମୋଟ ସଂଗ୍ରହ ହେଲା ________ + ________ = ________ ଟଙ୍କା

୮. ଏବେ କହ ଓ ଲେଖ (+ ଚିହ୍ନ ତଳେଥିବା ☐ ମଧ୍ୟରେ କେଉଁ ସଂଖ୍ୟା ରହିବ) ।




୯. କେଉଁ ଯୋଡ଼ି କାହା ସହିତ ମିଶିବ ତୀର ଚିହ୍ନ ଦେଇ ଚିହ୍ନାଅ ।

| | |
|---|---|
| ୨୩ + ୨୫ | ୨୨ + ୧୫ |
| ୪୮ − ୧୧ | ୧୪ + ୧୦ |
| ୧୫ + ୧୨ | ୩୨ − ୧୨ |
| ୪୯ − ୩୭ | ୩୯ − ୧୨ |
| ୪୨ − ୨୨ | ୧୧ + ୩୭ |
| ୩୬ − ୧୨ | ୩୭ − ୨୫ |

୧୦.




(କ) ବାଘ ଓ ଭାଲୁ ମିଶିଲେ କେତୋଟି ପଶୁ ହେବେ ?

ଉପର ପ୍ରଶ୍ନ ଭଳି ଆଉ ତିନୋଟି ପ୍ରଶ୍ନ ତିଆରି କର ।

(ଖ) କୁମ୍ଭୀରଙ୍କ ସଂଖ୍ୟାଠାରୁ ଜେବ୍ରାଙ୍କ ସଂଖ୍ୟା କେତେ କମ୍ ?

**'କମ୍'** ଶବ୍ଦକୁ ବ୍ୟବହାର କରି ଉପର ପ୍ରଶ୍ନ ଭଳି ଆଉ ଦୁଇଟି ପ୍ରଶ୍ନ ତିଆରି କର ।

୧୧. (କ) ତଳେ ଗୋଟିଏ ପ୍ରଶ୍ନର ସମାଧାନକୁ ପ୍ରଥମେ ଲେଖାଯାଇଛି । ତା' ପରେ ପ୍ରଶ୍ନଟି ଲେଖାଯାଇଛି, ଲକ୍ଷ୍ୟ କର ।



କୁମାର ପୂର୍ଣ୍ଣିମା ଦିନ -

ମା' ତିଆରି କରିଥିବା ମଣ୍ଡାପିଠା ସଂଖ୍ୟା = ୩୨

ଜେଜେ ମା' ତିଆରି କରିଥିବା ଆରିସାପିଠା ସଂଖ୍ୟା = ୨୪

ମୋଟ୍ ପିଠା ସଂଖ୍ୟା = ୫୬

ଏହି ସମାଧାନ ପାଇଁ ପ୍ରଶ୍ନଟି କ'ଣ ହେବ ଲକ୍ଷ୍ୟ କର -

କୁମାର ପୂର୍ଣ୍ଣିମା ଦିନ ମା' ୩୨ଟି ମଣ୍ଡାପିଠା ତିଆରି କଲେ । ଜେଜେ ମା' ୨୪ଟି ଆରିଷା ପିଠା ତିଆରି କରିଥିଲେ । ସେଦିନ ମୋଟ କେତୋଟି ପିଠା ତିଆରି ହୋଇଥିଲା ?

**ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ସମାଧାନ ପାଇଁ ପ୍ରଶ୍ନଟି କ'ଣ ହେବ ଲେଖ ।**

(କ) ବଗିଚାରେ କାମ କରୁଥିବା ଦ୍ୱିତୀୟ ଶ୍ରେଣୀର ବାଳିକା ସଂଖ୍ୟା = ୨୦

ବଗିଚାରେ କାମ କରୁଥିବା ତୃତୀୟ ଶ୍ରେଣୀର ବାଳିକା ସଂଖ୍ୟା = ୧୭

ବଗିଚାରେ କାମ କରୁଥିବା ମୋଟ ବାଳିକା ସଂଖ୍ୟା = ୩୭

(ଖ) ଜନ୍ମ ଦିନରେ ଆସିଥିବା ଚକୋଲେଟ ସଂଖ୍ୟା = ୫୬

ପିଲାମାନଙ୍କୁ ବାଣ୍ଟିଥିବା ଚକୋଲେଟ୍ ସଂଖ୍ୟା = ୪୨

ତୁମ ପାଖରେ ବଳିଥିବା ଚକୋଲେଟ ସଂଖ୍ୟା = ୧୪

**୧୨.ଆସ, ଅନୁମାନ କରି ବିୟୋଗଫଳ କହିବା :**

୮୭ ରୁ ୨୬ କୁ ବିୟୋଗ କଲେ ବିୟୋଗ ଫଳ ୫୦ ରୁ ବେଶୀ ହେବ ନା ୫୦ ରୁ କମ୍ ହେବ ?

ଆମେ ଅନୁମାନ କରିବା ସମୟରେ ସଂଖ୍ୟା ଦୁଇଟିର ଏକକ ଘରର ଅଙ୍କକୁ ବାଦ ଦେଇ ବିୟୋଗ କଲେ ପାଇବା ୮୦ - ୨୦ = ୬୦, ଏଣୁ ୮୭ ରୁ ୨୬ ବିୟୋଗ କଲେ ବିୟୋଗ ଫଳ ୫୦ ରୁ ବେଶୀ ହେବ ।

ସେହିପରି କହ :-

(କ) ୫୮ ଓ ୧୫ ର ବିୟୋଗ ଫଳ ୩୦ ରୁ ବେଶୀ ନା ୩୦ରୁ କମ୍ ହେବ ?

୫୦ - ୧୦ = ୪୦, ତେଣୁ ବିୟୋଗଫଳ ୩୦ରୁ ବେଶୀ ।

(ଖ) ୮୫ - ୩୦ ର ମୂଲ୍ୟ ୪୦ ରୁ ବେଶୀ ନା ୪୦ ରୁ କମ୍ ହେବ ?

୧୩. ପ୍ରତ୍ୟେକ କୋଠରିରେ ଦିଆଯାଇଥିବା ସଂଖ୍ୟା ଦୁଇଟିର ବିୟୋଗଫଳ ଅନୁମାନ କର । ତା'ର ଡାହାଣ ପଟେ ଥିବା ତିନୋଟି ଉତ୍ତର ମଧ୍ୟରୁ ଠିକ ଉତ୍ତରକୁ ଗାର ଦେଇ ଚିହ୍ନିତ କର ।

| | |
|---|---|
| ୫୪ – ୩୦ | • ୨୦ ରୁ ବେଶୀ<br>• ୨୦ ରୁ କମ୍<br>• ୨୦ ସହିତ ସମାନ |

| | |
|---|---|
| ୮୯ – ୨୮ | • ୬୦ ରୁ ବେଶୀ<br>• ୬୦ ରୁ କମ୍<br>• ୬୦ ସହିତ ସମାନ |

| | |
|---|---|
| ୬୮ – ୪୪ | • ୨୦ ରୁ ବେଶୀ<br>• ୨୦ ରୁ କମ୍<br>• ୨୦ ସହିତ ସମାନ |

| | |
|---|---|
| ୯୯ – ୪୦ | • ୫୦ ରୁ ବେଶୀ<br>• ୫୦ ସହ ସମାନ<br>• ୫୦ ରୁ କମ୍ |

୧୪. ମନେ ମନେ ହିସାବ କରି କହ :

(କ) ୨୦ ରେ କେତେ ମିଶାଇଲେ ୪୦ ହେବ ?

(ଖ) ୬୦ ରୁ କେତେ ବିୟୋଗ କଲେ ୩୦ ହେବ ?

(ଗ) ୫୦୦ ରୁ କେତେ ବିୟୋଗ କଲେ ୨୦୦ ହେବ ?

(ଘ) ୭୦୦ ରୁ ୧୦୦ ବିୟୋଗ କଲେ ଯେତେ ହେବ, ୪୦୦ରେ କେତେ ମିଶାଇଲେ ସେତିକି ହେବ ?

(ଙ) ପ୍ରଭାତ କଳାପଟାରେ ୩୩ ଲେଖିଥିଲା । ପ୍ରତିମା ସେଥିରୁ ଗୋଟିଏ ୩ ଲିଭାଇଦେଲା । ନୂଆ ସଂଖ୍ୟାର ମୂଲ୍ୟ ୩୩ ଠାରୁ କେତେ କମିଲା ?

(ଚ) ବର୍ଷା ଯୋଗୁ ତୁମ ଶ୍ରେଣୀର ୩୮ ପିଲାରୁ ୧୨ ଜଣ ପିଲା ବିଦ୍ୟାଳୟକୁ ଆସି ନ ଥିଲେ । ତେବେ ସେଦିନ କେତେ ଜଣ ପିଲା ବିଦ୍ୟାଳୟକୁ ଆସିଥିଲେ ?

ପାଠ - ୧୧

# ଆସ ହିସାବ କରିବା



ଘୋଡ଼ା ଓ ହାତୀମାନଙ୍କ ମଧ୍ୟରେ କ୍ରିକେଟ ଖେଳର ଫାଇନାଲ୍ ମ୍ୟାଚ୍ । ଗଧକୁ ରନ୍ ହିସାବ କରିବାକୁ ଦାୟିତ୍ୱ ଦିଆଯାଇଛି । ଘୋଡ଼ାମାନେ ଖୁବ୍ ଜୋରରେ ଦୌଡ଼ି ବହୁତ ରନ୍ କଲେ । ତା' ପରେ ହାତୀମାନଙ୍କ ପାଳି । ହାତୀମାନେ ଜୋରରେ ଦୌଡ଼ି ନ ପାରି ଗୋଟିଏ ପରେ ଗୋଟିଏ ରନ୍ ଆଉଟ୍ ହେଲେ । ହାତୀ ଦଳର ଅଧିନାୟକ ବ୍ୟାଟିଂ କରିବାକୁ ଆସିଲେ । ସମସ୍ତେ ଜୋରରେ ତାଳି ମାରିଲେ । ଅଧିନାୟକ ଚାହୁଁ ଚାହୁଁ ୮ଟି ବଡ଼ ଛକା ମାରିଲେ । ଗଧ ରନ୍ ହିସାବ କରିବ କିପରି ?

(୬ + ୬ + ୬ + ୬ + ୬ + ୬ + ୬ + ୬) ଏହିପରି ଲେଖି ଗଧ ମିଶାଣ ଆରମ୍ଭ କଲା । ହାତୀ ନେତାଙ୍କର ରନ୍ ଘୋଷଣା କରାଯିବ । ସମସ୍ତେ ଶୁଣିବା ପାଇଁ ଚାହିଁ ରହିଥା'ନ୍ତି । ହାତୀର ରନ୍ ଜାଣିବା ପାଇଁ ଗଧ ଚାରି ପାଖରେ ସମସ୍ତେ ଘେରି ଗଲେ । ବଗୁଲିଆ ମାଙ୍କଡ଼ଛୁଆ ସମସ୍ତଙ୍କୁ ଠେଲାପେଲା କରି ଗଧ ପାଖରେ ପହଞ୍ଚିଲା । ସେ ଗଧକୁ କହିଲା, "ଆରେ ଗଧ ଭାଇ, ଏମିତି ଶୀଘ୍ର ହିସାବ କରି ହେବ ନାହିଁ" ।

୬ କୁ ୮ ଥର ମିଶାଇବା ଯାହା, ୬ କୁ ୮ ଦ୍ୱାରା ଗୁଣିଦେଲେ ଫଳାଫଳ ତାହା ହିଁ ହୁଏ । ତେଣୁ ଅତି ଶୀଘ୍ର ହାତୀର ରନ୍ ଜାଣିବା ପାଇଁ ଗଧର ଚେତା ପଶିଲା । ସେ କହିଲା- "ବାଃ । ଏହା ତ ବଢ଼ିଆ ଉପାୟ । ବର୍ତ୍ତମାନ ହାତୀ ଯେତେ ଛକା ମାରିଲେ ମଧ୍ୟ ମୁଁ ଶୀଘ୍ର ହିସାବ କରି ଘୋଷଣା କରିଦେବି ।"

୬ + ୬ + ୬ + ୬ + ୬ + ୬ + ୬ + ୬ = ୪୮

୬ ର ୮ ଗୁଣ = ୪୮ ବା ୬ × ୮ = ୪୮

- ବର୍ତ୍ତମାନ ତୁମେ କହ କେତେ ହେବ ?

୬ ର ୪ ଗୁଣ = ....................................

୬ ର ୬ ଗୁଣ = ....................................

୬ ର ୭ ଗୁଣ = ....................................

୬ ର ୯ ଗୁଣ = ....................................

ଏହି ସବୁ ଗୁଣଫଳକୁ ଏପରି ଲେଖାଯାଇପାରେ ।

| | | | | | | | | | |
|---|---|---|---|---|---|---|---|---|---|
| ୬ | ୧୨ | ୧୮ | ୨୪ | ୩୦ | ୩୬ | ୪୨ | ୪୮ | ୫୪ | ୬୦ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୬ | ୬ | ୬ | ୬ | ୬ | ୬ | ୬ | ୬ | ୬ | ୬ |

- **ଏବେ, ସେହିପରି ୭ ର ଗୁଣନ ଖନ୍ଦା ପ୍ରସ୍ତୁତ କର ।**

| | | |
|---|---|---|
| ୭ ର ୧ ଗୁଣ | ୭ | ୭ × ୧ = ୭ |
| ୭ ର ୨ ଗୁଣ | ୭ + ୭ | ୭ × ୨ = ୧୪ |
| ୭ ର ୩ ଗୁଣ | ୭ + ୭ + ୭ | ୭ × ୩ = ୨୧ |
| ୭ ର ୪ ଗୁଣ | | |
| ୭ ର ୫ ଗୁଣ | | |
| ୭ ର ୬ ଗୁଣ | | |
| ୭ ର ୭ ଗୁଣ | | |
| ୭ ର ୮ ଗୁଣ | | |
| ୭ ର ୯ ଗୁଣ | | |
| ୭ ର ୧୦ ଗୁଣ | | |

- **ପୂର୍ବ ଗୁଣନଖନ୍ଦାକୁ ଲକ୍ଷ୍ୟ କରି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।**

୧. ଚାରି ସପ୍ତାହରେ କେତେ ଦିନ ?

୨. ଗୋଟିଏ କଲମର ଦାମ୍ ୭ ଟଙ୍କା । ୬ଟି କଲମର ଦାମ୍ କେତେ ?

୩. ଜଣେ ପିଲା ୭ଟି ବେଲୁନ୍ କିଣିଲା । ପ୍ରତ୍ୟେକ ପିଲା ସମାନ ସଂଖ୍ୟକ ବେଲୁନ୍ କିଣିଲେ, ୮ ଜଣ ପିଲା କେତୋଟି ବେଲୁନ୍ କିଣିବେ ?....................



## ୮ ର ଗୁଣନ ଖନ୍ଦା :-

ଗୋଟିଏ ବୁଢ଼ିଆଣୀର ଗୋଡ଼ ସଂଖ୍ୟା = ........................

ୠଟି ବୁଢ଼ିଆଣୀର ଗୋଡ଼ ସଂଖ୍ୟା = ୮ + ୮ + ୮

= ୮ ର ୩ ଗୁଣ = ୮ × ୩ = ୨୪




ସେହିପରି ତାଲିକାରେ ଥିବା ଖାଲିସ୍ଥାନ ପୂରଣ କର ।

| | | |
|---|---|---|
| ୮ ର ୧ ଗୁଣ | ୮ | ୮ × ୧ = ୮ |
| ୮ ର ୨ ଗୁଣ | ୮ + ୮ | ୮ × ୨ = ୧୬ |
| ୮ ର ୩ ଗୁଣ | ୮ + ୮ + ୮ | ୮ × ୩ = ୨୪ |
| ୮ ର ୪ ଗୁଣ | ........................ | ........................ |
| ୮ ର ୫ ଗୁଣ | ........................ | ........................ |
| ୮ ର ୬ ଗୁଣ | ........................ | ........................ |
| ୮ ର ୭ ଗୁଣ | ........................ | ........................ |
| ୮ ର ୮ ଗୁଣ | ........................ | ........................ |
| ୮ ର ୯ ଗୁଣ | ........................ | ........................ |
| ୮ ର ୧୦ ଗୁଣ | ........................ | ........................ |

କୁନ୍‌ମୁନ୍ ୮ ର ଗୁଣନ ଖନ୍ଦା ଲେଖି ଟେବୁଲ ଉପରେ ଥୋଇ ଶୋଇଗଲା । ସେ ସକାଳୁ ଉଠି ଦେଖିଲା ବେଳକୁ ତା' କାଗଜକୁ ଉଇ ନଷ୍ଟ କରି ଦେଇଛି । କୁନ୍‌ମୁନ୍ ଏହା ଦେଖି ଭୋ - ଭୋ କରି କାନ୍ଦିଲା । ଉଇ କାଟିଥିବା ସ୍ଥାନରେ ତୁମେ ଉତ୍ତର ଠିକ୍ କରି ଲେଖି ଯୋଡ଼ି ଦେଲେ କୁନ୍‌ମୁନ୍‌ର କାନ୍ଦିବା ବନ୍ଦ ହେବ ।






- ଏବେ କହ ।

୧. ଗୋଟିଏ ମାଠିଆରେ ୮ ଲିଟର ଦୁଧ ଧରେ । ସେହିପରି ୭ଟି ମାଠିଆରେ କେତେ ଲିଟର ଦୁଧ ରହିବ ?


୨. ଗୋଟିଏ ସାର୍ଟରେ ୮ଟି ବୋତାମ ଲାଗିଲେ, ସେହିପରି ୫ଟି ସାର୍ଟରେ କେତୋଟି ବୋତାମ ଲାଗିବ ?

୩. ଗୋଟିଏ ଧାଡ଼ିରେ ୮ ଜଣ ପିଲା ବସିଲେ, ସେହିପରି ୪ଟି ଧାଡ଼ିରେ କେତେ ଜଣ ପିଲା ବସିବେ ?

## ୯ ର ଗୁଣନ ଖନ୍ଦା :-

| | | | |
|---|---|---|---|
| ୯ ର ୧ ଗୁଣ | ୯ | ୯ × ୧ | = ୯ |
| ୯ ର ୨ ଗୁଣ | ୯ + ୯ | ୯ × ୨ | = ୧୮ |
| ୯ ର ୩ ଗୁଣ | ୯ + ୯ + ୯ | ୯ × ୩ | = ୨୭ |
| ୯ ର ୪ ଗୁଣ | ...................... | ...................... | .......... |
| ୯ ର ୫ ଗୁଣ | ...................... | ...................... | .......... |
| ୯ ର ୬ ଗୁଣ | ...................... | ...................... | .......... |
| ୯ ର ୭ ଗୁଣ | ...................... | ...................... | .......... |
| ୯ ର ୮ ଗୁଣ | ...................... | ...................... | .......... |
| ୯ ର ୯ ଗୁଣ | ...................... | ...................... | .......... |
| ୯ ର ୧୦ ଗୁଣ | ...................... | ...................... | .......... |

ତୁମେ ଏଗୁଡ଼ିକ ପୂରଣ କର ।



● ମନେ ମନେ ହିସାବ କରି କହ :

୧. ୯ଟି ମାଛ ଅଛି । ପ୍ରତ୍ୟେକ ମାଛକୁ ୯ ଖଣ୍ଡ କରି କଟାଯିବ । ତେବେ, ମୋଟରେ କେତେ ଖଣ୍ଡ ମାଛ ହେବ ?

୨. ଜଣେ ବଢ଼େଇକୁ ଗୋଟିଏ ଆଲମିରା ତିଆରି କରିବାକୁ ୯ ଦିନ ସମୟ ଲାଗେ । ୭ଟି ଆଲମିରା କରିବା ପାଇଁ ତାକୁ ମୋଟ କେତେ ଦିନ ଲାଗିବ ?

୩. ଗୋଟିଏ ବ୍ୟାଗରେ ୯ କି.ଗ୍ରା. ଚିନି ରହିଲେ, ସେହିପରି ୬ଟି ବ୍ୟାଗରେ କେତେ ଚିନି ରହିବ ?

**ଆସ ରଙ୍ଗ ଦେବା :-**

ତଳେ କେତେଗୁଡ଼ିଏ କାର୍ଡ଼ରେ ଗୁଣନ କରାଯିବାକୁ କୁହାଯାଇଛି । ଯେଉଁ କାର୍ଡ଼ରେ ସଂଖ୍ୟାମାନଙ୍କର ଗୁଣଫଳ ୩୨, ସେହି କାର୍ଡ଼କୁ ନାଲି ରଙ୍ଗ ଦିଅ, ଗୁଣଫଳ ୨୪ ହେଲେ ନୀଳରଙ୍ଗ ଦିଅ, ଗୁଣଫଳ ୩୬ ହେଲେ ସବୁଜ ରଙ୍ଗ ଦିଅ । ଅନ୍ୟ କାର୍ଡ଼ଗୁଡ଼ିକରେ କୌଣସି ରଙ୍ଗ ଦିଅ ନାହିଁ ।

| | | | | |
|---|---|---|---|---|
| ୬ × ୬ | ୮ × ୨ | ୬ × ୪ | ୪ × ୮ | ୭ × ୪ |
| ୮ × ୪ | ୮ × ୭ | ୮ × ୩ | ୭ × ୬ | ୯ × ୪ |

## ୧୦ର ଗୁଣନ ଖନ୍ଦା

| | | |
|---|---|---|
| ୧୦ର ୧ ଗୁଣ | ୧୦ | ୧୦ × ୧ |
| ୧୦ର ୨ ଗୁଣ | ୧୦ + ୧୦ | ୧୦ × ୨ |
| ୧୦ର ୩ ଗୁଣ | ୧୦ + ୧୦ + ୧୦ | ୧୦ × ୩ |
| ୧୦ର ୪ ଗୁଣ | ................................. | ..................... |
| ୧୦ର ୫ ଗୁଣ | ................................. | ..................... |
| ୧୦ର ୬ ଗୁଣ | ................................. | ..................... |
| ୧୦ର ୭ ଗୁଣ | ................................. | ..................... |
| ୧୦ର ୮ ଗୁଣ | ................................. | ..................... |
| ୧୦ର ୯ ଗୁଣ | ................................. | ..................... |
| ୧୦ର ୧୦ ଗୁଣ | ................................. | ..................... |

ତୁମେ ଖାଲି ଘରଗୁଡ଼ିକ ପୂରଣ କର ।

| | | | | | | | | | |
|---|---|---|---|---|---|---|---|---|---|
| ☐ | ☐ | ☐ | ☐ | ☐ | ☐ | ☐ | ☐ | ☐ | ☐ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧୦ | ୧୦ | ୧୦ | ୧୦ | ୧୦ | ୧୦ | ୧୦ | ୧୦ | ୧୦ | ୧୦ |

● **ଏବେ କହ :**

(କ) ଗୋଟିଏ ଧାଡ଼ିରେ ୧୦ଟି ଚାରା ଲାଗିଲେ, ୫ଟି ଧାଡ଼ିରେ କେତୋଟି ଚାରା ଲାଗିବ ?

(ଖ) ଗୋଟିଏ କଲମର ଦାମ ୧୦ ଟଙ୍କା ହେଲେ, ସେହିଭଳି ୮ଟି କଲମର ଦାମ କେତେ ହେବ ?

(ଗ) ୭ଟି ସମାନ ଲମ୍ବର କାଠି ଅଛି । ପ୍ରତ୍ୟେକ କାଠିକୁ ସମାନ ୧୦ ଖଣ୍ଡ ଲେଖାଏଁ କଲେ, ମୋଟରେ କେତେ ଖଣ୍ଡ କାଠି ହେବ ?

(ଘ) ଗୋଟିଏ କାରର ୪ଟି ଚକ । ୧୦ଟି କାରର କେତୋଟି ଚକ ?

● **ଖାଲି ସ୍ଥାନଗୁଡ଼ିକୁ ପୂରଣ କର ।**

୬, ୧୨, ୧୮, ..........., ..........., ..........., ..........., ..........., ..........., ୬୦

୭, ୧୪, ୨୧, ..........., ..........., ..........., ..........., ..........., ..........., ୭୦

୮, ୧୬, ୨୪, ୩୨, ..........., ..........., ..........., ..........., ..........., ୮୦

୯, ୧୮, ୨୭, ୩୬, ..........., ..........., ..........., ..........., ..........., ୯୦

୧୦, ୨୦, ୩୦, ୪୦, ..........., ..........., ..........., ..........., ..........., ୧୦୦

● ତଳ ଟେବୁଲରେ ଲଗାଲଗି ରହିଥିବା ଘର ଦୁଇଟିରେ ଥିବା ସଂଖ୍ୟା ଦୁଇଟିର ଗୁଣଫଳକୁ ଟେବୁଲ୍ ବାହାର ପଟେ ସେହି କଡ଼ରେ ଥିବା ଘରେ ଲେଖ ।

| | | | | |
|---|---|---|---|---|
| | | | ୨୭ | |
| | ୧ | ୨ | ୩ | |
| ୩୨ | ୮ | ୪ | ୯ | |
| | ୭ | ୬ | ୫ | ୩୦ |
| | ୫୬ | | | |

ଏହିଭଳି ଆଉ କେତୋଟି ଟେବୁଲ କାଟି ସେଥିରେ ୧ ରୁ ୧୦ ମଧ୍ୟରେ ବିଭିନ୍ନ ସଂଖ୍ୟା ଲେଖି ପୂର୍ବଭଳି ଗୁଣଫଳ ନିର୍ଣ୍ଣୟ କରି ଖାଲିଘରେ ଲେଖ । ଦେଖ, କିଏ କେତୋଟି ଗୁଣଫଳ ଲେଖିପାରୁଛି ।

ଶୁଆନାନୀର ଦୋକାନ ଦେଖ,
ଜୋତା କିପରି ବିକୁଛି ଦେଖ ।
ବୁଢ଼ିଆଣୀ, ମୂଷା, ଚଟିଆ ଦେଖ,
କେତୋଟି ଜୋତା କିଣିବେ ଶିଖ ।
ବାଆର ମୂଷା ଏକାଠି ହେଲେ,
ନିଜ ପାଇଁ ଜୋତା ଉଠାଇ ନେଲେ ।
ଛବିଶି ଚଟିଆ ଆସିଲେ ଧାଇଁ,
କେତୋଟି ଜୋତା ଯିବେ ସେ ନେଇ ?
ଜୋତା କିଣିବାକୁ ଅତି ସଅଳ,
ବୁଢ଼ିଆଣୀ ଥିଲେ ଶହେ ଷୋହଳ ।
ହିସାବ କରି କହିଲ ପିଲେ,
କେଉଁମାନେ କେତେ ଜୋତା କିଣିଲେ ?



ଗୋଟିଏ ମୂଷା ପାଇଁ ୪ଟି ଜୋତା

୧୨ଟି ମୂଷା ପାଇଁ ଜୋତା ଦରକାର = ୧୨ × ୪

ଏଠାରେ ୧୨ ହେଉଛି ଗୁଣ୍ୟ ଓ ୪ ହେଉଛି ଗୁଣକ

ଗୁଣନ କ୍ରିୟା ଡାହାଣ ପାଖରୁ (ଗୁଣ୍ୟର ଏକକ ଘରୁ) ଆରମ୍ଭ ହୁଏ ।

```
  ୧୨
× ୪
----
```

**ଗୁଣ୍ୟର ଏକକ ଘର ଅଙ୍କକୁ ଗୁଣକ ଦ୍ୱାରା ଗୁଣନ**

୨ ଏକ × ୪ = ୮ ଏକ

ଗୁଣଫଳର ଏକକ ଘରେ ୮ ରହିବ ।

```
  ୧୨
× ୪
----
  ୪୮
```

**ଗୁଣ୍ୟର ଦଶକ ଘର ଅଙ୍କକୁ ଗୁଣକ ଦ୍ୱାରା ଗୁଣନ**

୧ ଦଶ × ୪ = ୪ ଦଶ

ଗୁଣଫଳର ଦଶକ ଘରେ ୪ ରହିବ ।

ଗୁଣଫଳର ଦଶକ ଘରେ ୪ ଓ ଏକକ ଘରେ ୮

୪ ଦଶ ୮ ଏକ = ୪୮



ଏବେ କହ, ମୂଷାମାନେ କେତୋଟି ଜୋତା କିଣିଲେ ?

- ଗୋଟିଏ ଚଟିଆ ପାଇଁ ୨ଟି ଜୋତା

୨୬ଟି ଚଟିଆ ପାଇଁ ଜୋତା ଦରକାର = ୨୬ × ୨

ଏଠାରେ ଗୁଣକ କେତେ ? ______ ଗୁଣ୍ୟ କେତେ ? ______

**ଗୁଣ୍ୟର ଏକକ ଘର ଅଙ୍କ ସହିତ ଗୁଣକର ଗୁଣନ**

୬ ଏକ × ୨ = ୧୨ ଏକ

୧୨ ଏକକୁ ୧ ଦଶ ୨ ଏକ ଲେଖାଯାଇପାରିବ

ଗୁଣଫଳର ଏକକ ଘରେ ୨ ଓ ଦଶକ ଘରେ ୧ ରହିବ ।

| | ଦଶ | ଏକ |
|---|---|---|
| | ୨ | ୬ |
| | × | ୨ |
| | ୧ | ୨ |
| + | ୪ | |
| | ୫ | ୨ |

**ଗୁଣ୍ୟର ଦଶକ ଘର ଅଙ୍କ ସହ ଗୁଣନ**

୨ ଦଶ × ୨ = ୪ ଦଶ

ଗୁଣଫଳର ଦଶକ ଘର ତଳେ ୪ ରହିବ ।

ଏବେ ଯୋଗ କଲେ ଯୋଗଫଳ ୫୨ ହେବ । ଅର୍ଥାତ୍ ୨୬ × ୨ = ୫୨

- ଗୋଟିଏ ବୁଢ଼ିଆଣୀ ପାଇଁ ୮ଟି ଜୋତା ।

  ୧୧୬ଟି ବୁଢ଼ିଆଣୀ ପାଇଁ ଦରକାର = ୧୧୬ × ୮ ଟି ଜୋତା

  ଏଠାରେ ଗୁଣ୍ୟ କେତେ ? ______

  ଗୁଣକ କେତେ ? ______



**ଗୁଣ୍ୟର ଏକକ ଘର ଅଙ୍କ ସହିତ ଗୁଣକର ଗୁଣନ**

୬ ଏକ × ୮ = ୪୮ ଏକ

୪୮ କୁ ୪ ଦଶ ୮ ଏକ ଲେଖାଯାଇପାରିବ

ଗୁଣଫଳର ଦଶକ ଘରେ ୪ ଓ ଏକକ ଘରେ ୮ ରହିବ ।

**ଗୁଣ୍ୟର ଦଶକ ଘର ଅଙ୍କ ସହିତ ଗୁଣକର ଗୁଣନ**

୧ ଦଶ × ୮ = ୮ ଦଶ

ତେଣୁ, ଗୁଣଫଳର ଦଶକ ଘରେ ୮ ରହିବ ।

**ଗୁଣ୍ୟର ଶତକ ଘର ଅଙ୍କ ସହିତ ଗୁଣକର ଗୁଣନ**

୧ ଶତ × ୮ = ୮ ଶତ

ଗୁଣଫଳର ଶତକ ଘରେ ଲେଖାଯିବ ୮ ।

|   | ୧୧୬ |
|---|---|
| × | ୮ |
|   | ୪୮ |
|   | ୮୦ |
| + | ୮୦୦ |
|   | ୯୨୮ |

ଗୁଣଫଳ ହେଲା ୯ ଶହ ୨ ଦଶ ୮ ଏକ ବା ୯୨୮

ବୁଢ଼ିଆଣୀମାନେ ୯୨୮ଟି ଜୋତା କିଣିଲେ ।

**ସଂକ୍ଷେପରେ ଗୁଣନ :**

|   | ୧୧୬ |
|---|---|
| × | ୮ |
|   | ୯୨୮ |

- **ଉଦାହରଣ ଦେଖି ଖାଲି ଘର ପୂରଣ କର :**

| | |
|---|---|
| ୧୩ × ୧୦ = ୧୩୦ | ୨୭ × ୧୦ = ୨୭୦ |
| ୩୪ × ୧୦ = ୩୪୦ | ୬୧ × ୧୦ = ☐ |
| ୫୫ × ୧୦ = ☐ | ୭୮ × ୧୦ = ☐ |
| ୮୨ × ୧୦ = ☐ | ୧୦୦ × ୧୦ = ☐ |

୧୦ ଦ୍ୱାରା ଗୁଣାଯାଉଥିବା ସଂଖ୍ୟା ଓ ଏମାନଙ୍କର ଗୁଣଫଳ ମଧ୍ୟରେ କ'ଣ ଲକ୍ଷ୍ୟ କରୁଛ ?

........................................................................................................

........................................................................................................

........................................................................................................

..........................................

ଯେ କୌଣସି ସଂଖ୍ୟାକୁ ୧୦ ଦ୍ୱାରା ଗୁଣିଲେ, ଗୁଣ୍ୟର ଡାହାଣରେ ଗୋଟିଏ ଶୂନ 'o' ବସାଇଲେ ଗୁଣଫଳ ମିଳେ ।

# ଅଭ୍ୟାସ

୧. ସ୍ୱାଧୀନତା ଦିବସରେ ଗୋଟିଏ ବିଦ୍ୟାଳୟରେ ପ୍ରତ୍ୟେକ ପିଲାକୁ ୩ଟି କରି ଲଡୁ ଦିଆଗଲା । ୧୨୫ ଜଣ ପିଲାଙ୍କୁ କେତୋଟି ଲଡୁ ଦିଆଗଲା ?


ଉତ୍ତର–

ଜଣେ ପିଲାକୁ ଦିଆଗଲା ୩ଟି ଲଡୁ

୧୨୫ ଜଣ ପିଲାଙ୍କୁ ଦିଆଯିବ = ୧୨୫ × ୩ =

```
  ୧ ୨ ୫
×     ୩
───────
```

୨. କେଉଁ ତାଲା କେଉଁ ଚାବି କାଠିରେ ଖୋଲିବ ? ଗାର ଦେଇ ଯୋଡ଼ ।




୩. **ଗୁଣଫଳ ବାହାର କର ।**

| | | | | |
|---|---|---|---|---|
| ୭୨ | ୧୪୩ | ୧୦୫ | ୨୦୬ | ୪୦୦ |
| × ୨ | × ୬ | × ୩ | × ୪ | × ୨ |

୪. **ତଳଲିଖିତ ପ୍ରଶ୍ନଗୁଡ଼ିକୁ ସମାଧାନ କର :-**

(କ) ୧୬ଟି ଫୁଲତୋଡ଼ା ତିଆରି ହେବ । ଗୋଟିଏ ଫୁଲତୋଡ଼ାରେ ୮ଟି ଫୁଲ ରହିଲେ, ସମୁଦାୟ କେତୋଟି ଫୁଲ ଦରକାର ହେବ ।

(ଖ) ଭୁବନେଶ୍ୱରରୁ କୋରାପୁଟକୁ ଜଣପିଛା ରେଳଭଡ଼ା ୧୪୮ ଟଙ୍କା । ଗୋଟିଏ ପରିବାରର ୬ ଜଣ ଲୋକ ଭୁବନେଶ୍ୱରରୁ କୋରାପୁଟ ଗଲେ । ସେମାନେ କେତେ ଟଙ୍କା ରେଳଭଡ଼ା ଦେଲେ ?

(ଗ) ଜୟରାମବାବୁଙ୍କ ପାଉଁରୁଟି କାରଖାନାରେ ଘଣ୍ଟାକୁ ୧୬୦ଟି ପାଉଁରୁଟି ତିଆରି ହୁଏ । ୬ ଘଣ୍ଟାରେ ସେହି କାରଖାନାରେ କେତୋଟି ପାଉଁରୁଟି ତିଆରି ହେବ ?

(ଘ) ପ୍ରତି ଟ୍ରେରେ ୩୦ଟି ଅଣ୍ଡା ରହିଲେ, ୯ଟି ଟ୍ରେରେ କେତୋଟି ଅଣ୍ଡା ରହିବ ?


(ଙ) ଗୋଟିଏ ଶାଢ଼ୀର ଦାମ୍ ୩୦୭ ଟଙ୍କା ହେଲେ, ସେହିପରି ୩ଟି ଶାଢ଼ୀ କିଣିବାକୁ କେତେ ଟଙ୍କା ଦରକାର ?

(ଚ) ଜଣେ ବ୍ୟବସାୟୀ ପ୍ରତି କୋଠରିରେ ୨୨୪ଟି ତେଲଟିଣ ରଖିଲେ । ସେ ୪ଟି କୋଠରିରେ କେତୋଟି ତେଲଟିଣ ରଖିବେ ?

(ଛ) ଗୋଟିଏ ଫ୍ରକ୍‌ର ମୂଲ୍ୟ ୫୮ ଟଙ୍କା । ଭାସ୍କରବାବୁ ଏକା ପ୍ରକାରର ୧୦ଟି ଫ୍ରକ୍ କିଣିଲେ । ସେ କେତେ ଟଙ୍କା ଦୋକାନୀକୁ ଦେବେ ?

୫. **କାଠିରୁ ଗୁଣନ –**

ଯେପରି–




୬ × ୧ = ୬     ୬ × ୨ =     ୬ × ୩ =

ଏହିପରି, ୮ × ୨ ଓ ୮ × ୪ କୁ ଚିତ୍ରରେ ଦେଖାଅ ।



# ଆସ ବାଣ୍ଟିବା




କେଉଁ ଦଳରେ କେତେ ରହିଲେ ହିସାବ କରି କହ ।

ଠେକୁଆ ଥିଲେ ୧୮,

ସେମାନେ ଦଳ ହେଲେ ୩ଟି,

ପ୍ରତି ଦଳରେ ଠେକୁଆ ରହିଲେ ୬ଟି ।



କୁକୁଡ଼ା ଛୁଆ ...........ଟି ।




ସେମାନେ ଦଳ ହେଲେ................ ଟି

ପ୍ରତି ଦଳରେ କୁକୁଡ଼ା ଛୁଆ ରହିଲେ.......... ଟି

- ଫୁଲଗୁଡ଼ିକୁ ନେଇ ୨ଟି ମାଳ ତିଆରି କର ।





ଗୋଟିଏ ମାଳରେ ଫୁଲ  ରହିଲା ——— ଟି ।

- ଝୁମା, ଜଲି, ଜିଲୁ ଓ ମିଲୁ କୋଳି ଖାଇବାକୁ ଅଳିକଲେ । ଆଈ କହିଲେ, "ଠିକ୍ ଅଛି, ତୁମ୍ଭେମାନେ ବସ । ମୁଁ ୧୨ଟି କୋଳି ଆଣିଛି । ସମାନ ଭାଗ କରି ବାଣ୍ଟି ଦେବି, କାହାର କମ୍ ବେଶୀ ହେବ ନାହିଁ ।"

  ଆଈ କିପରି ଚାରି ସମାନ ଭାଗ କଲେ ?

  ଆଈ ପ୍ରଥମେ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ କୋଳି ଦେଲେ ।



ଆଈଙ୍କ ପାଖରେ ଆଉ କେତୋଟି କୋଳି ରହିଲା ?

ତା' ପରେ ଆଈ ସମସ୍ତଙ୍କୁ ଆଉ  ଗୋଟିଏ ଲେଖାଏଁ ଦେଲେ ।



ଏବେ ପ୍ରତ୍ୟେକ କେତୋଟି ଲେଖାଏଁ କୋଳି ପାଇଲେ ?

ଆଈଙ୍କ ପାଖରେ ଆଉ କେତୋଟି ରହିଲା ?

ଆଈ ପୁଣି ଗୋଟିଏ ଲେଖାଏଁ ସମସ୍ତଙ୍କୁ ଦେଲେ ।

ଆଈଙ୍କ ପାଖରେ ଆଉ କୋଳି ନାହିଁ । ସବୁ ବାଣ୍ଟି ଦେଲେ ।



ଏବେ, ପ୍ରତ୍ୟେକ କେତୋଟି ଲେଖାଏଁ କୋଳି ପାଇଲେ ? ________________

ଆଇ କେତୋଟି କୋଳି ଆଣିଥିଲେ ? ________ କୋଳି କେତେ ସମାନ ଭାଗ ହେଲା ? ________

ଜଣଙ୍କ ଭାଗରେ କେତୋଟି ପଡ଼ିଲା ? ____________

ଏହି କଥାକୁ ଅନ୍ୟ ପ୍ରକାରେ କହିଲେ –




୧୨ଟି କୋଳିକୁ ୪ ସମାନ ଭାଗ କଲେ ପ୍ରତ୍ୟେକ ଭାଗରେ ୩ଟି ଲେଖାଏଁ କୋଳି ରହିବ ।

ସଂକ୍ଷେପରେ, ୧୨ ÷ ୪ = ୩,

ଏଠାରେ ୧୨ ହେଉଛି **ଭାଜ୍ୟ**, ୪ ହେଉଛି **ଭାଜକ**, ୩ ହେଉଛି **ଭାଗଫଳ** ।

## ଅଭ୍ୟାସ

୧. ଚିତ୍ର ଦେଖି ଲେଖ ।

| | | |
|---|---|---|
| (କ) |  | ୬ ÷ ୩ = ୨ |
| (ଖ) |  | ୯ ÷ ୩ = ___ |
| (ଗ) |  | ୮ ÷ ୨ = ___ |
| (ଘ) |  | ୧୨ ÷ ୪ = ___ |

୨. ପ୍ରତି ଭାଗରେ ୪ଟି କେତୋଟି ଭାଗ




୨୦ ÷ ୪ = ୫

(ଖ) ପ୍ରତି ଭାଗରେ ୬ଟି, କେତୋଟି ଭାଗ




___ ÷ ___ = ___

(ଗ) ପ୍ରତି ଭାଗରେ ୫ଟି କେତୋଟି ଭାଗ



___ ÷ ___ = ___

୩. ସୂଚନା ଅନୁଯାୟୀ ଜିନିଷଗୁଡ଼ିକୁ ଗୋଲ ବୁଲାଇ ଏକାଠି କର ଓ ଖାଲିଘର ପୂରଣ କର ।

| ଜିନିଷ | ସୂଚନା | ଭାଗ | ହରଣରେ ପ୍ରକାଶ |
|---|---|---|---|
| (କ)  | ଗୋଟିଏ ଭାଗରେ ୨ଟି ଫଳ | ଭାଗସଂଖ୍ୟା ୪ | ୮ ÷ ୨ = ୪ |
| (ଖ)  | ଗୋଟିଏ ଭାଗରେ ୩ଟି ଚକୋଲେଟ | | |

| ଜିନିଷ | ସୂଚନା | ଭାଗସଂଖ୍ୟା | ହରଣରେ ପ୍ରକାଶ |
|---|---|---|---|
| (ଗ)  | ଗୋଟିଏ ଭାଗରେ ୬ଟି ନଟୁ | | |
| (ଘ)  | ଗୋଟିଏ ଭାଗରେ ୪ଟି କଦଳୀ | | |
| (ଙ)  | ଗୋଟିଏ ଭାଗରେ ୬ଟି ବଲ | | |
| (ଚ)  | ଗୋଟିଏ ଭାଗରେ ୭ଟି ଫୁଲ | | |

୪. ଗଛରୁ ୧୮ଟି ନଡ଼ିଆ ତୋଳା ହେଲା । ରହିମ୍ ଥରକେ ୨ଟି ଲେଖାଏଁ ନଡ଼ିଆ ଘରକୁ ନେଲା । ସେ କେତେ ଥରରେ ସବୁ ନଡ଼ିଆକୁ ଘରକୁ ନେବ ?



୫. ଉଦାହରଣ ଦେଖି ଖାଲି ଘର ପୂରଣ କର ।

| | | |
|---|---|---|
| ୫ × ୨ = ୧୦ | ୧୦ ÷ ୨ = ୫ | ୧୦ ÷ ୫ = ୨ |
| ୪ × ୩ = ୧୨ | ୧୨ ÷ ୩ = ୪ | |
| ୬ × ୫ = ୩୦ | | |
| ୭ × ୪ = ୨୮ | | |
| ୯ × ୫ = ୪୫ | | |
| ୮ × ୪ = ୩୨ | | |

୬. ପାଖ ଟେବୁଲରୁ ଖୋଜ ଓ ଖାତାରେ ଲେଖ ।

(କ) ୩ ଦ୍ୱାରା ଭାଗ ହୋଇପାରୁଥିବା ସଂଖ୍ୟା ଗୁଡ଼ିକ -

(ଖ) ୫ ଦ୍ୱାରା ଭାଗ ହୋଇପାରୁଥିବା ସଂଖ୍ୟା ଗୁଡ଼ିକ -

(ଗ) ୬ ଦ୍ୱାରା ଭାଗ ହୋଇପାରୁଥିବା ସଂଖ୍ୟା ଗୁଡ଼ିକ -

(ଘ) ୪ ଦ୍ୱାରା ଭାଗ ହୋଇପାରୁଥିବା ସଂଖ୍ୟା ଗୁଡ଼ିକ -

(ଙ) ୯ ଦ୍ୱାରା ଭାଗ ହୋଇପାରୁଥିବା ସଂଖ୍ୟା ଗୁଡ଼ିକ -

| | | | |
|---|---|---|---|
| ୧୫ | ୨୦ | ୧୧ | ୬ |
| ୩ | ୮ | ୨୫ | ୧୨ |
| ୨୪ | ୯ | ୩୫ | ୭ |
| ୧୮ | ୫ | ୨୧ | ୧୬ |
| ୧୫ | ୨୭ | ୮ | ୩୧ |

୭.

| ୬ | ୧୦ | ୧୨ |
|---|---|---|

ତଳ କାର୍ଡ଼ଗୁଡ଼ିକର ମୂଲ୍ୟ ନିର୍ଣ୍ଣୟ କର ଓ ଉପର ସଂଖ୍ୟାକୁ ଲକ୍ଷ୍ୟ କରି ସେଥିରେ ରଙ୍ଗ ଦିଅ ।

| | | | | |
|---|---|---|---|---|
| ୨୦ ÷ ୨ | ୧ × ୧୨ | ୧୨ ÷ ୨ | ୨ × ୬ | ୧୦ × ୧ |
| ୨୪ ÷ ୪ | ୨ × ୩ | ୩୬ ÷ ୩ | ୧ × ୬ | ୧୮ ÷ ୩ |
| ୨ × ୫ | ୨୪ ÷ ୨ | ୧୮ ÷ ୩ | ୩ × ୪ | ୩୦ ÷ ୩ |

୮. ବେଲୁନଗୁଡ଼ିକ ୪ ଜଣ ପିଲା ସମାନ ଭାବେ ବାଣ୍ଟି ନେଲେ । ପ୍ରତି ପିଲା କେତୋଟି ଲେଖାଏଁ ବେଲୁନ୍ ନେବେ ?



୯.



ଚକଗୁଡ଼ିକୁ କେତୋଟି ରିକ୍ସାରେ ଲଗାଯାଇପାରିବ ?

**୧୦. ହରଣ କ୍ରିୟାକୁ ଦେଖି ବିନ୍ଦୁରେ ସଜାଅ ।**

- ଉଦାହରଣ

୧୫ ÷ ୫ = ୩



(କ) ୧୮ ÷ ୩ = ୬

(ଖ) ୨୮ ÷ ୪ = ୭

(ଗ) ୩୨ ÷ ୮ = ୪

(ଘ) ୩୫ ÷ ୭ = ୫



## କ୍ରମାନ୍ୱୟରେ ବିୟୋଗ ଦ୍ୱାରା ହରଣ :



ଅଣ୍ଡା ଥିଲା ୮ଟି

ପ୍ରଥମେ ଛୁଆ ହେଲେ ୨ଟି

ଅଣ୍ଡା ରହିଲା କେତୋଟି ?



$$\begin{array}{r} ୮ \\ -୨ \\ \hline ୬ଟି \end{array}$$

ପୁଣି ଛୁଆ ହେଲେ ୨ଟି

ଅଣ୍ଡା ରହିଲା କେତୋଟି ?



$$\begin{array}{r} ୬ \\ -୨ \\ \hline ୪ଟି \end{array}$$

ପୁଣି ଛୁଆ ହେଲେ ୨ଟି


ଅଣ୍ଡା ରହିଲା କେତୋଟି ?



$$\begin{array}{r} ୪ \\ -୨ \\ \hline ୨ଟି \end{array}$$

ପୁଣି ଛୁଆ ହେଲେ ୨ଟି

ଅଣ୍ଡା ରହିଲା କେତୋଟି ?



$$\begin{array}{r} ୨ \\ -୨ \\ \hline ୦ \end{array}$$

କେତୋଟି ଅଣ୍ଡା ଥିଲା ? ☐

ପ୍ରତି ଥର କେତୋଟି ଅଣ୍ଡାରୁ ଛୁଆ ବାହାରିଲେ ? ☐

କେତେ ଥରରେ ୮ଟି ଅଣ୍ଡାରୁ ଛୁଆ ହେଲେ ? ☐

ଶେଷରେ ଆଉ କେତୋଟି ଅଣ୍ଡା ରହିଲା ? ☐

୮ଟି ଅଣ୍ଡା ଥିଲା ।

ପ୍ରତିଥର ୨ଟି ଲେଖାଏଁ ଅଣ୍ଡାରୁ ଛୁଆ ବାହାରିଲେ ।

୪ ଥରରେ ସବୁ ଅଣ୍ଡାରୁ ଛୁଆ ବାହାରିଲେ ।

ସଂକ୍ଷେପରେ, ୮ ÷ ୨ = ୪

- **ସେହିପରି ୧୮ ରୁ ୩ ଲେଖାଏଁ ବିୟୋଗ କରି ଚାଲ -**

| | |
|---|---|
| ୧୮ - ୩ = ୧୫ | '୩' ବିୟୋଗ ହେଲା ୧ ଥର |
| ୧୫ - ୩ = ୧୨ | '୩' ବିୟୋଗ ହେଲା ୧ ଥର |
| ୧୨ - ୩ = ୯ | '୩' ବିୟୋଗ ହେଲା ୧ ଥର |
| ୯ - ୩ = ୬ | '୩' ବିୟୋଗ ହେଲା ୧ ଥର |
| ୬ - ୩ = ୩ | '୩' ବିୟୋଗ ହେଲା ୧ ଥର |
| ୩ - ୩ = ୦ | '୩' ବିୟୋଗ ହେଲା ୧ ଥର |
| | ମୋଟ ବିୟୋଗ ହେଲା ୬ ଥର |


ଏହାକୁ ହରଣ କ୍ରିୟାରେ କିପରି ଲେଖା ହେବ ? ଦେଖ । ୧୮ ÷ ୩ = ୬

## ଅଭ୍ୟାସ

**୧. କେତେଥର ଯାଇ ପାରିବ ଦେଖ ଓ ପୂରଣ କର ।**

| ୧୨ ରୁ ୪ | ୧୮ ରୁ ୬ | ୨୮ ରୁ ୭ | ୩୫ ରୁ ୫ | ୩୨ ରୁ ୮ |
|---|---|---|---|---|
| ୧୨<br>−୪ (୧ଥର) | | | | |
| ୮<br>−୪ (୨ଥର) | | | | |
| ୪<br>−୪ (୩ଥର) | | | | |
| ୦<br>୧୨ ÷ ୪ = ୩ | | | | |

୨. ସୂଚନା ଅନୁଯାୟୀ ବସ୍ତୁଗୁଡ଼ିକରେ ଗୋଲ ବୁଲାଅ । ଖାଲି ଘର ପୂରଣ କର ।

| ବସ୍ତୁ | ସୂଚନା | ଭାଗସଂଖ୍ୟା | ହରଣ ପ୍ରକ୍ରିୟା (କ୍ରମିକ ବିୟୋଗ) |
|---|---|---|---|
|  | ଗୋଟିଏ ଭାଗରେ ୫ଟି ଗ୍ଲାସ୍ | ୩ | ୧୫-୫ = ୧୦<br>୧୦-୫ = ୫<br>୫-୫ = ୦<br>ଅର୍ଥାତ୍<br>୧୫ ÷ ୫ = ୩ |
|  | ଗୋଟିଏ ଭାଗରେ ୩ଟି କପ୍ | | |
|  | ଗୋଟିଏ ଭାଗରେ ୭ଟି ମଗ୍ | | |
|  | ଗୋଟିଏ ଭାଗରେ ୬ଟି ଚାମଚ୍ | | |
|  | ଗୋଟିଏ ଭାଗରେ ୪ଟି ବଲ୍ବ | | |

୩. ପ୍ରତ୍ୟେକ ଧାଡ଼ିର ଗୁଣନକୁ କିପରି ଭାଗକ୍ରିୟାରେ ପ୍ରକାଶ କରାଯିବ ଲେଖ ।

| | | |
|---|---|---|
| ୫ × ୪ = ୨୦ | ୨୦÷୪=୫ | ୨୦ ÷ ୫ = ୪ |
| ୬ × ୮ = ୪୮ | ..... ÷ ....... = ......... | ........ ÷ ........ = ........ |
| ......... × ....... = ....... | ୩୫ ÷ ୭ = ୫ .......... | ........ ÷ ........ = ........ |
| ......... × ....... = ....... | ........ ÷ ....... = ....... | ୨୪ ÷ ୩ = ୮ |
| ୯ × ୬ = ୫୪ | ..... ÷ ....... = ......... | ........ ÷ ........ = ........ |

୪. ହରଣ କ୍ରିୟାକୁ ଦେଖି ବିନ୍ଦୁରେ ସଜାଅ ।

(କ) ୪୦ ÷ ୫ = ୮

(ଖ) ୬୩ ÷ ୭ = ୯

(ଗ) ୪୮ ÷ ୬ = ୮

(ଘ) ୨୭ ÷ ୯ = ୩

(ଙ) ୭୨ ÷ ୮ = ୯

୫. ଗୁଣନ ଖନ୍ଦା ମନେ ପକାଇ ଶୂନ୍ୟସ୍ଥାନ ପୂରଣ କର ।

୮ ÷ ୨ = ..........      ୩୫ ÷ ୭ = ..........

୧୨ ÷ ୩ = ........      ୪୫ ÷ ୯ = ..........

୩୫ ÷ ୫ = ..........      ୪୦ ÷ ୮ = .........

୩୦ ÷ ୬ = ..........      ୨୪ ÷ ୪ = ..........

୬. ବଡ଼ ସଂଖ୍ୟାରୁ ସାନ ସଂଖ୍ୟାଟିକୁ କେତେ ଥର ବିୟୋଗ କରାଯାଇପାରିବ କହ ଏବଂ ଏହାକୁ ହରଣ ପ୍ରକ୍ରିୟାରେ ପ୍ରକାଶ କର ।

(କ) ୨୮ ରୁ ୭      (ଖ) ୩୫ ରୁ ୫      (ଗ) ୪୨ ରୁ ୬

(ଘ) ୫୬ ରୁ ୮      (ଙ) ୭୨ ରୁ ୯

୭. ଶୂନ୍ୟସ୍ଥାନ ପୂରଣ କର ।

(କ) ୮୧ ÷ ୯ = ................

(ଖ) ୪୯ ÷ ୭ = ................

(ଗ) ୭୦ ÷ ୧୦ = ..............

(ଘ) ୩୦ ÷ ୧୦ = ..............

(ଙ) .......... ÷ ୧୦ = ୪

୮. ପ୍ରତିଥର **୧୦** ଲେଖାଏଁ ବିୟୋଗ କରି ପ୍ରତ୍ୟେକ କ୍ଷେତ୍ରରେ ଭାଗଫଳ ନିର୍ଣ୍ଣୟ କର ।

୩୦ ÷ ୧୦ = ୩

୫୦ ÷ ୧୦ = ୫

୭୦ ÷ ୧୦ =

୯୦ ÷ ୧୦ =

୧୧୦ ÷ ୧୦ =

୧୪୦ ÷ ୧୦ =

୨୦୦ ÷ ୧୦ =

୧୮୦ ÷ ୧୦ =

(କ) ଏଠାରେ ଭାଜ୍ୟ ଓ ଭାଗଫଳ ମଧ୍ୟରେ କ'ଣ ସମ୍ପର୍କ ଦେଖୁଛ ?


(ଖ) ଏଥିରୁ ଆମେ କ'ଣ ଜାଣିଲେ ?

**ଏକକ ଘରେ ଶୂନ ଥିବା କୌଣସି ସଂଖ୍ୟାକୁ ୧୦ରେ ହରିଲେ ସେହି ସଂଖ୍ୟାର ଏକକ ସ୍ଥାନରେ ଥିବା ଶୂନ (୦) ଉଠିଯାଇ ଯେଉଁ ସଂଖ୍ୟା ମିଳେ ତାହା ଭାଗଫଳ ହୋଇଯାଏ ।**

| | |
|---|---|
| ୯. (କ) ତୃତୀୟ ଶ୍ରେଣୀର ପିଲା ସଂଖ୍ୟା ୩୬ । ପ୍ରତି ଧାଡ଼ିରେ ୪ ଜଣ ଲେଖାଏଁ ପିଲା ବସିଲେ, କେତୋଟି ଧାଡ଼ିରେ ସବୁପିଲା ବସିବେ ? | |
| (ଖ) ଗୋଟିଏ ବିସ୍କୁଟ୍ ପ୍ୟାକେଟର ଦାମ୍ ୫ ଟଙ୍କା । ମଦନ ପାଖରେ ୨୫ ଟଙ୍କା ଅଛି, ସେ କେତୋଟି ବିସ୍କୁଟ୍ ପ୍ୟାକେଟ କିଣିବ ? | |
| (ଗ) ୨୭ ମିଟର ଲମ୍ବ ଏକ ଦଉଡ଼ିରୁ ୩ ମିଟର ଲମ୍ବର କେତେ ଖଣ୍ଡ ଦଉଡ଼ି କଟାଯାଇପାରିବ ? | |
| (ଘ) ୭୨ଟି ବାଇଗଣ ଚାରାକୁ ଗୋଟିଏ କିଆରିରେ ଧାଡ଼ି ଧାଡ଼ି କରି ଲଗାଇଲା । ପ୍ରତି ଧାଡ଼ିରେ ୮ଟି ଚାରା ଲଗାଯାଇଥିଲେ କେତୋଟି ଧାଡ଼ି ହେବ ? | |

ପାଠ - ୧୩

# ମାପ କରିବା



ଚିତ୍ରରେ ପିଲାଟି ଟେବୁଲର ଦୈର୍ଘ୍ୟ ଚାଖଣ୍ଡରେ ମାପୁଛି । ତୁମେ ଓ ତୁମର ସାଙ୍ଗମାନେ ନିଜ ନିଜ ଚାଖଣ୍ଡରେ ତୁମ ଶ୍ରେଣୀର ଟେବୁଲ ଦୈର୍ଘ୍ୟ ମାପ ଓ ତଳ ତାଲିକା ପୂରଣ କର ।





| ପିଲାର ନାମ | ଟେବୁଲ୍‌ର ଦୈର୍ଘ୍ୟ |
|---|---|
| ଗୋପାଳ | ୮ ଚାଖଣ୍ଡ |
| | |
| | |
| | |

ତୁମ କଳାପଟାର ଦୈର୍ଘ୍ୟ ହାତରେ, ସ୍ଲେଟ୍‌ର ଓସାର ଆଙ୍ଗୁଳିରେ ଓ ଏକ ବାଡ଼ିରେ ଶ୍ରେଣୀର ଦୈର୍ଘ୍ୟ ମାପ ଓ ତଳ ତାଲିକା ପୂରଣ କର ।

| ପିଲାର ନାମ | କଳାପଟାର ଦୈର୍ଘ୍ୟ | ସ୍ଲେଟ୍‌ର ଓସାର | ଶ୍ରେଣୀ ଗୃହର ଦୈର୍ଘ୍ୟ |
|---|---|---|---|
| ମିଲି | ୮ ହାତ | ୧୩ ଆଙ୍ଗୁଳି | ୧୦ ବାଡ଼ି |
| | | | |
| | | | |
| | | | |

ଆଙ୍ଗୁଳି ଓ ହାତର ମାପ ଦେଖ । ମାପଗୁଡ଼ିକ ସମାନ କି ?

ସମାନ ନ ହେବାର କାରଣ କ'ଣ ? ବାଡ଼ିରେ ମାପ ଗୁଡ଼ିକ ସମାନ କାହିଁକି ହେଲା ?

ମିଟର ବାଡ଼ିକୁ ଦେଖ ।

ଏଥିରେ ଲେଖାଥିବା ସଂଖ୍ୟାଗୁଡ଼ିକ କହ ।





୦ ... ୧୦, ୧୦ ... ୨୦, ୨୦ ... ୩୦, ୮୦ ... ୯୦, ୯୦ .... ୧୦୦ ମଧ୍ୟରେ ଛୋଟ ଛୋଟ ଦାଗ ଗୁଡ଼ିକ ଦେଖ । ଦୁଇଟି ବଡ଼ ଦାଗ ମଧ୍ୟରେ କେତୋଟି ସାନ ଦାଗ ଅଛି କହ । ଏହି ଦୁଇଟି ପାଖାପାଖିସାନ ସାନ ଦାଗଦ୍ୱୟ ମଧ୍ୟରେ ଥିବା ଦୂରତ୍ୱ ୧ ସେ.ମି. । ସାନ ସାନ ଦାଗଗୁଡ଼ିକୁ ସେଣ୍ଟିମିଟର କହନ୍ତି ।

ଲକ୍ଷ୍ୟକର – **୧ ମିଟର = ୧୦୦ ସେଣ୍ଟିମିଟର**

ମିଟର ବାଡ଼ିରେ ତୁମ ଶ୍ରେଣୀରେ ଥିବା ଝରକାର ଉଚ୍ଚତା, ଝରକାର ଓସାର, ବାରଣ୍ଡାର ଓସାର ମାପ ।

| ପିଲାଙ୍କ ନାମ | ଝରକାର ଉଚ୍ଚତା | ଝରକାର ଓସାର | ବାରଣ୍ଡାର ଓସାର |
|---|---|---|---|
| ଗୋପାଳ | | | |
| | | | |
| | | | |
| | | | |

ତୁମ ସ୍କୁଲ ବାରଣ୍ଡାର ଦୈର୍ଘ୍ୟ, ଫୁଲ ବଗିଚାର ଦୈର୍ଘ୍ୟ, କୂଅ ଦଉଡ଼ିର ଦୈର୍ଘ୍ୟ, ଅଫିସଠାରୁ ଗେଟ୍‌ର ଦୂରତା ଇତ୍ୟାଦି ଦେଖ ଓ ଅନୁମାନ କରି ସେଗୁଡ଼ିକର ଦୈର୍ଘ୍ୟ କେତେ ହେବ କହ । ମିଟର ବାଡ଼ିରେ ମାପି ଲେଖ ଓ ତୁମ ଅନୁମାନ ସହ ମିଟର ବାଡ଼ିର ମାପ କେତେ ମିଶୁଛି ଦେଖ ।

| | ଆନୁମାନିକ ମାପ | ପ୍ରକୃତ ମାପ |
|---|---|---|
| ସ୍କୁଲ ବାରଣ୍ଡାର ଦୈର୍ଘ୍ୟ | | |
| ଫୁଲ ବଗିଚାର ଦୈର୍ଘ୍ୟ | | |
| କୂଅ ଦଉଡ଼ିର ଦୈର୍ଘ୍ୟ | | |
| ଅଫିସରୁ ଗେଟ୍‌ର ଦୂରତା | | |

● ଖାଲିସ୍ଥାନ ପୂରଣ କର ।

| | |
|---|---|
| ୧ ମିଟର = | ୧୦୦ ସେଣ୍ଟିମିଟର |
| ୫ ମିଟର = | |
| ୭ ମିଟର = | |
| ୮ ମିଟର = | |
| ୪ ମିଟର = | |

ବହି, ସ୍ଲେଟ୍, କଲମ, ପେନସିଲ, ରିଫିଲ ଇତ୍ୟାଦି ଛୋଟ ଛୋଟ ଜିନିଷର ମାପ ସ୍କେଲରେ କରାଯାଏ ।




ଏହା ଏକ ସ୍କେଲର ଚିତ୍ର । ଏହାର ବଡ଼ ଦାଗ ଓ ସଂଖ୍ୟାଗୁଡ଼ିକୁ ଦେଖ । ଦୁଇଟି ପାଖାପାଖି ବଡ଼ ଦାଗ ମଧ୍ୟରେ ଥିବା ଦୂରତାକୁ ୧ ସେ.ମି. କହନ୍ତି । ଏଥିରେ ୧, ୨, ୩,....... ୧୫ ପର୍ଯ୍ୟନ୍ତ ସଂଖ୍ୟା ଲେଖା ଅଛି । ଏହା ୧୫ ସେଣ୍ଟିମିଟର ଲମ୍ବ ବିଶିଷ୍ଟ ଏକ ସ୍କେଲ ।





ଚିତ୍ରରେ ପେନ୍‌ସିଲର ଏକ ମୁଣ୍ଡ '୦' ଉପରେ ଅଛି । ପେନ୍‌ସିଲର ମୁନଟି ୮ ଉପରେ ଅଛି । ପେନ୍‌ସିଲର ଦୈର୍ଘ୍ୟ ୮ ସେ.ମି. । ସ୍କେଲ ସାହାଯ୍ୟରେ ତୁମ ବହି, ସ୍ଲେଟ୍, ପେନ୍‌ସିଲ, କଲମର ଦୈର୍ଘ୍ୟ ମାପ ଓ ତାଲିକା ପୂରଣ କର ।

| ବସ୍ତୁର ନାମ | ମାପ |
|---|---|
| ବହିର ଦୈର୍ଘ୍ୟ | |
| ସ୍ଲେଟ୍‌ର ଦୈର୍ଘ୍ୟ | |
| କଲମର ଦୈର୍ଘ୍ୟ | |
| ପେନ୍‌ସିଲ୍‌ର ଦୈର୍ଘ୍ୟ | |

- ତୁମେ ବସିଥିବା ଆସନର ଦୈର୍ଘ୍ୟ, ବ୍ୟବହାର କରୁଥିବା ସ୍କୁଲ ବ୍ୟାଗ୍‌ର ଦୈର୍ଘ୍ୟ, ଓସାର ଓ ଉଚ୍ଚତା, ତୁମ ଗଣିତ ଖାତାର ଦୈର୍ଘ୍ୟ ସେଣ୍ଟିମିଟରରେ କେତେ ହେବ ଅନୁମାନ କରି କହ ଓ ମାପ କରି ଦେଖ । ତୁମର କଳନା କେତେଦୂର ଠିକ୍ ହେଲା ।

| | ଅନୁମାନିକ ମାପ | ପ୍ରକୃତ ମାପ |
|---|---|---|
| ଆସନର ଦୈର୍ଘ୍ୟ | ୭୫ ସେ.ମି. | ୬୪ ସେ.ମି. |
| ସ୍କୁଲ ବ୍ୟାଗ୍‌ର ଦୈର୍ଘ୍ୟ | | |
| ସ୍କୁଲ ବ୍ୟାଗ୍‌ର ଓସାର | | |
| ସ୍କୁଲ ବ୍ୟାଗ୍‌ର ଉଚ୍ଚତା | | |
| ଗଣିତ ଖାତାର ଦୈର୍ଘ୍ୟ | | |

ହାତୀ ସାର୍ଟ ପିନ୍ଧିବ
ହାତୀ ପ୍ୟାଣ୍ଟ ପିନ୍ଧିବ
ଦରଜି ପାଖକୁ ଯାଇ ମାପ ସେ ଦେବ ।
ପାଖ ଦରଜି ଭାଇ
ଚାହିଁ ବସି ଅଛଇ
କିଏ ସେ ଆସିବ ଅବା ପୋଷାକ ପାଇଁ ।
ହାତୀ ଆସିବା ଦେଖି
ସିଏ ହୋଇଲା ସୁଖୀ
ଫିତାରେ ମାପି ମାପ ନେଲା ସେ ରଖି ।
ବାର ମିଟର କନା
ଲୋଡ଼ା ହୋଇବ ସିନା
ଟଙ୍କାଦେଲେ ଆଜି କନା ହୋଇବ କିଣା ।





ଦରଜି ଦୋକାନରେ ସାର୍ଟ ମାପ ନେଲାବେଳେ ସେ ଫିତାରେ ମାପ ନିଏ । ମିଟର ବାଡ଼ି ଭଳି ଫିତାରେ ମଧ୍ୟ ମାପ ହୁଏ । ଏହା ଏକ ମାପ ଫିତାର ଚିତ୍ର । ତୁମ ପ୍ରତ୍ୟେକଙ୍କର ଉଚ୍ଚତା ଏହିପରି ଫିତାରେ ମାପ । ଏକ ତାଲିକା ପ୍ରସ୍ତୁତ କରି ପ୍ରତ୍ୟେକଙ୍କ ଉଚ୍ଚତାର ମାପକୁ ଲେଖ ।

● ଆସ ହିସାବ କରିବା

(କ) ତୁମ ଶ୍ରେଣୀ ଗୃହର ଦୈର୍ଘ୍ୟ ୬ ମିଟର ଓ ପ୍ରସ୍ଥ ୫ ମିଟର । ଏହାର ଦୈର୍ଘ୍ୟ ଓ ପ୍ରସ୍ଥ ମିଶି କେତେ ?

| | |
|---|---|
| | ୬ ମିଟର |
| | + ୫ ମିଟର |
| ତେବେ ଦୈର୍ଘ୍ୟ ଓ ପ୍ରସ୍ଥ ମିଶି = | ୧୧ ମିଟର |

| | |
|---|---|
| (ଖ) ଖେଳ ପଡ଼ିଆର ଦୈର୍ଘ୍ୟ | ୧୮ ମିଟର ୫୦ ସେ.ମି. |
| ଖେଳ ପଡ଼ିଆର ଓସାର | + ୧୧ ମିଟର ୨୫ ସେ.ମି. |
| ଦୈର୍ଘ୍ୟ ଓ ଓସାର ମିଶି = | ୨୯ ମିଟର ୭୫ ସେ.ମି. |


**ମିଶାଣରେ ମିଟର ସହ ମିଟର ଓ ସେଣ୍ଟିମିଟର ସହ ସେଣ୍ଟିମିଟରର ଯୋଗ କରାଯାଏ ।**

## ଅଭ୍ୟାସ


୧. ଦୈର୍ଘ୍ୟ ମାପ ଓ ହିସାବ କର ।



(ପ୍ରଥମ ଚିତ୍ର)




(ଦ୍ୱିତୀୟ ଚିତ୍ର)



(ତୃତୀୟ ଚିତ୍ର)

| ଚିତ୍ର | କଖ ଓ ଗଘ ବାହୁର ଦୈର୍ଘ୍ୟ ମିଶି | ଖଗ ଓ କଘ ବାହୁର ଦୈର୍ଘ୍ୟ ମିଶି | ପାଖାପାଖି ୨ଟି ବାହୁର ଦୈର୍ଘ୍ୟ ମିଶି (କଘ ଓ କଖ) |
|---|---|---|---|
| ପ୍ରଥମ ଚିତ୍ର | | | |
| ଦ୍ୱିତୀୟ ଚିତ୍ର | | | |
| ତୃତୀୟ ଚିତ୍ର | | | |

୨. ଚିତ୍ର ଦେଖ ଓ ହିସାବ କର ।





କଖ + ଗଙ = ............ + ............ =

କଖ + କଗ = ............ + ............ =

ଙଘ + ଘଖ = ............ + ............ =

କଖ + ଘଖ = ............ + ............ =


୩. ସୀମା କେଉଁ ବାଟରେ ଗଲେ କମ୍ ରାସ୍ତା ଅତିକ୍ରମ କରି ବସ୍ ଧରିବ ? ବାଟ କେତେ କମିଯିବ ?




୪. ବିଲେଇ କେଉଁ ବାଟ ଦେଇ ମୂଷାକୁ ଧରିଲେ କମ୍ ବାଟ ଯିବାପାଇଁ ପଡ଼ିବ ?




୫. ବାଡ଼ିଗୁଡ଼ିକର ଦୈର୍ଘ୍ୟ ମାପ ଓ ଦେଖ ।




୧ମ ବାଡ଼ି ଓ ୨ୟ ବାଡ଼ିର ଦୈର୍ଘ୍ୟ ମଧ୍ୟରେ ପାର୍ଥକ୍ୟ = ୧୧ ମି. - ୪ ମି. = ୭ ମିଟର

୩ୟ ବାଡ଼ି ଓ ୨ୟ ବାଡ଼ିର ଦୈର୍ଘ୍ୟ ମଧ୍ୟରେ ପାର୍ଥକ୍ୟ = =

୩ୟ ବାଡ଼ି ଓ ୪ର୍ଥ ବାଡ଼ିର ଦୈର୍ଘ୍ୟ ମଧ୍ୟରେ ପାର୍ଥକ୍ୟ = =

୫ମ ବାଡ଼ି ଓ ୩ୟ ବାଡ଼ିର ଦୈର୍ଘ୍ୟ ମଧ୍ୟରେ ପାର୍ଥକ୍ୟ = =

୫ମ ବାଡ଼ି ଓ ୨ୟ ବାଡ଼ିର ଦୈର୍ଘ୍ୟ ମଧ୍ୟରେ ପାର୍ଥକ୍ୟ = =

୬. ହିସାବ କର ଓ ଲେଖ ।

ସର୍କସରେ ଥିବା ବିଭିନ୍ନ ପଶୁମାନଙ୍କର ପୋଷାକ ତିଆରି ପାଇଁ କେତେ ପରିମାଣରେ କପଡ଼ା ଦରକାର ଦିଆଯାଇଛି । ସେଗୁଡ଼ିକୁ ଲକ୍ଷ୍ୟ କରି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।





| | |
|---|---|
| ମାଙ୍କଡ଼ | ୧ ମି. ୨୦ ସେ.ମି. |
| ବିଲେଇ | ୬୦ ସେ.ମି. |
| ଭାଲୁ | ୨ ମି. ୨୫ ସେ.ମି. |
| ହାତୀ | ୫ ମି. |
| ବାଘ | ୩ ମି. ୨୫ ସେ.ମି. |




ମାଙ୍କଡ଼ ଓ ବିଲେଇ ପାଇଁ କପଡ଼ା ଦରକାର = .............. + ................ = ...............

ଭାଲୁ ଓ ମାଙ୍କଡ଼ ପାଇଁ କପଡ଼ା ଦରକାର = .............. + ................ = ...............

ବାଘ ଓ ବିଲେଇ ପାଇଁ କପଡ଼ା ଦରକାର = .............. + ................ = ...............

ହାତୀ ଓ ବାଘ ପାଇଁ କପଡ଼ା ଦରକାର = .............. + ................ = ...............

ହାତୀ ଓ ମାଙ୍କଡ଼ ପାଇଁ କପଡ଼ା ଦରକାର = .............. + ................ = ...............

(କ) କେଉଁ ଦୁଇଜଣଙ୍କ ପାଇଁ ବେଶୀ କପଡ଼ା ଦରକାର ଓ କେଉଁ ଦୁଇଜଣଙ୍କ ପାଇଁ କମ୍ କପଡ଼ା ଦରକାର ?

(ଖ) କେଉଁ ଦୁଇଜଣଙ୍କ ପାଇଁ ୭ ମିଟର ୨୫ ସେ.ମି. କପଡ଼ା ଦରକାର ?

(ଗ) କେଉଁ ଦୁଇଜଣଙ୍କ ପାଇଁ ୬ ମିଟର ୨୦ ସେ.ମି. କପଡ଼ା ଦରକାର ?

(ଘ) କେଉଁ ଦୁଇଜଣଙ୍କ ପାଇଁ ୫ ମିଟର ୬୦ ସେ.ମି. କପଡ଼ା ଦରକାର ?

(ଙ) କେଉଁ ଦୁଇଜଣଙ୍କ ପାଇଁ ୫ ମିଟର ୫୦ ସେ.ମି. କପଡ଼ା ଦରକାର ?

୭. କହ ଓ ଲେଖ ।




(କ) ହରି ବିପିନଠାରୁ କେତେ ଡେଙ୍ଗା ?

(ଖ) ନରେଶ ଗଣେଶଠାରୁ କେତେ ଡେଙ୍ଗା ?

(ଗ) ରାମ ନରେଶଠାରୁ କେତେ ଡେଙ୍ଗା ?

(ଘ) ଗଣେଶର ଉଚ୍ଚତା ରାମଠାରୁ କେତେ କମ୍ ?

(ଙ) ନରେଶ ବିପିନଠାରୁ କେତେ ଡେଙ୍ଗା ?

(ଚ) ହରିର ଉଚ୍ଚତା ଗଣେଶଠାରୁ କେତେ କମ୍ ?



୮. ବାଘ ଘରଠାରୁ କାହାର ଦୂରତା କେତେ ?




ଦୂରତା କେତେ  ହିସାବ କରି କହ ।

(କ) ବିଲୁଆ ଗାତରୁ ଭାଲୁ ଗୁମ୍ଫା

(ଖ) ଭାଲୁ ଗୁମ୍ଫାରୁ ହରିଣ ଘର


(ଗ) ସାପ ଗାତରୁ ବିଲୁଆ ଗାତ

(ଘ) ହରିଣ ଘରୁ ସାପ ଗାତ

(ଙ) ବିଲୁଆ ଗାତରୁ ହରିଣ ଘର

(ଚ) ଭାଲୁ ଗୁମ୍ଫାରୁ ସାପ ଗାତ

୯.




**ଚିତ୍ର ଦେଖି ବିଭିନ୍ନ ବସ୍ତୁର ଦୈର୍ଘ୍ୟ କେତେ କହ ଓ ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।**

(କ) ପେନ୍‌ସିଲ୍, ରିଫିଲଠାରୁ କେତେ କମ୍ ?

(ଖ) ପେନ୍, ପେନ୍‌ସିଲ୍‌ଠାରୁ କେତେ ବଡ଼ ?

(ଗ) ସ୍କ୍ରୁ, କଣ୍ଟାଠାରୁ କେତେ ସାନ ?

(ଘ) ପେନ୍, ରିଫିଲ୍‌ଠାରୁ କେତେ କମ୍ ?

(ଙ) ରିଫିଲ୍, କଣ୍ଟାଠାରୁ କେତେ ଅଧିକ ?

(ଚ) ପେନ୍, କଣ୍ଟାଠାରୁ କେତେ ଅଧିକ ?

**୧୦. ଶୂନ୍ୟସ୍ଥାନ ପୂରଣ କର ।**

(କ) ୧୪୦ ସେ.ମି. = ୧ ମି. ୪୦ ସେ.ମି.

(ଖ) ୩୭୫ ସେ.ମି. = ............. ମି. ................. ସେ.ମି.

(ଗ) ୫୮୫ ସେ.ମି. = ............. ମି. ................. ସେ.ମି.

(ଘ) ୯୮୮ ସେ.ମି. = ............. ମି. ................. ସେ.ମି.

**୧୧. ଶୂନ୍ୟସ୍ଥାନ ପୂରଣ କର ।**

(କ) ୨ ମି. ୨୫ ସେ.ମି. + ୭ ମି. ୫୦ ସେ.ମି. = ୯ ମି. ୭୫ ସେ.ମି.

(ଖ) ୫ ମି. ୫୦ ସେ.ମି. + ୪ ମି. ୪୦ ସେ.ମି. =.......... ମି. ........... ସେ.ମି.

(ଗ) ୧୭୫ ମି. ୩୫ ସେ.ମି. + ୩୫୭ ମି. ୬୦ ସେ.ମି. =.......... ମି. ........... ସେ.ମି.

(ଘ) ୩୦୫ ମି. ୩୫ ସେ.ମି. + ୩୯ ମି. ୫ ସେ.ମି. =.......... ମି. ........... ସେ.ମି.

୧୨. ଶୂନ୍ୟସ୍ଥାନ ପୂରଣ କର ।

(କ) ୧୯ ମି. ୭୫ ସେ.ମି. - ୧୮ ମି. ୫୦ ସେ.ମି. = ............

(ଖ) ୧୩୦ ମି. ୮୧ ସେ.ମି. - ୩୦ ମି. ୧୯ ସେ.ମି. =............


(ଗ) ୭୮୯ ମି. ୯୦ ସେ.ମି. - ୩୮୪ ମି. ୭୫ ସେ.ମି. = ..........

ମିଟରରୁ ମିଟର ଏବଂ ସେଣ୍ଟିମିଟରରୁ ସେଣ୍ଟିମିଟରକୁ ବିୟୋଗ କରାଯାଏ ।

| | |
|---|---|
| ୧୩. ବାପା ଦୋକାନରୁ ସୀତାର ଫ୍ରକ୍ ପାଇଁ ୩ ମି. ୭୫ ସେ.ମି. ଓ ପ୍ୟାଣ୍ଟ ପାଇଁ ୧ ମି. ୨୦ ସେ.ମି. କପଡ଼ା କିଣିଲେ । ମୋଟ କେତେ କପଡ଼ା କିଣିଲେ ? | ଫ୍ରକ୍ ପାଇଁ କପଡ଼ା କିଣା ୩ ମି. ୭୫ ସେ.ମି.<br>ପ୍ୟାଣ୍ଟ ପାଇଁ କପଡ଼ା କିଣା ୧ ମି. ୨୦ ସେ.ମି.<br>ମୋଟ କପଡ଼ା କିଣା ୪ମି. ୯୫ ସେ.ମି. |
| ୧୪. ରିମା ୩୫ ମି. ୫୫ ସେ.ମି. ଓ ଲିନା ୨୭ ମି. ୩୦ ସେ.ମି. ସୂତା କାଟିଲେ । ଉଭୟ ମିଶି କେତେ ସୂତା କାଟିଲେ ? | ରିମା କାଟିଥିବା ସୂତା ୩୫ ମି. ୫୫ ସେ.ମି.<br>ଲିନା କାଟିଥିବା ସୂତା ......................<br>ଉଭୟ ମିଶି କାଟିଥିବା ସୂତା .................... |
| ୧୫. ଗୁଡ଼ି ଉଡ଼ାଇବା ପାଇଁ ରହିମ୍ ୧୦୫ ମି. ୫୦ ସେ.ମି. ଓ ସଲିମ୍ ୮୭ ମି. ୨୫ ସେ.ମି. ସୂତା ଦୋକାନରୁ କିଣିଲେ । ଦୁଇଜଣ ମୋଟ କେତେ ଲମ୍ବର ସୂତା କିଣିଲେ ? | ରହିମ୍ କିଣିଥିବା ସୂତା ......................<br>ସଲିମ୍ କଣିଥିବା ସୂତା ......................<br>ମୋଟ୍ ସୂତା କିଣିଲେ ...................... |
| ୧୬. ତୁମ ଘରଠାରୁ ମନ୍ଦିରର ଦୂରତା ୯୭୫ ମି. ତୁମେ ୫୮୦ ମି. ଚାଲିଚାଲି ଗଲ । ବାକି ରାସ୍ତା ସାଙ୍ଗ ସହିତ ସାଇକେଲରେ ଗଲ । କେତେ ବାଟ ସାଇକେଲ୍‌ରେ ଗଲ ? | ଘରଠାରୁ ମନ୍ଦିରର ଦୂରତା......................<br>ଚାଲିଚାଲି ଗଲ = ......................<br>ବାକିଥିବା ରାସ୍ତା = ......................<br>.................. ମିଟର ସାଇକେଲରେ ଗଲ । |

| | |
|---|---|
| ୧୭. ଗୋଟିଏ କୂଅର ଗଭୀରତା ୭୫ ମି. ୮୦ ସେ.ମି. । ତୁମ ନିକଟରେ ୩୬ ମିଟରର ଦଉଡ଼ି ଅଛି । ଆଉ କେତେ ମିଟର ଦଉଡ଼ି ଯୋଡ଼ିଲେ ତୁମେ କୂଅରୁ ପାଣି କାଢ଼ି ପାରିବ ? | |
| ୧୮. ତୁମ ଘରୁ ଡାକ୍ତରଖାନାର ଦୂରତା ୪୪୯ ମି. ୪୦ ସେ.ମି. । ଡାକ୍ତରଖାନା ଯାଇ ଘରକୁ ଫେରିଆସିଲେ ତୁମେ ମୋଟ କେତେ ରାସ୍ତା ଅତିକ୍ରମ କରିବ ? | |

**୧୯. ଚିତ୍ରରେ ସମାନ ସମାନ ଦୈର୍ଘ୍ୟକୁ ତୀର ଚିହ୍ନ ସାହାଯ୍ୟରେ ଯୋଡ଼ ।**



ପାଠ - ୧୪

# ଓଜନ ଓ ପରିମାଣ ଜାଣିବା



ପୁରୁଣିଆଁ ଗାଁ' ଦାଣ୍ଡରେ ଡେଙ୍ଗୁରା ବାଜିଲା । ଡେଙ୍ଗୁରା-ବାଦକ କହୁଥିଲା, "ଶୁଣ-ଶୁଣ-ଶୁଣ, ଖାଉଟି ଦୋକାନରେ ଚିନି, ଚାଉଳ, ଗହମ ଓ କିରୋସିନ୍ ତେଲ ସୁଲଭ ଦାମ୍‌ରେ ମିଳୁଛି । ସନ୍ଧ୍ୟାବେଳେ ଦୋକାନ ଖୋଲା ରହିବ ।"

ବିବେକ ଏହା ଶୁଣି ଘରକୁ ଦୌଡ଼ି ଆସି ମା'ଙ୍କୁ କହିଲା, "ମା', ଡେଙ୍ଗୁରାବାଲା କହୁଥିଲା ଆଜି ଚିନି, ଗହମ, ଚାଉଳ ଓ କିରୋସିନ୍ ତେଲ ଖାଉଟି ଦୋକାନରେ ମିଳିବ ।"



ମା' - "ଆମକୁ ୪ କିଲୋ ୭୫୦ ଗ୍ରାମ ଚିନି, ୮ କିଲୋ ୫୦୦ ଗ୍ରାମ ଚାଉଳ ଓ ୨ ଲିଟର ୫୦୦ ମିଲିଲିଟର କିରୋସିନ୍ ମିଳିବ । ସନ୍ଧ୍ୟାବେଳେ ବିଦ୍ୟାଳୟରୁ ଆସି ତୁ ଯାଇ ସେ ଜିନିଷ ନେଇ ଆସିବୁ ।"

ବିବେକ ବଡ଼ ଅଡୁଆରେ ପଡ଼ିଲା । ସେ ତ ଏତେଗୁଡ଼ାଏ କଥା ଆଗରୁ ଶୁଣି ନ ଥିଲା କି ଜାଣି ନ ଥିଲା । ଏ ସବୁ ଜିନିଷ ସେ ଠିକ୍ କରି ଆଣିବ କିପରି ?

ବିବେକ ସ୍କୁଲକୁ ଗଲା । ଶିକ୍ଷକଙ୍କୁ ଏ ବିଷୟରେ ପଚାରିଲା । ଶିକ୍ଷକ ସବୁ ପିଲାଙ୍କୁ ନେଇ ଗୋଟିଏ ଦୋକାନକୁ ଗଲେ ।

- **ପୂର୍ବ ଚିତ୍ର ଦେଖି କହ ।**

କେଉଁଠିରେ ଦୋକାନରେ ବିଭିନ୍ନ ଜିନିଷ ଓଜନ କରାଯାଉଛି ?

ବିଭିନ୍ନ ପ୍ରକାର ବଟକରାଗୁଡ଼ିକୁ ଚିହ୍ନ ।




୨ କିଲୋଗ୍ରାମ୍ ୧ କିଲୋଗ୍ରାମ୍ ୫୦୦ଗ୍ରାମ୍ ୨୦୦ଗ୍ରାମ୍ ୧୦୦ଗ୍ରାମ୍ ୫୦ଗ୍ରାମ୍ ୨୦ଗ୍ରାମ୍ ୧୦ଗ୍ରାମ୍


- **ଦୋକାନରେ ନିକିତି ଓ ବଟକରା ସାହାଯ୍ୟରେ କେଉଁ କେଉଁ ଜିନିଷ ଓଜନ କରାଯାଉଛି ତାହାର ତାଲିକା କର ।**

________________________________

________________________________

________________________________

- **ତଳ ଚିତ୍ରରେ ଦେଖୁଥିବା ବଟକରାଗୁଡ଼ିକର ତୁଳନା ଦେଖ ଓ ବୁଝ ।**



ଏଥିରୁ ଆମେ ଜାଣିଲେ -


୧ କିଲୋଗ୍ରାମ୍ = ______ ଗ୍ରାମ୍ । ଅଧ କିଲୋଗ୍ରାମ୍= ______ ଗ୍ରାମ୍ ।

କିଲୋଗ୍ରାମ୍‌କୁ ସଂକ୍ଷେପରେ କି.ଗ୍ରା. ଓ ଗ୍ରାମ୍‌କୁ ଗ୍ରା.ରେ ଲେଖାଯାଏ । ପିଲାମାନେ ଶିକ୍ଷକଙ୍କ ସହ ବିଦ୍ୟାଳୟକୁ ଫେରିଆସିଲେ ।

● ନିମ୍ନ ଲିଖିତ ଓଜନର ଜିନିଷ ଆଣିଲେ କେଉଁ କେଉଁ ବଟକରା ବ୍ୟବହାର କରିବାକୁ ପଡ଼ିବ ଚିତ୍ର କରି ଦେଖାଅ ।

| | |
|---|---|
| ୨୫୦ ଗ୍ରାମ୍ | |
| ୩୫୦ ଗ୍ରାମ୍ | |
| ୭୦୦ ଗ୍ରାମ୍ | |
| ୮୦୦ ଗ୍ରାମ୍ | |
| ୪୫୦ ଗ୍ରାମ୍ | |

● ତଳ ବଟକରାଗୁଡ଼ିକୁ ଦେଖ ଓ ମୋଟ କେତେ ଓଜନ ଅଛି କହ ।

| | |
|---|---|
|   | ୭୫୦ ଗ୍ରାମ୍ |
|   | ______ କି.ଗ୍ରା. _____ ଗ୍ରାମ୍ |
|   | ______ କି.ଗ୍ରା. _____ ଗ୍ରାମ୍ |
|   | ______ କି.ଗ୍ରା. _____ ଗ୍ରାମ୍ |
|   | ______ କି.ଗ୍ରା. _____ ଗ୍ରାମ୍ |

ସ୍କୁଲ ଛୁଟି ହେବା ପରେ ବିବେକ ଘରକୁ ଫେରିଲା । ସନ୍ଧ୍ୟାବେଳେ ଖାଉଟି ଦୋକାନକୁ ଗଲା । ବାଟରେ ତା' ସାଙ୍ଗ ଚିଣ୍ଟୁ ସହିତ ଦେଖାହେଲା । ଦୁହେଁ ଦୋକାନରେ ପହଞ୍ଚିଲେ । ଦୋକାନରେ କିରାସିନି ତେଲ ସରିଯାଇଥାଏ । ବିବେକ ୪ କି.ଗ୍ରା. ୭୫୦ ଗ୍ରାମ୍ ଚିନି, ୮ କି.ଗ୍ରା. ୫୦୦ ଗ୍ରାମ୍ ଚାଉଳ ଓ ଚିଣ୍ଟୁ ୨ କି.ଗ୍ରା. ୧୦୦ ଗ୍ରାମ୍ ଚିନି ଓ ୪ କି.ଗ୍ରା. ୨୦୦ ଗ୍ରା. ଓଜନର ଚାଉଳ କିଣିଲେ ।

- ଚିନି ଓ ଚାଉଳ କିଣିବା ପାଇଁ ବ୍ୟବହାର ହୋଇଥିବା ବଟକରାକୁ ଚିତ୍ରରେ ଦେଖାଅ ।

| | |
|---|---|
| ୪ କି.ଗ୍ରା. ୭୫୦ ଗ୍ରାମ୍ | |
| ୮ କି.ଗ୍ରା. ୫୦୦ ଗ୍ରାମ୍ | |
| ୨ କି.ଗ୍ରା. ୧୦୦ ଗ୍ରାମ୍ | |
| ୪ କି.ଗ୍ରା. ୨୦୦ ଗ୍ରାମ୍ | |




- ବିବେକ ଓ ଚିଣ୍ଟୁ ମିଶି କେତେ ଓଜନର ଚିନି କିଣିଲେ ?

| | |
|---|---|
| ବିବେକ ଚିନି କିଣିଲା | ୪ କି.ଗ୍ରା. ୭୫୦ ଗ୍ରାମ୍ |
| ଚିଣ୍ଟୁ ଚିନି କିଣିଲା | ୨ କି.ଗ୍ରା. ୧୦୦ ଗ୍ରାମ୍ |
| ମୋଟ ଚିନି କିଣିଲେ | ୬ କି.ଗ୍ରା. ୮୫୦ ଗ୍ରାମ୍ |

ଓଜନର ମିଶାଣ ବେଳେ କିଲୋଗ୍ରାମ୍‌କୁ କିଲୋଗ୍ରାମ୍ ସହିତ ଓ ଗ୍ରାମ୍‌କୁ ଗ୍ରାମ୍ ସହିତ ଯୋଗ କରିବାକୁ ପଡ଼େ ।

- ବିବେକ ଓ ଚିଣ୍ଟୁ ମିଶି କେତେ ଚାଉଳ କିଣିଲେ ?

ବିବେକ ଚାଉଳ କିଣିଲା ______ କି.ଗ୍ରା. ______ ଗ୍ରାମ୍

\+ ଚିଣ୍ଟୁ ଚାଉଳ କିଣିଲା (+) ______ କି.ଗ୍ରା. ______ ଗ୍ରାମ୍

ମୋଟ ଚାଉଳ କିଣିଲେ ______ କି.ଗ୍ରା. ______ ଗ୍ରାମ୍

- ବିବେକ ଚିଣ୍ଟୁଠାରୁ କେତେ ଅଧିକ ଚିନି କିଣିଲା ?

ବିବେକ ଚିନି କିଣିଲା କି.ଗ୍ରା. ______ ଗ୍ରାମ୍ ______

\- ଚିଣ୍ଟୁ ଚିନି କିଣିଲା (-) କି.ଗ୍ରା. ______ ଗ୍ରାମ୍ ______

ବିବେକ ଅଧିକ କିଣିଲା କି.ଗ୍ରା. ______ ଗ୍ରାମ୍ ______

- ବିବେକ ଚିଣ୍ଟୁଠାରୁ କେତେ ଅଧିକ ଚାଉଳ କିଣିଲା ?

ବିବେକ କିଣିଲା କି.ଗ୍ରା. ______ ଗ୍ରାମ୍ ______

\- ଚିଣ୍ଟୁ କିଣିଲା (-) କି.ଗ୍ରା. ______ ଗ୍ରାମ୍ ______

ବିବେକ ଚିଣ୍ଟୁଠାରୁ ଅଧିକ କିଣିଲା କି.ଗ୍ରା. ______ ଗ୍ରାମ୍ ______

ଫେଡ଼ାଣ କରିବା ବେଳେ କିଲୋଗ୍ରାମ୍‌ରୁ କିଲୋଗ୍ରାମ୍‌କୁ ଓ ଗ୍ରାମ୍‌ରୁ ଗ୍ରାମ୍‌କୁ ଫେଡ଼ାଣ କରାଯାଏ ।

# ଅଭ୍ୟାସ

୧. ଶୂନ୍ୟସ୍ଥାନ ପୂରଣ କର ।

| କି.ଗ୍ରା. | ଗ୍ରା. | କି.ଗ୍ରା. | ଗ୍ରା. | କି.ଗ୍ରା. | ଗ୍ରା. |
|---|---|---|---|---|---|
| ୧୫ | ୨୫୦ | ୯ | ୩୫୦ | ୨୩ | ୪୦୦ |
| +୮ | ୫୦୦ | +୭ | ୬୦୦ | +୭ | ୦୫୦ |
| | | | | +୦ | ୦୭୫ |

| କି.ଗ୍ରା. | ଗ୍ରା. | କି.ଗ୍ରା. | ଗ୍ରା. | କି.ଗ୍ରା. | ଗ୍ରା. |
|---|---|---|---|---|---|
| ୧୮ | ୭୫୦ | ୯୦ | ୭୦୦ | ୧୦ | ୦୫୦ |
| -୩ | ୩୨୫ | (-)୫୭ | ୨୨୫ | (-) ୩ | ୦୨୫ |

୨. ଡଙ୍ଗାରେ ନଈ ପାରି ହୋଇ ମେଳା ଦେଖିବା ପାଇଁ ବାଘ, ଭାଲୁ, ବିଲୁଆ ଓ ମାଙ୍କଡ଼ ବାହାରିଲେ। ବିଲେଇ ନାଉରିଆ ହୋଇ ଡଙ୍ଗା ଚଳାଉଥାଏ। ନଈରେ ଅଧିକ ପାଣି। ବିଲେଇ କହିଲା– ମୁଁ ଥରକରେ ଦୁଇ ଜଣରୁ ଅଧିକ ନେଇ ପାରିବି ନାହିଁ ଓ ମୋତେ ଛାଡ଼ି ୭୦ କି.ଗ୍ରା. ୭୫୦ ଗ୍ରାମରୁ ଅଧିକ ନେଇପାରିବି ନାହିଁ।

ଯେଉଁ ଯୋଡ଼ି ଗଲେ ଡଙ୍ଗା ବୁଡ଼ିଯିବ, ତା' ପାଖରେ 'X' ଚିହ୍ନ ଦିଅ ।

(କ) ବାଘ - ମାଙ୍କଡ଼

(ଖ) ଭାଲୁ - ମାଙ୍କଡ଼

(ଗ) ବାଘ - ବିଲୁଆ

(ଘ) ମାଙ୍କଡ଼ - ବିଲୁଆ

(ଙ) ବାଘ - ଭାଲୁ


(ଚ) ଭାଲୁ - ବିଲୁଆ



୩. ରାମବାବୁଙ୍କର ଜଣେ ବୋକା ଚାକର ପିଲା ଥିଲା । ସେ ତାକୁ ବାକ୍ସଟିକୁ ନେଇ ଷ୍ଟେସନ ଯିବାକୁ କହିଲେ । ବାକ୍ସର ଓଜନ ୯୬ କି.ଗ୍ରା. ୬୦୦ ଗ୍ରା. । ପିଲାଟିକୁ ବାକ୍ସଟି ଓଜନିଆ ଲାଗିବାରୁ ସେ ଭାବିଲା, ବାବୁ ତ ମୋତେ ବାକ୍ସ ନେବାକୁ କହିଛନ୍ତି । ଭିତରେ ଥିବା ଜିନିଷଗୁଡ଼ିକୁ ନ ନେଲେ ଚଳିବ । ଏହା ଭାବି ସେ ସେଗୁଡ଼ିକୁ ଫୋପାଡ଼ି ଦେଲା । ଷ୍ଟେସନରେ ଦେଖିବା ବେଳକୁ ବାକ୍ସ ଫାଙ୍କା । ଖାଲି ବାକ୍ସର ଓଜନ ଥିଲା ୩୫ କି.ଗ୍ରା. ୫୫୦ ଗ୍ରାମ । ଚାକର କେତେ ଓଜନର ଜିନିଷ ଫୋପାଡ଼ି ଥିଲା ?

**ଆସ ପରୀକ୍ଷା କରିବା-**

- ଗୋଟିଏ ନିକିତି ନିଅ । ତାର ବାମ ପଟ ପଲାରେ ୧ କିଲୋଗ୍ରାମ ଓଜନର ବଟକରା ପକାଅ । ସମାନ ଓଜନର ଇଟାଖଣ୍ଡେ ଡାହାଣପଟ ପଲାରେ ପକାଅ ।
- ଡାହାଣ ପଟ ପଲାରେ ପଡୁଥିବା ଇଟାଖଣ୍ଡର ଓଜନ କେତେ ?
- ଏବେ ଇଟାଖଣ୍ଡଟିକୁ ଭାଙ୍ଗି ଛୋଟ ଛୋଟ ତିନି ବା ଚାରି ଖଣ୍ଡ କରିଦିଅ ।



- ଛୋଟ ଛୋଟ ଇଟାଖଣ୍ଡମାନଙ୍କର ଓଜନର ସମଷ୍ଟି କେତେ ହେବ ?
- ନିକିତିର ବାମପଟ ପଲାରେ ୧ କିଲୋଗ୍ରାମ ବଟକରା ଥୋଇ ଡାହାଣପଟ ପଲାରେ ଛୋଟ ଛୋଟ ଇଟାଖଣ୍ଡଗୁଡ଼ିକୁ ରଖ ।

**ଗୋଟିଏ ନିର୍ଦ୍ଦିଷ୍ଟ ଓଜନର ବସ୍ତୁକୁ ଛୋଟ ଛୋଟ ଖଣ୍ଡ କରିଦେଲେ ବି ଛୋଟଖଣ୍ଡ ମାନଙ୍କର ଓଜନ ମୂଳ ବସ୍ତୁର ଓଜନ ସହ ସମାନ ହେବ ।**

**ଆସ ଆଉ ଗୋଟିଏ କାମ କରିବା -**

- କିଛି ଚକଟା ମାଟି ସଂଗ୍ରହ କର ।
- ତାକୁ ଦୁଇଟି ସମାନ ଓଜନର ମାଟିଗୁଳାରେ ପରିଣତ କର ।
- ମାଟିଗୁଳା ଦୁଇଟିକୁ ଅଲଗା ଅଲଗା କାଗଜ ଉପରେ ରଖ । କାଗଜଦୁଇଟି ଉପରେ 'କ' ଓ 'ଖ' ଲେଖିଦିଅ ।
- 'ଖ' ଲେଖାଥିବା କାଗଜ ଉପରେ ଥିବା ମାଟିଗୁଳାକୁ ଛୋଟ ଛୋଟ ୪ ବା ୫ ଖଣ୍ଡ କରିଦିଅ ଓ ଗୋଟିଏ ଖଣ୍ଡକୁ ଫୋପାଡ଼ି ଦିଅ ।
- ଏଣୁ 'କ' ଲେଖାଥିବା କାଗଜ ଉପରେ ଥିବା ମାଟିଗୁଳାର ଓଜନ 'ଖ' ଲେଖାଥିବା କାଗଜ ଉପରେ ଥିବା ମାଟିଗୁଳା ମାନଙ୍କର ଓଜନ ସମାନ ହେବ କି ?
- ଏପରି କାହିଁକି ହେବ ଲେଖ ।

କଖାରୁ ଓ ଲାଉ ମଧ୍ୟରେ ଝଗଡ଼ା ହେଲା । କାହାର ଓଜନ ଅଧିକ ? ଦୁହେଁ ଗଲେ ଚାଷୀ ପାଖକୁ । ନିକିତିର ଦୁଇଟି ପଲାରେ ଦୁହେଁ ବସିଲେ । କାହାର ଓଜନ ଅଧିକ ? ଚାଷୀ ଗୋଟିଏ ୨ କି.ଗ୍ରା. ଓଜନର ବଟକରାକୁ ଲାଉ ପାଖରେ ଥୋଇଦେଲା । ଏବେ ଦୁଇଟି ଯାକ ପଲାରେ ଥିବା ଓଜନ ସମାନ ହୋଇଗଲା ?



- କଖାରୁର ଓଜନ ଲାଉର ଓଜନଠାରୁ କେତେ ଅଧିକ ?
- ଲାଉର ଓଜନ କଖାରୁର ଓଜନଠାରୁ କେତେ କମ୍ ?

ପରିବା କିଣିବା ସମୟରେ ଦୋକାନୀ ଏହିଭଳି ଓଜନ କରିଥିବାର ଦେଖିଥିବ । ନିକିତିର କେଉଁ ପଟେ କ'ଣ କ'ଣ ପଡ଼ିଥିଲା ଓ କେତେ ଓଜନର ଜିନିଷ ବିକିଥିଲା ତୁମ ସାଙ୍ଗକୁ କହ ।

## ତରଳ ପଦାର୍ଥର ମାପ

ତଳେ ଦିଆଯାଇଥିବା ବିଭିନ୍ନ ମାପର ପଳାମାନଙ୍କୁ ଲକ୍ଷ୍ୟ କର -




୫୦ ମିଲିଲିଟର ୧୦୦ ମିଲିଲିଟର ୨୦୦ ମିଲିଲିଟର ୫୦୦ ମିଲିଲିଟର ୧ ଲିଟର

ଏହି ପଳାଗୁଡ଼ିକ ସାହାଯ୍ୟରେ ଦୋକାନରେ କ'ଣ କ'ଣ ମପାଯାଏ ତାର ତାଲିକା କର । ଅଧିକ ପରିମାଣର ତରଳ ପଦାର୍ଥ ମାପିବା ପାଇଁ ବଡ଼ ବଡ଼ ମାପ ପାତ୍ର ମଧ୍ୟ ବ୍ୟବହାର କରାଯାଏ ।



ଏକ ଲିଟର ପାତ୍ର ୨ ଲିଟର ପାତ୍ର ୫ ଲିଟର ପାତ୍ର ୧୦ ଲିଟର ପାତ୍ର

ମିଲିଲିଟରକୁ ସଂକ୍ଷେପରେ ମି.ଲି. ଓ ଲିଟରକୁ ସଂକ୍ଷେପରେ ଲି. ଲେଖାଯାଏ ।

ଏଗୁଡ଼ିକୁ ସଂକ୍ଷେପରେ ଲେଖ ।

୫ ଲିଟର ୨୫୦ ମିଲି ଲିଟର = ୫ଲି. ୨୫୦ ମି.ଲି.

୬ ଲିଟର ୭୫୦ ମିଲି ଲିଟର = ______

୭ ଲିଟର ୬୫୦ ମିଲି ଲିଟର = ______

୩ ଲିଟର ୨୦୦ ମିଲି ଲିଟର = ______

୫୦୦ ମି.ଲି. ପଳାଟିଏ ନିଅ । ସେଥିରେ ପୂରା ପାଣି ନେଇ ୧ ଲିଟର ପଳାରେ ଢାଳ । ୫୦୦ ମିଲି ଲିଟର ପଳାରେ କେତେଥର ପୂରା ପାଣି ନେଲେ ୧ ଲିଟର ପାଣିହେବ ?

**୧ ଲିଟର = ୧୦୦୦ ମିଲି ଲିଟର**

- କେଉଁ କେଉଁ ପଳା ବା ପାତ୍ର ଦରକାର ହେବ ଲେଖ ।

| | |
|---|---|
| ୫୫୦ ମି.ଲି. | |
| ୩୫୦ ମି.ଲି. | |
| ୧ଲି. ୭୫୦ ମି.ଲି. | |
| ୩ଲି. ୩୦୦ ମି.ଲି. | |
| ୫ଲି. | |
| ୨ଲି. ୫୦୦ମି.ଲି. | |

- ପ୍ରତ୍ୟେକ ଧାଡ଼ିରେ ଥିବା ପଳାଗୁଡ଼ିକରେ ଥରେ ଥରେ ପୂରା କ୍ଷୀର ଦିଆଗଲେ କେତେ ପରିମାଣରେ କ୍ଷୀର ଦିଆଯିବ ଲେଖ ।

| | |
|---|---|
|   | |
|   | |
|   | |
|   | |
|  | |
|   | |

- ବିବେକ କ୍ଷୀରବାଲା ପାଖରୁ ୨ଲି. ୫୦୦ ମି.ଲି. ଓ ରାନୁ ୩ଲି. ୨୫୦ ମି.ଲି. କ୍ଷୀର ଆଣିଲେ । ଦୁହେଁ ମିଶି କେତେ ପରିମାଣର କ୍ଷୀର ଆଣିଲେ ?



| | |
|---|---|
| ବିବେକ କ୍ଷୀର ଆଣିଲା | ୨ ଲିଟର ୫୦୦ ମିଲିଲିଟର |
| ରାନୁ କ୍ଷୀର ଆଣିଲା | ୩ ଲିଟର ୨୫୦ ମିଲିଲିଟର |
| ମୋଟ କ୍ଷୀର | ୫ ଲିଟର ୭୫୦ ମିଲିଲିଟର |

ତରଳ ପରିମାଣର ମାପର ମିଶାଣ ବେଳେ ଲିଟରକୁ ଲିଟର ଓ ମିଲିଲିଟରକୁ ମିଲିଲିଟର ସହ ଯୋଗ କରାଯାଏ ।

- ସୋନୁ ଓ ସଲମା ସୋରିଷ ତେଲ କିଣିବା ପାଇଁ ଦୋକାନକୁ ଗଲେ । ସୋନୁ ୩ ଲି. ୨୦୦ ମି.ଲି. ଓ ସଲମା ୪ଲି. ୩୦୦ ମି.ଲି. ତେଲ କିଣିଲେ । ଦୁଇଜଣ ଯାକ କେତେ ପରିମାଣରେ ତେଲ କିଣିଲେ ?

ସୋନୁ କିଣିଲା ________ ଲି. ________ ମି.ଲି.

ସଲମା କିଣିଲା ________ ଲି. ________ ମି.ଲି.

ମୋଟ ତେଲ କିଣିଲେ ________ ଲି. ________ ମି.ଲି.


- ସୋନୁ ଅପେକ୍ଷା ସଲମା କେତେ ପରିମାଣର ଅଧିକ ତେଲ କିଣିଲା ?

ସଲମା କିଣିଲା ________ ଲି. ________ ମି.ଲି.

ସୋନୁ କିଣିଲା ________ ଲି. ________ ମି.ଲି.

ସଲମା ଅଧିକା କିଣିଲା ________ ଲି. ________ ମି.ଲି.

- ତଳେ ଦିଆଯାଇଥିବା ଚିତ୍ର ଦୁଇଟିକୁ ଦେଖ ।



କେଉଁ ପାତ୍ରରେ ଅଧିକ ପାଣି ଥିବାର ତୁମେ ଭାବୁଛ ?

- ଏବେ ତୁମେ ଦୁଇଟି ଅଲଗା ଅଲଗା ପାତ୍ର ନିଅ ।
- ଉଭୟ ପାତ୍ରରେ ସମାନ ପରିମାଣର ପାଣି ଢାଳ ।
- କେଉଁ ପାତ୍ରରେ ଅଧିକ ପରିମାଣର ପାଣି ଥିଲା ଭଳି ଜଣାପଡୁଛି ?
- ତୁମ ସାଙ୍ଗକୁ ପଚାର କେଉଁ ପାତ୍ରରେ ଅଧିକ ପାଣି ଅଛି ।
- ପ୍ରକୃତରେ, ଦୁଇଟିଯାକ ପାତ୍ରରେ ଭିନ୍ନ ଭିନ୍ନ ପରିମାଣର ପାଣି ଅଛି କି ?

**ନିର୍ଦ୍ଦିଷ୍ଟ ପରିମାଣର ତରଳ ପଦାର୍ଥକୁ ଭିନ୍ନ ଭିନ୍ନ ଆକାରର ପାତ୍ରରେ ରଖାଗଲେ ତାର ପରିମାଣ କମେ ନାହିଁ କି ବଢ଼େ ନାହିଁ ।**

ଏବେ କହ :-

ଗୋଟିଏ ବଡ଼ ପାତ୍ରରେ କିଛି ପାଣି ନିଆଗଲା । ସେହି ପାଣିରୁ କିଛି ପାଣିକୁ ଗୋଟିଏ ପାତ୍ରରେ ରଖାଗଲା । ବଳକା ପାଣିକୁ ଅନ୍ୟ ଏକ ପାତ୍ରରେ ରଖାଗଲା । ବଡ଼ ପାତ୍ରରେ ନିଆଯାଇଥିବା ପାଣିର ପରିମାଣ ପ୍ରତ୍ୟେକ ଛୋଟ ପାତ୍ରରେ ଥିବା ପାଣି ପରିମାଣଠାରୁ ଅଧିକ ନା କମ୍ ? ଛୋଟ ପାତ୍ରରେ ଥିବା ପାଣିର ପରିମାଣ ବଡ଼ ପାତ୍ରର ପାଣିର ପରିମାଣଠାରୁ ଅଧିକ କି ?

## ଅଭ୍ୟାସ

୧. ତୁମ ଘରେ ତେଲ, ପାଣି, କ୍ଷୀର ପ୍ରଭୃତି ତରଳ ପଦାର୍ଥ ରଖିବା ପାଇଁ ଯେଉଁ ଯେଉଁ ପାତ୍ର ବ୍ୟବହାର କରାଯାଏ ତାଲିକା କର ।

କମ୍ ରୁ ଅଧିକ ପାଣି ରହୁଥିବା ପାତ୍ରଗୁଡ଼ିକର ନାମ କ୍ରମାନୁଯାୟୀ ସଜେଇ ଲେଖ ।

୨. ଗୋଟିଏ ବୋତଲ ସଂଗ୍ରହ କର ଯେଉଁଥିରେ ୧ ଲିଟର ପାଣି ରହିବ । ଖଣ୍ଡିଏ କାଗଜରେ ୧ ଲିଟର ଲେଖି ସେହି ବୋତଲ ଉପରେ ଅଠାରେ ଲଗାଇଦିଅ ।

- ବିଦ୍ୟାଳୟ ଓ ଘରେ ଥିବା ବିଭିନ୍ନ ପ୍ରକାର ପାତ୍ର (ବୋତଲ, କପ୍, ମଗ, ବାଲଟି, ଗ୍ଲାସ ଇତ୍ୟାଦି) ଯୋଗାଡ଼ କର ।
- ଏକ ଲିଟିରିଆ ବୋତଲରେ ପୂରା ପାଣି ନେଇ ପ୍ରତ୍ୟେକ ପାତ୍ରରେ ଢାଳ ।
- କେଉଁ କେଉଁ ପାତ୍ରରେ ୧ ଲିଟରରୁ ଅଧିକ ଓ କେଉଁ କେଉଁ ପାତ୍ରରେ ୧ ଲିଟରରୁ କମ୍ ପାଣି ଧରୁଛି ଲେଖ ଓ ପାତ୍ରଗୁଡ଼ିକର ଚିତ୍ର ଅଙ୍କନ କର ।

୩. ଚିତ୍ରରେ ଦିଆଯାଇଥିବା ପଳାରେ ହଜି ଯାଇଥିବା ସଂଖ୍ୟାଟିକୁ ଲେଖ ।

(କ) 


(ଖ) 


(ଗ) 


୪. କଳସୀରେ ୨ ଲିଟର, ଗ୍ଲାସରେ ୨୦୦ ମି.ଲି. ଓ ଗିନାରେ ୧୦୦ମି.ଲି. ପାଣି ଧରେ ।



(କ) କେତେ ଗିନା ପାଣି ହେଲେ କଳସୀ ପୂରିବ ?

(ଖ) କେତେ ଗିନା ପାଣି ହେଲେ ଗ୍ଲାସ ପୂରିଯିବ ?

(ଗ) ଗୋଟିଏ ପୂରା କଳସୀ ପାଣିରୁ କେତେ ଗ୍ଲାସ ପାଣି ମିଳିବ ?

(ଘ) ଗୋଟିଏ କଳସୀ ପାଣିରୁ କେତେ ଗିନା ପାଣି ମିଳି ପାରିବ ?

୫. ଖାଲି ସ୍ଥାନରେ ଉତ୍ତର ଲେଖ ।

| | | | |
|---|---|---|---|
| ୧୫ ଲି. | ୬୪ ଲି. | ୮୯ ଲି. | ୨୫୦ ମି.ଲି. |
| + ୧୨ ଲି. | + ୧୫ ଲି. | + ୧୬ ଲି. | + ୫୦୦ ମି.ଲି. |
| ______ | ______ | ______ | ______ |

| | | |
|---|---|---|
| ୩୨ ଲି. ୪୫୦ ମି.ଲି. | ୧୦ ଲି. ୧୦୦ ମି.ଲି. | ୨ ଲି. ୨୫୦ ମି.ଲି. |
| + ୨୮ ଲି. ୨୦୦ ମି.ଲି. | + ୬୯ ଲି. ୧୫୦ ମି.ଲି. | + ୩ ଲି. ୫୦ ମି.ଲି. |
| + ୧୨ ଲି. ୧୫୦ ମି.ଲି. | + ୨୮ ଲି. ୨୫୦ ମି.ଲି. | + ୧୬ ଲି. ୬୦୦ ମି.ଲି. |
| ______ | ______ | ______ |

| | | |
|---|---|---|
| ୭୬ ଲି. ୬୪୦ ମି.ଲି. | ୬୮ ଲି. ୨୫୦ ମି.ଲି. | ୬ ଲି. ୪୫୦ ମି.ଲି. |
| − ୫୪ ଲି. ୩୨୫ ମି.ଲି. | − ୨୯ ଲି. ୧୦୦ ମି.ଲି. | − ୪ ଲି. ୩୭୫ ମି.ଲି. |
| ______ | ______ | ______ |

୬. ସମାଧାନ କର ।

(କ) ଗୋଟିଏ ଟିଣରେ ୨୫୦ଲି. କିରୋସିନ ଧରେ । ଅନ୍ୟ ଗୋଟିଏ ଟିଣରେ ୧୭୫ଲି. କିରୋସିନ ତେଲ ଧରେ । ଦୁଇଟି ଟିଣରେ ମୋଟ କେତେ କିରୋସିନ ତେଲ ରହିବ ?

ପ୍ରଥମ ଟିଣରେ କିରୋସିନ ଧରେ    ୨୫୦ ଲି.
ଦ୍ୱିତୀୟ ଟିଣରେ କିରୋସିନ ଧରେ    ୧୭୫ ଲି.
ମୋଟରେ କିରାସିନ ଧରେ    ....... ଲି.

(ଖ) ସୀତା ୧ଲି. ୨୫୦ ମି.ଲି. କ୍ଷୀର ପିଇଲା । ଗୀତା ୬୫୦ ମି.ଲି. କ୍ଷୀର ପିଇଲା । ଦୁଇ ଜଣ ମିଶି କେତେ ପରିମାଣର କ୍ଷୀର ପିଇଲେ ?

(ଗ) ଜଣେ ଚା' ଦୋକାନୀ ସକାଳେ ୧୫ଲି. ୫୦୦ ମି.ଲି. କ୍ଷୀର କିଣିଲା । ସନ୍ଧ୍ୟାବେଳକୁ ତା' ପାଖରେ ୮ଲି. ୨୦୦ମି.ଲି. କ୍ଷୀର ବଳିଛି । ସେ କେତେ କ୍ଷୀରରେ ଚା' କରିଛି ?

(ଘ) ଉମେଶ ଭୁବନେଶ୍ୱରରୁ କାର୍‌ରେ ବାହାରି ଆନନ୍ଦପୁର ଗଲେ । ଭୁବନେଶ୍ୱରରେ ୧୫ଲି. ୫୦୦ମି.ଲି. ତେଲ କିଣିଲେ । ଆନନ୍ଦପୁରରେ ପହଞ୍ଚିବା ବେଳକୁ ଗାଡ଼ିରେ ୪ଲି. ୩୦୦ମି.ଲି. ତେଲ ଥାଏ । କେତେ ତେଲ ଖର୍ଚ୍ଚ ହେଲା ?

(ଙ) କ୍ଷୀରବାଲା ପ୍ରତି ଦିନ ଗୋବିନ୍ଦ ବାବୁଙ୍କ ଘରେ ୨ଲି. ୨୦୦ ମି.ଲି. କ୍ଷୀର ଦିଏ । ଦିନେ ସେ ୧୫୦ ମି.ଲି. କମ୍ କ୍ଷୀର ଦେଲା । ତା'ହେଲେ ସେଦିନ ସେ କେତେ ପରିମାଣର କ୍ଷୀର ଦେଲା ?

(ଚ) ରାମ ଦୋକାନରୁ ୧ଲି. ୧୦୦ ମି.ଲି. ସୋରିଷ ତେଲ ଆଣିଲା । ମାଳତୀ ତା ଠାରୁ ୬୦୦ ମି.ଲି. ଅଧିକ ତେଲ ଆଣିଲା । ଦୁହେଁ ମିଶି କେତେ ତେଲ ଆଣିଲେ ?

୭.



ପ୍ରତ୍ୟେକ ମାଠିଆରେ ୧୬ ଲି. ୮୫୦ ମି.ଲି. ପାଣି ଥିଲା । କିଏ କେତେ ପାଣି ପିଇଲା ?

| | ମାଙ୍କଡ଼ | ଠେକୁଆ | ବିଲେଇ | ମୂଷା |
|---|---|---|---|---|
| କିଏ କେତେ ପାଣି ପିଇଲା | | | | |
| ପାଣି ବଳିଲା | ୧୨ ଲି. ୩୦୦ ମି.ଲି. | ୧୩ ଲି. ୮୦୦ ମି.ଲି. | ୧୪ ଲି. ୧୫୦ ମି.ଲି. | ୧୬ ଲି. ୭୫୦ ମି.ଲି. |

୮. ଗୋଟିଏ କୁଣ୍ଡରେ ୫ ଲି. ପାଣି ଧରେ । ପ୍ରତି ଘଣ୍ଟାରେ ୩ ଲିଟର ପାଣି କୁଣ୍ଡରେ ପଶେ ଓ ୨ ଲିଟର ପାଣି କୁଣ୍ଡରୁ ବାହାରିଯାଏ । କେତେ ସମୟରେ କୁଣ୍ଡଟି ପୂରା ହେବ ?

୯. ପ୍ରତି ଯୋଡ଼ା ପାତ୍ର ମଧ୍ୟରୁ ଛୋଟ ପାତ୍ରରେ ପୂରା ପାଣି ନେଇ ବଡ଼ ପାତ୍ରରେ ଢାଳ । ଛୋଟ ପାତ୍ରରେ କେତେ ଥର ପାଣିନେଇ ବଡ଼ ପାତ୍ରରେ ଢାଳିଲେ ବଡ଼ ପାତ୍ରଟି ପୂର୍ଣ୍ଣ ହେବ ଅନୁମାନ କରି କହ ଓ ଲେଖ ।










ପାଠ - ୧୫

# କ୍ୟାଲେଣ୍ଡରରୁ ଶିଖିବା



ନଟ୍‌ଖଟ୍ ଚତୁର୍ଥ ଶ୍ରେଣୀରେ ପଢ଼େ । ଭାରି ଚାଲାକ୍ । ତୃତୀୟ ଶ୍ରେଣୀର ପିଲାମାନଙ୍କୁ ମଜା ଦେଖାଇବାକୁ ଡାକିଲା । କହିଲା - ମୋତେ ଏପରି କୁହୁକ ବିଦ୍ୟା ଜଣା, ବର୍ଷର କେଉଁ ତାରିଖ କେଉଁ ବାରରେ ପଡ଼ିବ ମୁଁ କହିପାରିବି ।

ଚଟ୍‌ପଟ୍ ପଚାରିଲା- ୨୦୧୪ ମସିହା ଜାନୁଆରୀ ୨୩ ତାରିଖ କେଉଁ ବାରରେ ପଡ଼ିଥିଲା ?

ହ୍ରୀଂ, କ୍ରୀଂ,ବ୍ରାଂ,ପ୍ରୀଂ,ଶ୍ରୀଂ - ଜାନୁଆରୀ ମାସ ୨୩ ତାରିଖ ଗୁରୁବାରରେ ପଡ଼ିଥିଲା । ସେଦିନ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜନ୍ମଦିନ ବିଦ୍ୟାଳୟରେ ପାଳନ କରାଯାଇଥିଲା ।

ସମସ୍ତେ ଆଶ୍ଚର୍ଯ୍ୟ ହେଲେ ।

ଚଟ୍‌ପଟ୍ ଘରକୁ ଆସି ତା' ବାପାଙ୍କୁ ସବୁକଥା କହିଲା । ବାପା ଚଟ୍‌ପଟ୍‌କୁ କହିଲେ, ତୁ ଯଦି କ୍ୟାଲେଣ୍ଡରର ବ୍ୟବହାର ଜାଣିବୁ , ତା' ହେଲେ ନଟ୍‌ଖଟ୍ ପରି କୁହୁକ କରି ପାରିବୁ ।

ଚଟ୍‌ପଟ୍ ବାପାଙ୍କୁ ପଚାରିଲା - କ୍ୟାଲେଣ୍ଡର କ'ଣ ? ଏହାର କାମ କ'ଣ ? ଏଥିରୁ ଦିନ ଓ ବାର କିପରି ଜଣାପଡ଼େ ?

ବାପା କହିଲେ - ମୁଁ କହୁଛି, ମନ ଦେଇ ଶୁଣ ।

- ତୁମେ ବର୍ଷର ବାରମାସ ଓ ସପ୍ତାହର ସାତ ଦିନର ନାମ ଜାଣିଛ । ସେଗୁଡ଼ିକୁ ଲେଖ । ତଳେ ୨୦୦୯ ମସିହା ଜାନୁଆରୀ ମାସର କ୍ୟାଲେଣ୍ଡର ଦିଆଯାଇଛି ।

## ଜାନୁଆରୀ - ୨୦୧୪



| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |



ଏହି କ୍ୟାଲେଣ୍ଡରରୁ କେଉଁ କେଉଁ ତଥ୍ୟ ପାଉଛ ତା'ର ତାଲିକା କର ।

୧.

୨.

୩.

ଜାନୁଆରୀ ମାସରେ ମୋଟ କେତେ ଦିନ ?

କେଉଁ ମାସଗୁଡ଼ିକ ୩୧ ଦିନିଆ ଓ କେଉଁ ମାସଗୁଡ଼ିକ ୩୦ ଦିନିଆ ସେଗୁଡ଼ିକୁ ଲେଖ ।

| ୩୧ ଦିନିଆ ମାସ | ୩୦ ଦିନିଆ ମାସ |
|---|---|
| | |

କେବଳ ଫେବୃଆରୀ ମାସ ୨୮ ଦିନ, ଚାରି ବର୍ଷରେ ଥରେ ଏହା ୨୯ ଦିନ ହୁଏ। ଯେଉଁ ବର୍ଷ ଫେବୃଆରୀ ମାସ ୨୯ ଦିନ ହୁଏ, ସେହି ବର୍ଷକୁ ଅଧିବର୍ଷ ବା ଲିପ୍ ଇଅର କୁହାଯାଏ ।

## ଫେବୃଆରୀ - ୨୦୦୯

| | | | | |
|---|---|---|---|---|
| ରବି | ୧ | ୮ | ୧୫ | ୨୨ |
| ସୋମ | ୨ | ୯ | ୧୬ | ୨୩ |
| ମଙ୍ଗଳ | ୩ | ୧୦ | ୧୭ | ୨୪ |
| ବୁଧ | ୪ | ୧୧ | ୧୮ | ୨୫ |
| ଗୁରୁ | ୫ | ୧୨ | ୧୯ | ୨୬ |
| ଶୁକ୍ର | ୬ | ୧୩ | ୨୦ | ୨୭ |
| ଶନି | ୭ | ୧୪ | ୨୧ | ୨୮ |

## ମାର୍ଚ୍ଚ - ୨୦୦୯

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

ମାସର ତାରିଖଗୁଡ଼ିକ ସାତଟି ବାରର ଡାହାଣ ପାଖରେ ବା ତଳକୁ ତଳ ଏପରି ଭାବରେ ଲେଖାଯାଇଛି ଯେ ତାକୁ ଦେଖିଲେ ମାସର କେଉଁ ତାରିଖରେ କି ବାର ପଡୁଛି ଜାଣି ହୁଏ । କ୍ୟାଲେଣ୍ଡରରେ ତାରିଖ ଓ ବାରଗୁଡ଼ିକୁ ଏପରି ସଜାଯାଇଥାଏ।

ଉପର କ୍ୟାଲେଣ୍ଡର ଦେଖି ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

- ଫେବୃଆରୀ ମାସରେ କେତୋଟି ରବିବାର ଅଛି ?
- ମାର୍ଚ୍ଚ ମାସରେ କେତୋଟି ଗୁରୁବାର ଅଛି ?
- ଫେବୃଆରୀ ମାସରେ ବୁଧବାର ଗୁଡ଼ିକ କେଉଁ କେଉଁ ତାରିଖରେ ପଡ଼ିଛି ?
- ମାର୍ଚ୍ଚ ମାସର ୬ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ କେତେ ଦିନ ?
- ତୁମେ ମାମୁଘରେ ଫେବୃଆରୀ ୨୫ରେ ପହଞ୍ଚିଲ ଓ ମାର୍ଚ୍ଚ ମାସ ୬ରେ ଆସିଲ । ସେଠାରେ କେତେ ଦିନ ରହିଲ ?

- କ୍ୟାଲେଣ୍ଡର ଦେଖି ଖାଲିଘର ପୂରଣ କର ।

ଫେବୃଆରୀ ମାସରେ–

ପ୍ରଥମ ମଙ୍ଗଳବାର ____________ ତାରିଖ, ପ୍ରଥମ ଶନିବାର ____________ ତାରିଖ

ଦ୍ୱିତୀୟ ମଙ୍ଗଳବାର ____________ ତାରିଖ, ଦ୍ୱିତୀୟ ଶନିବାର ____________ ତାରିଖ

ତୃତୀୟ ମଙ୍ଗଳବାର ____________ ତାରିଖ, ତୃତୀୟ ଶନିବାର ____________ ତାରିଖ

ଚତୁର୍ଥ ମଙ୍ଗଳବାର ____________ ତାରିଖ, ଚତୁର୍ଥ ଶନିବାର ____________ ତାରିଖ

## ଅଭ୍ୟାସ

୧. ଶୂନ୍ୟସ୍ଥାନ ପୂରଣ କର ।

(କ) ମାସର ପ୍ରଥମ ରବିବାର ୧ ତାରିଖରେ ପଡ଼ିଲେ, ଦ୍ୱିତୀୟ ରବିବାର ______ ତାରିଖରେ ପଡ଼ିବ ।

(ଖ) ମାସର ଦ୍ୱିତୀୟ ସୋମବାର ୯ ତାରିଖ ହେଲେ, ତୃତୀୟ ସୋମବାର ________ ତାରିଖରେ ପଡ଼ିବ ।

(ଗ) ମାସର ତୃତୀୟ ଶୁକ୍ରବାର ______ ତାରିଖ ହେଲେ, ଚତୁର୍ଥ ଶୁକ୍ରବାର ୨୮ ତାରିଖରେ ପଡ଼ିବ ।

(ଘ) ମାସର ପଞ୍ଚମ ଶୁକ୍ରବାର ୩୦ ତାରିଖରେ ପଡ଼ିଥିଲା, ସେହି ମାସର ଚତୁର୍ଥ ଶୁକ୍ରବାର ________ ତାରିଖରେ ପଡ଼ିଥିଲା ।

(ଙ) ମାସର ପ୍ରଥମ ମଙ୍ଗଳବାର ୪ ତାରିଖରେ ପଡ଼ିଲେ, ତୃତୀୟ ମଙ୍ଗଳବାର _______ ତାରିଖରେ ପଡ଼ିବ ।

(ଚ) ୨୦୦୮ ମସିହା ଅପ୍ରେଲ ମାସ ପ୍ରଥମ ଗୁରୁବାର ୩ ତାରିଖରେ ପଡ଼ିଥିଲା, ସେହି ମାସର ଶୁକ୍ରବାରଗୁଡ଼ିକ ________________________ ତାରିଖରେ ପଡ଼ିଥିଲା ।

୨. ତଳେ ଦିଆଯାଇଥିବା କ୍ୟାଲେଣ୍ଡରରେ ଖାଲି ଘରଗୁଡ଼ିକୁ ପୂରଣ କର ।

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| * | * | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| | | | | | | |
| | | | | | | |
| | | | ୩୦ | * | * | * |

ଏହି କ୍ୟାଲେଣ୍ଡର କେଉଁ କେଉଁ ମାସର ହୋଇପାରେ ଲେଖ ।

୩. ଗୋଟିଏ ବର୍ଷର ଜୁଲାଇ ମାସର କ୍ୟାଲେଣ୍ଡର ତଳେ ଦିଆଯାଇଛି । ଏହାକୁ ଲକ୍ଷ୍ୟକରି ସେହି ବର୍ଷର ଜୁନ୍ ଓ ଅଗଷ୍ଟ ମାସର କ୍ୟାଲେଣ୍ଡର ପ୍ରସ୍ତୁତ କର ।

## ଜୁଲାଇ-୨୦୧୮

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

## ଜୁନ୍-୨୦୧୮

| | | | | | |
|---|---|---|---|---|---|
| ରବି | | | | | |
| ସୋମ | | | | | |
| ମଙ୍ଗଳ | | | | | |
| ବୁଧ | | | | | |
| ଗୁରୁ | | | | | |
| ଶୁକ୍ର | | | | | |
| ଶନି | | | | | |

## ଅଗଷ୍ଟ-୨୦୧୮

| | | | | | |
|---|---|---|---|---|---|
| ରବି | | | | | |
| ସୋମ | | | | | |
| ମଙ୍ଗଳ | | | | | |
| ବୁଧ | | | | | |
| ଗୁରୁ | | | | | |
| ଶୁକ୍ର | | | | | |
| ଶନି | | | | | |

୪.

| | | | | | |
|---|---|---|---|---|---|
| ରବି | ୧ | ୮ | ୧୫ | ୨୨ | ୨୯ |
| ସୋମ | ୨ | ୯ | ୧୬ | ୨୩ | ୩୦ |
| ମଙ୍ଗଳ | ୩ | ୧୦ | ୧୭ | ୨୪ | ୩୧ |
| ବୁଧ | ୪ | ୧୧ | ୧୮ | ୨୫ | |
| ଗୁରୁ | ୫ | ୧୨ | ୧୯ | ୨୬ | |
| ଶୁକ୍ର | ୬ | ୧୩ | ୨୦ | ୨୭ | |
| ଶନି | ୭ | ୧୪ | ୨୧ | ୨୮ | |

କ୍ୟାଲେଣ୍ଡରରେ ଟଣା ଯାଇଥିବା କୋଠରି ମଧ୍ୟରେ ସାନ ସଂଖ୍ୟାକୁ ବାଛ । ସବୁଠାରୁ ସାନ ସଂଖ୍ୟାରେ ୮ଯୋଗ କର । ଯୋଗଫଳରେ ୯କୁ ଗୁଣ । ଗୁଣଫଳ କେତେ ହେଲା ? ଏବେ କୋଠରି ମଧ୍ୟରେ ଥିବା ନଅଟିଯାକ ସଂଖ୍ୟାକୁ ମିଶାଅ ।

**କ'ଣ ଲକ୍ଷ୍ୟ କଲ ?**

ତୁମେ ସେହିପରି କ୍ୟାଲେଣ୍ଡରରୁ କୁହୁକ ସଂଖ୍ୟା ବାହାର କରି ପରୀକ୍ଷା କର ।

ସୂଚନା : ଏହି ପାଠଟି ଆଲୋଚନା ବେଳେ ଶିକ୍ଷକ ଚଳିତ ବର୍ଷର କ୍ୟାଲେଣ୍ଡର ବ୍ୟବହାର କରିବେ ।

ପାଠ - ୧୭

# ଟଙ୍କା ପଇସା ହିସାବ

ଆମେ ସମାନ ।



- ଉପରେ ଥିବା ନୋଟ ପରିମାଣ ସହ ତଳ ଧାଡ଼ିରେ ଥିବା ଯେଉଁ ନୋଟମାନଙ୍କର ପରିମାଣ ସମାନ ତାକୁ ତୀର ଚିହ୍ନ ଦେଇ ଯୋଡ଼ ।











- ମଝିଘର ଟଙ୍କାର ପରିମାଣ ଯେଉଁ ଘରର ଟଙ୍କାର ପରିମାଣ ସହ ସମାନ ତାକୁ ତୀର ଚିହ୍ନ ଦେଇ ଚିହ୍ନାଅ ।




- ଶୂନ୍ୟସ୍ଥାନ ପୂରଣ କର ।

୧୦ ଟଙ୍କା = ______ଟି ୫ ଟଙ୍କିଆ

= ______ଟି ୨ ଟଙ୍କିଆ

୫୦ ଟଙ୍କା = ______ଟି ୧୦ ଟଙ୍କିଆ

= ______ଟି ୫ ଟଙ୍କିଆ

= ୩ଟି ୧୦ ଟଙ୍କିଆ + ______ଟି ୫ ଟଙ୍କିଆ

= ______ଟି ୨୦ ଟଙ୍କିଆ + ________ଟି ୧୦ ଟଙ୍କିଆ

୧୦୦ ଟଙ୍କା = ______ଟି ୫୦ ଟଙ୍କିଆ

= ______ଟି ୫୦ ଟଙ୍କିଆ + ______ଟି ୨୦ ଟଙ୍କିଆ + ______ଟି ୧୦ ଟଙ୍କିଆ

= ______ଟି ୨୦ ଟଙ୍କିଆ + ୪ ଟି ଦଶ ଟଙ୍କିଆ + ______ଟି ୫ ଟଙ୍କିଆ

- ତୀର ଚିହ୍ନ ଦେଇ ମିଳାଅ ।

| | |
|---|---|
| ୨ଟି ୨୦ ଟଙ୍କିଆ + ୩ଟି ୧୦ ଟଙ୍କିଆ | ୮୫ ଟଙ୍କା |
| ୩ଟି ୧୦ ଟଙ୍କିଆ + ୫ଟି ୫ ଟଙ୍କିଆ | ୭୫ ଟଙ୍କା |
| ୧ଟି ୫୦ ଟଙ୍କିଆ + ୨ଟି ୨୦ ଟଙ୍କିଆ | ୯୦ ଟଙ୍କା |
| ୬ଟି ୧୦ ଟଙ୍କିଆ + ୩ଟି ୫ ଟଙ୍କିଆ | ୭୦ ଟଙ୍କା |
| ୩ଟି ୧୦ ଟଙ୍କିଆ + ୧୦ଟି ୫ ଟଙ୍କିଆ | ୫୫ ଟଙ୍କା |
| ୭ଟି ୫ ଟଙ୍କିଆ + ୫ଟି ୧୦ ଟଙ୍କିଆ | ୮୦ ଟଙ୍କା |
| | ୧୦୦ ଟଙ୍କା |

- ତଳେ ବିଭିନ୍ନ ଖେଳଣାର ଦାମ୍ ଲେଖାଯାଇଛି । ଲକ୍ଷ୍ୟ କର ।


୭୫ ଟଙ୍କା


୫୦ ଟଙ୍କା


୮୦ ଟଙ୍କା


୮୫ ଟଙ୍କା


୧୨୫ ଟଙ୍କା


୧୭୫ ଟଙ୍କା

- ଦାମ୍ ମିଶି କେତେ ହେବ ?

(କ) ମାଛ ଓ କୁକୁଡ଼ା ଦାମ୍ ମିଶି ________ + ________ =

(ଖ) ଶୁଆ ଓ ଠେକୁଆ ଦାମ୍ ମିଶି ________ + ________ =

(ଗ) କୁକୁର ଓ ଠେକୁଆ ଦାମ୍ ମିଶି ________ + ________ =

(ଘ) ଶୁଆ ଓ କାଉ ଦାମ୍ ମିଶି ________ + ________ =

(ଙ) କୁକୁଡ଼ା ଓ କୁକୁର ଦାମ୍ ମିଶି ________ + ________ =

(ଚ) କାଉ ଓ ମାଛ ଦାମ୍ ମିଶି ________ + ________ =

କଲମ ଓ ରବର ________ + ________

ବହି ଓ ପେନସିଲ ________ + ________

ବହି ଓ ରବର ________ + ________

କଲମ ଓ ବହି ________ + ________

ପେନସିଲ ଓ କଲମ ________ + ________


ରବର – ୪ ଟଙ୍କା


ବହି - ୧୮ ଟଙ୍କା


ପେନସିଲ - ୬ଟଙ୍କା


କଲମ - ୧୫ ଟଙ୍କା

- ବାପା ନରେଶଙ୍କୁ ସାଙ୍ଗରେ ନେଇ ପରିବା କିଣିବାକୁ ବଜାର ଗଲେ । ଆଳୁ ଓ କୋବି ୨ଟି ଜିନିଷ କିଣିବେ। ୪ଟି ପରିବା ଦୋକାନ ଥିଲା ।













ବାପା ନରେଶଙ୍କୁ ପଚାରିଲେ, କେଉଁ ଦୋକାନରୁ ଆଳୁ ଓ କୋବି କିଣିଲେ କମ୍ ଦାମ୍‌ରେ ଆମେ କିଣିବା । ନରେଶ ହିସାବ କଲା ।

| | ୧ମ ଦୋକାନ | ୨ୟ ଦୋକାନ | ୩ୟ ଦୋକାନ | ୪ର୍ଥ ଦୋକାନ |
|---|---|---|---|---|
| ଆଳୁ | ଟ ୫.୦୦ପ. | ଟ ୫.୫୦ପ. | ଟ. ୪.୭୫ପ. | ଟ ୫.୦୦ପ. |
| କୋବି | ଟ ୧୨.୦୦ପ. | ଟ ୧୩.୦୦ପ. | ଟ ୧୪.୦୦ପ. | ଟ ୧୨.୫୦ପ. |
| | ଟ ୧୭.୦୦ପ. | ଟ ୧୮.୫୦ପ. | ଟ ୧୮.୭୫ପ. | ଟ ୧୭.୫୦ପ. |

କହ, କେଉଁ ଦୋକାନରୁ କିଣିଲେ କମ୍ ଦାମ୍ ଦେବାକୁ ହେବ ?

- ସେହିପରି ହିସାବ କରି କହ, କେଉଁ କେଉଁ ଦୋକାନରେ କମ୍ ଦାମ୍ ଦେବା ?

– ଆଳୁ ଓ ପିଆଜ କିଣିଲେ
– ପିଆଜ ଓ ବାଇଗଣ କିଣିଲେ
– କୋବି ଓ ପିଆଜ କିଣିଲେ
– ଆଳୁ ଓ ବାଇଗଣ କିଣିଲେ

ଆଳୁ ଓ ପିଆଜ କିଣି ଚତୁର୍ଥ ଦୋକାନର ଦୋକାନୀକୁ ୨୦ ଟଙ୍କା ଦେଲେ, ସେ କେତେ ଫେରାଇବ ?

| | ଟ. | ପ |
|---|---|---|
| | ୨୦. | ୦୦ |
| – | ୧୩. | ୦୦ |
| | ୭. | ୦୦ |

ଚତୁର୍ଥ ଦୋକାନରୁ ପିଆଜ ଓ ବାଇଗଣ କିଣି ୫୦ଟଙ୍କା ଦେଲେ, ସେ କେତେ ଫେରାଇବ ?

| | ଟ. | ପ. |
|---|---|---|
| | ୫୦. | ୦୦ |
| – | ୧୭. | ୦୦ |
| | ୩୩. | ୦୦ |

ତୃତୀୟ ଦୋକାନରୁ କୋବି ଓ ପିଆଜ କିଣି ୨୫ ଟଙ୍କା ଦେଲେ, ସେ କେତେ ଫେରାଇବ ?

| | ଟ. | ପ. |
|---|---|---|
| | ୨୫. | ୦୦ |
| – | ୨୧. | ୦୦ |
| | ୪. | ୦୦ |

## ଅଭ୍ୟାସ

୧. (କ) ୧୦୦ ଟଙ୍କା ବଦଳରେ_____ଟି ୫୦ ଟଙ୍କିଆ ନୋଟ୍ ମିଳିବ।

(ଖ) ୫୦ ଟଙ୍କା ବଦଳରେ_____ ଟି୨୦ଟଙ୍କିଆ ନୋଟ୍ ଓ _____ ଟି୧୦ଟଙ୍କିଆ ନୋଟ୍ ମିଳିବ।

(ଗ) ୨୦ ଟଙ୍କା ବଦଳରେ_____ ଟି୧୦ଟଙ୍କିଆ ନୋଟ୍ ଓ _____ଟି୫ଟଙ୍କିଆ ନୋଟ୍ ମିଳିବ।

(ଘ) ୫ ଟଙ୍କା ବଦଳରେ _____ ଟି୨ଟଙ୍କିଆ ନୋଟ ଓ _____ ଟି ୧ଟଙ୍କିଆ ନୋଟ୍ ମିଳିବ।

୨. ତୁମେ ୨୦ ଟଙ୍କା ଦେଇ ଗୋଟିଏ ବଲ୍ ଓ ୬୭ ଟଙ୍କା ଦେଇ ଗୋଟିଏ ବ୍ୟାଟ୍ କିଣିଲ । ମୋଟ କେତେ ଟଙ୍କା ଖର୍ଚ୍ଚ କଲ ?

ବଲ୍ ଦାମ = ____________

ବ୍ୟାଟ୍ ଦାମ୍ = ____________

ମୋଟ ଦାମ = ____________

୩. ରହିମ୍ ବଜାରକୁ ୯୫ ଟଙ୍କା ନେଇ ଯାଇଥିଲା । ସେ ୬୮ ଟଙ୍କା ଦେଇ କୁକୁଡ଼ାଟିଏ କିଣିଲା । ତେବେ ତା' ପାଖରେ ଆଉ କେତେ ଟଙ୍କା ବଳିଲା ?

ରହିମ୍ ପାଖରେ ଥିଲା = ____________

କୁକୁଡ଼ା କିଣିଲା = ____________

ରହିଲା = ____________

୪. ଗୋଟିଏ ଖେଳନାର ଦାମ୍ ୬୦ଟଙ୍କା ୮୦ ପଇସା । ତୁମ ପାଖରେ ୪୫ ଟଙ୍କା ଅଛି । ଆଉ କେତେ ଟଙ୍କା ହେଲେ ତୁମେ ଖେଳନାଟି କିଣିବ ?

ଖେଳନାର ଦାମ= ____________

ପାଖରେ ଅଛି = ____________

ଆଉ ଦରକାର = ____________

୫. ଗୀତା ପାଖରେ ୯୧ଟଙ୍କା ୫୦ ପଇସା ଅଛି । ମିତା ପାଖରେ ତା' ଠାରୁ ୧୨ ଟଙ୍କା ୨୫ ପଇସା କମ୍ ଅଛି । ମିତା ପାଖରେ କେତେ ଟଙ୍କା ଅଛି ?

୬. ହରି ପାଖରେ ୨୫ ଟଙ୍କା ୭୫ ପଇସା ଥିଲା । ମାମୁ ତାକୁ ୫୦ ଟଙ୍କା ଦେଲେ । ସେ ୬୦ଟଙ୍କା ୫୦ ପଇସା ଦେଇ ସାର୍ଟ କିଣିଲା । ତା' ପାଖରେ ଆଉ କେତେ ରହିଲା ?

# ପାଠ - ୧୭

# ସମୟ କହେ ମୁଁ ଠିକ୍ ଠିକ୍



ଘଣ୍ଟାର କେତୋଟି କଣ୍ଟା ରହିଛି ?

ଛୋଟ କଣ୍ଟାଟି ଘଣ୍ଟା କଣ୍ଟା ।

ସରୁ କଣ୍ଟାଟି ସେକେଣ୍ଡ କଣ୍ଟା ।

ମୋଟା ବଡ଼ କଣ୍ଟାଟି ମିନିଟ୍ କଣ୍ଟା ।

ମିନିଟ୍ କଣ୍ଟା ଥରଟିଏ ପୂରା ଘୂରିଲେ କେତୋଟି ଛୋଟ ଘର ଦେଇ ଯାଏ ?

ସେହି ସମୟରେ ଘଣ୍ଟା କଣ୍ଟା ଗୋଟିଏ ଘଣ୍ଟା ଆଗକୁ ଯାଏ ।

ଲକ୍ଷ୍ୟକର -

ସେକେଣ୍ଡ କଣ୍ଟାଟି ୬୦ଟି ଛୋଟ ଘର ବୁଲି ଆସିଲେ ମିନିଟ୍ କଣ୍ଟା ଗୋଟିଏ ଛୋଟ ଘର ଆଗକୁ ଯାଏ ।

**୧ ମିନିଟ୍ = ୬୦ ସେକେଣ୍ଡ**



ତୁମ ନିଜ ପସନ୍ଦର ଘଡ଼ି ବାଛ ।





ଆମେ ତିନିହେଁ ଗୋଟିଏ ସଂଖ୍ୟା ।

ଶୂନ୍ୟସ୍ଥାନ ପୂରଣ କର ।

| | | |
|---|---|---|
| (1)<br>(୧) (I) | (2)<br>(୨) (II) | (3)<br>(୩) (III) |
| (4)<br>( ) ( ) | (5)<br>( ) ( ) | (6)<br>( ) ( ) |

● ନିଜେ ଲେଖ ।

| | | | | | | | | | | | |
|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| — | — | 3 | — | — | — | 7 | — | — | — | — | 12 |
| — | — | — | — | V | — | — | — | IX | — | — | XII |

ଲକ୍ଷ୍ୟକର :



ଘଣ୍ଟାଟିରେ ୧୨ଟି ସଂଖ୍ୟା ଲେଖାଅଛି ।
ମିନିଟ୍ କଣ୍ଟା ୧୨ ଉପରେ,
ଘଣ୍ଟା କଣ୍ଟା ୯ ଉପରେ,
ସମୟ ୯ଟା ।

● ଘଣ୍ଟା ଛବି ଦେଖି ସମୟ କହ ।



ପିଲାଟି ଭୋର________ଟା ସମୟରେ ଉଠିଥାଏ ।





ପିଲାଟି ________ଟା ସମୟରେ ଜଳଖିଆ ଖାଏ ।





ପିଲାଟି ________ଟା ସମୟରେ ସ୍କୁଲ ଯାଏ ।





ପିଲାଟି ______ଟା ସମୟରେ ମଧ୍ୟାହ୍ନ ଭୋଜନ କରେ ।



- କେଉଁ ଘଣ୍ଟାରେ କେତେ ସମୟ ହୋଇଛି ଡାହାଣ ପଟେ ଲେଖା ଯାଇଥିବା ସମୟ ସହିତ ଗାର ଟାଣି ଯୋଡ଼ ।



ଛଅଟା



ଆଠଟା



ଏଗାରଟା



ସାତଟା



ପାଞ୍ଚଟା

- ଅଙ୍କା ହୋଇଥିବା ଘଣ୍ଟାରେ କଣ୍ଟା ବସାଅ ।

ସମୟ ୨ଟା



ସମୟ ୪ଟା



ସମୟ ୧୦ ଟା



ସମୟ ୧୨ଟା



ଲକ୍ଷ୍ୟ କର :



ମିନିଟ୍ କଣ୍ଟା ୬ ଉପରେ,

ଘଣ୍ଟା କଣ୍ଟା ୮ ଓ ୯ ମଧ୍ୟରେ,

ସମୟ ୮ଘ. ୩୦ ମିନିଟ୍ ।

ଏହାକୁ ସାଢ଼େ ଆଠଟା ମଧ୍ୟ କୁହାଯାଏ ।

● ଘଣ୍ଟା ଛବି ଦେଖି ସମୟ କହ ।


_______. ଟା _______ମିନିଟ୍


_______. ଟା _______ମିନିଟ୍


_______. ଟା _______ମିନିଟ୍


_______. ଟା _______ମିନିଟ୍

● ସମୟ ଦେଖି ଘଣ୍ଟା କଣ୍ଟା ଓ ମିନିଟ୍ କଣ୍ଟା ଚିତ୍ର କର ।

ସମୟ ୭ଟା 

ସମୟ ୧୧ଟା 

ସମୟ ୯ଟା ୩୦ ମି. 

ସମୟ ୫ଟା ୩୦ମି. 

ସମୟ ୭ଟା ୩୦ ମି. 

ସମୟ ୧୨ଟ ୩୦ମି 



ଘଣ୍ଟା କଣ୍ଟା ପ୍ରାୟ ୮ ଉପରେ

ମିନିଟ୍ କଣ୍ଟା ୧ ଉପରେ

ସମୟ : ୮ ଟା ୫ ମିନିଟ୍



ଘଣ୍ଟା କଣ୍ଟା ପ୍ରାୟ ୧୦ ଓ ୧୧ ମଧ୍ୟରେ

ମିନିଟ୍ କଣ୍ଟା ୩ ଉପରେ

ସମୟ ୧୦ଟା ୧୫ ମିନିଟ୍



ଘଣ୍ଟା କଣ୍ଟା ପ୍ରାୟ ୧୨ ଓ ୧ ମଧ୍ୟରେ

ମିନିଟ୍ କଣ୍ଟା ୫ ଉପରେ

ସମୟ ୧୨ଟା ୨୫ ମିନିଟ୍



ଘଣ୍ଟା କଣ୍ଟା ପ୍ରାୟ ୫ ଓ ୬ ମଧ୍ୟରେ

ମିନିଟ୍ କଣ୍ଟା ୯ ଉପରେ

ସମୟ ୫ଟା ୪୫ ମିନିଟ୍

● ଘଣ୍ଟା ଚିତ୍ରରେ ଘଣ୍ଟା କଣ୍ଟା ଓ ମିନିଟ୍ କଣ୍ଟାର ଚିତ୍ର ଆଙ୍କି ନିମ୍ନ ସମୟଗୁଡ଼ିକୁ ଦେଖାଅ ।



ଘ ୮ଟା ୨୦ ମିନିଟ୍    ଘ ୭ଟା ୦୫ ମିନିଟ୍    ଘ ୩ଟା ୨୫ ମିନିଟ୍

## ଦୁଇ ପ୍ରକାରର ସମୟ ଗଣନା



ଘ ୮ଟା ୩୫ ମିନିଟ୍ ବା
୯ଟା ବାଜିବାକୁ ୨୫ ମିନିଟ୍ ଅଛି



ଘ ୧୦ଟା ୪୦ ମିନିଟ୍ ବା
୧୧ ଟା ବାଜିବାକୁ ୨୦ ମିନିଟ ବାକି

● ପ୍ରତ୍ୟେକ ଘଣ୍ଟା ତଳେ ସମୟ ଦୁଇ ପ୍ରକାରରେ ଲେଖ ।



- ତୁମେ ବସ୍‌ରେ ୪ଘଣ୍ଟା ଓ ରିକ୍ସାରେ ୩ଘଣ୍ଟା ବସିଲ । ମୋଟ କେତେ ସମୟ ବସିଲ ?

  ବସରେ ବସିଲ  ୪ ଘଣ୍ଟା

  ରିକ୍ସାରେ ବସିଲ  ୩ ଘଣ୍ଟା     ୪ ଘଣ୍ଟା + ୩ ଘଣ୍ଟା = ୭ ଘଣ୍ଟା

  ମୋଟ ସମୟ  ୭ ଘଣ୍ଟା

- ଜଣେ ଶ୍ରମିକ ସକାଳେ ୩ ଘଣ୍ଟା ୧୫ ମିନିଟ୍ ଓ ଉପରବେଳା ୨ ଘଣ୍ଟା ୩୦ ମିନିଟ୍ କାମ କଲା । ସେ ଦିନକୁ ମୋଟ କେତେ ସମୟ କାମ କଲା ?

  ସକାଳେ କାମ କରିବାର ସମୟ  ୩ ଘଣ୍ଟା ୧୫ ମିନିଟ୍

  ଉପରବେଳା କାମ କରିବାର ସମୟ  ୨ ଘଣ୍ଟା ୩୦ ମିନିଟ୍

  ମୋଟ କାମ କରିବାର ସମୟ  ୫ ଘଣ୍ଟା ୪୫ ମିନିଟ୍

**ସମୟର ଯୋଗ ବେଳେ ଘଣ୍ଟାକୁ ଘଣ୍ଟା ସହ ଓ ମିନିଟକୁ ମିନିଟ୍ ସହ ଯୋଗ କରାଯାଏ ।**

**ଯୋଗ କର**

| ଘଣ୍ଟା | ମିନିଟ୍ |
|---|---|
| ୫ | ୩୦ |
| +୬ | ୨୫ |
| | |

| ଘଣ୍ଟା | ମିନିଟ୍ |
|---|---|
| ୧୨ | ୨୫ |
| + ୭ | ୦୮ |
| | |

| ଘଣ୍ଟା | ମିନିଟ୍ |
|---|---|
| ୧୩ | ୪୫ |
| + ୨ | ୧୨ |
| | |

- ଖାଉଟି ଦୋକାନ ସକାଳେ ୨ ଘଣ୍ଟା ୧୦ ମିନିଟ୍ ଓ ଉପରବେଳା ୨ ଘଣ୍ଟା ୪୫ ମିନିଟ୍ ଖୋଲା ରହେ । ଦିନକୁ କେତେ ସମୟ ଦୋକାନ ଖୋଲା ରହେ ?

  ସକାଳେ ଖୋଲା ରହେ  ୨ ଘଣ୍ଟା ୧୦ ମିନିଟ୍

  ଉପରବେଳା ଖୋଲା ରହେ  ୨ ଘଣ୍ଟା ୪୫ ମିନିଟ୍

  ମୋଟ୍ ଖୋଲା ରହେ

- ରେଳରେ ଗଲେ ଭୁବନେଶ୍ୱରରୁ ରାୟଗଡ଼ା ୧୦ ଘଣ୍ଟା ୧୦ ମିନିଟ୍ ଲାଗେ । ରାୟଗଡ଼ାରୁ କୋରାପୁଟ ୪ ଘଣ୍ଟା ୧୦ ମିନିଟ୍ ସମୟ ଲାଗେ । ଭୁବନେଶ୍ୱରରୁ ରାୟଗଡ଼ା ଦେଇ କୋରାପୁଟ ଯିବାକୁ ମୋଟ କେତେ ସମୟ ଲାଗେ ?

- ତୁମ ଅଞ୍ଚଳରେ ସକାଳେ ୨ ଘଣ୍ଟା ୧୫ ମିନିଟ ଓ ରାତିରେ ୧ଘଣ୍ଟା ୧୦ ମିନିଟ ବିଦ୍ୟୁତ କାଟ ହୁଏ । ଦିନକୁ ମୋଟ କେତେ ସମୟ ବିଦ୍ୟୁତ କାଟ ହୁଏ ?

- ତୁମେ ଘରେ ସକାଳେ ୨ ଘଣ୍ଟା ଓ ରାତିରେ ୧ ଘଣ୍ଟା ୩୦ ମିନିଟ୍ ପାଠ ପଢ଼ । ତୁମେ ମୋଟ କେତେ ସମୟ ପାଠ ପଢ଼ ?

# ଅଭ୍ୟାସ

୧. ଠେକୁଆ ମାଇଲ ଖୁଣ୍ଟରେ ପହଞ୍ଚିବାକୁ କେତେ ସମୟ ଲାଗିବ ?



୨. ପିଲାଟି କେତେ ସମୟ ପରେ ଘରେ ପହଞ୍ଚିଲା ?



୩. ପିଲାଟି କେତେ ସମୟ ଖେଳିଲା ?



## କାହା ପରେ କ'ଣ ?



ମା' - ଅର୍ଚ୍ଚିତା, ତୁମେ ଅଟା, ଲୁଣ, ପାଣି ଆଉ ବେଲାଟିଏ ଆଣ ।

ଅର୍ଚ୍ଚିତା - ମା', ଅଟା ଚକଟିବ କି ?

ମା'- ହଁ ।



ଅଟା ଚକଟି ସାରି ମା' କହିଲେ, "ଅର୍ଚ୍ଚିତା, ବେଲଣା ପଟା ଆଉ ବେଲଣା କାଠିଟି ଆଣିଲୁ ।"

ଅର୍ଚ୍ଚିତା କହିଲା, "ମା', ବେଲଣା ପଟାରେ ଅଟାକୁ ବେଲି ରୁଟି ତିଆରି କରିବ କି ?"

ମା' - ହଁ ।

ମା' ରୁଟି ତିଆରି କଲେ ।

ତା ପରେ ମା' ଅର୍ଚ୍ଚିତାକୁ କହିଲେ -



"ତୁମେ ଏବେ ପଲମ, ପିଠାଖଡ଼ିକା ଓ ରୁଟିସେକାକୁ ଚୁଲି ପାଖକୁ ନେଇ ଆସ ।"

ଏହା ଶୁଣି ଅର୍ଚ୍ଚିତା କହିଲା -"ମା', ମୁଁ ଜାଣିଛି, ଏହା ପରେ ତୁମେ ରୁଟି ସେକିବ ।"

ମା' ଖୁସି ହୋଇ କହିଲେ, "**ରୁଟି ତିଆରି**ରେ କାହା ପରେ କ'ଣ ହୁଏ ତୁମେ ଠିକ୍ ଜାଣିଛ ।"



ଏବେ କହ - ଏହା ପରେ କ'ଣ ହେବ ?

ଅର୍ଚ୍ଚିତା ଡେଇଁ ପଡ଼ି କହିଲା– ଆମେ ସମସ୍ତେ ଏକାଠି ଖାଇବା ।

- କେଉଁ ଚିତ୍ରରେ କ'ଣ ହେଉଛି ଚିତ୍ର ଦେଖି କହ -



ଚିତ୍ର ଦେଖି କେଉଁ କାମ ପରେ କେଉଁ କାମ ହୋଇଛି, ୧,୨,୩ ଓ ୪ ଦେଇ ସେଗୁଡ଼ିକୁ ଚିହ୍ନାଅ ।

- ତୁମେ ଏହି ଭଳି ବିଭିନ୍ନ ସୋପାନରେ ହେଉଥିବା କାମଗୁଡ଼ିଏ ଲେଖି କାମର କ୍ରମଟି ଲେଖ ।

| | କାମର ନାମ | କେଉଁ କ୍ରମରେ କାମ ହେବ । |
|---|---|---|
| ୧ | ଦାନ୍ତ ଘଷିବା | |
| ୨ | ପାଠ ପଢ଼ିବା | |
| ୩ | ଲୁଗା ସଫା କରିବା | |

**ପାଠ - ୧୮**

# ତଥ୍ୟ ଜାଣିବା

ତୁମେ କେବେ ନନ୍ଦନକାନନ ଯାଇଛ କି ?

ସେଠାରେ କେତେ ପ୍ରକାର ବାଘ ଦେଖିଲ ? କେଉଁ ପ୍ରକାର ବାଘଙ୍କ ସଂଖ୍ୟା ଅଧିକ ?

ତଳ ଚିତ୍ରରେ ଦିଆଯାଇଥିବା ବାଘମାନଙ୍କ ସଂଖ୍ୟାକୁ ସାରଣୀରେ ଲେଖାଯାଇଛି ।











ସାରଣୀ

| ବାଘର ପ୍ରକାର | ସଂଖ୍ୟା |
|---|---|
| ଧଳାବାଘ | ୩ |
| ମହାବଳ ବାଘ | ୫ |
| ଚିତା ବାଘ | ୨ |
| କଲରାପତରିଆ ବାଘ | ୧ |













- ସାରଣୀକୁ ଦେଖି ଲେଖ ।

(କ) __________ ବାଘଙ୍କ ସଂଖ୍ୟା ଅଧିକ ।

(ଖ) __________ ବାଘଙ୍କ ସଂଖ୍ୟା ସବୁଠାରୁ କମ୍ ।

(ଗ) __________ ଓ __________ ବାଘଙ୍କ ସଂଖ୍ୟାର ସମଷ୍ଟି ମହାବଳ ବାଘଙ୍କ ସଂଖ୍ୟା ସହିତ ସମାନ ।

୨.



ଦିଆଯାଇଥିବା ଚିତ୍ରକୁ ଦେଖି ଏକ ସାରଣୀ ପ୍ରସ୍ତୁତ କରାଯାଇଛି ।



| ଫୁଲର ନାମ | ଫୁଲ ସଂଖ୍ୟା |
|---|---|
| ସଦାବିହାରୀ | ୪ |
| ମନ୍ଦାର | ୫ |
| ଗୋଲାପ | ୩ |
| ଅପରାଜିତା | ୨ |


**ସାରଣୀ ଦେଖି ଉତ୍ତର ଦିଅ ।**

(କ) __________ ଫୁଲର ସଂଖ୍ୟା ସବୁଠାରୁ ଅଧିକ ।

(ଖ) __________ ଫୁଲର ସଂଖ୍ୟା ସବୁଠାରୁ କମ୍ ।

(ଗ) __________ ଓ __________ ଫୁଲ ମିଶି __________ ଫୁଲର ସଂଖ୍ୟା ସହିତ ସମାନ ।

୩. **'ଲୁଡୁଖେଳ'**



ତୁମେ କେବେ ଲୁଡୁ ଖେଳିଛ କି ? ଲୁଡୁ ଗୋଟିର କେତୋଟି ପାଖ ଅଛି ?

- ଲୁଡୁ ଗୋଟିରେ ପ୍ରତ୍ୟେକ ପାଖରେ ଥିବା ବିନ୍ଦୁମାନଙ୍କର ସଂଖ୍ୟା କେତେ ?

ସୁନୁ ତା'ର ଲୁଡୁ ଗୋଟି ୨୦ଥର ଗଡ଼ାଇଲା ।

 ଚିହ୍ନ ଥିବା ପାଖ ୨ଥର ପଡ଼ିଲା ।

 ଚିହ୍ନ ଥିବା ପାଖ ୩ଥର ପଡ଼ିଲା ।

ସେହିପରି ଅନ୍ୟ ପାଖଗୁଡ଼ିକ କେତେଥର ଲେଖାଏଁ ପାଇଲା ତାହା ତଳ ସାରଣୀରେ ସେତିକି ଗାର (।)ରେ ଲେଖାଯାଇଛି । ଏହାକୁ **'ଟାଲି ଚିହ୍ନ'** କହନ୍ତି ।

| ଲୁଡୁଗୋଟିର ପାଖ | ଟାଲିଚିହ୍ନ | ମୋଟଥର |
|---|---|---|
|  | ।। | ୨ |
|  | ।।। | ୩ |
|  | ।।।।। | ୫ |
|  | ।।। | ୩ |
|  | ।।। | ୩ |
|  | ।।।। | ୪ |
| | ମୋଟ୍ | ୨୦ |

**ସାରଣୀ ଦେଖି ଖାଲିଘର ପୂରଣ କର ।**

ସୁନୁ (କ) ________ ପାଖଟି ଅଧିକ ଥର ପାଇଲା ।

(ଖ) ________ ପାଖଟି ସବୁଠାରୁ କମ୍ ଥର ପାଇଲା ।

(ଗ) ________ ଓ ________ ପାଖଟି ସମାନ ଥର ପାଇଲା ।

ସୁନୁର ଲୁଡୁ ଖେଳ ଦେଖିଲ, ସେହିଖେଳରୁ ମଧ୍ୟ ବହୁତ ତଥ୍ୟ ପାଇଲ ।

- ଏବେ ତୁମେ ଲୁଡୁଗୋଟି ୨୦ ଥର ଗଡ଼ାଅ ।
- ସୁନୁ ପାଇଁ ଯେପରି ସାରଣୀ ତିଆରି ହୋଇଛି, ସେହିପରି ଏକ ସାରଣୀ ତିଆରି କର ।
- ପ୍ରତ୍ୟେକ ଥର କେଉଁ ପାଖ ପଡ଼ିଲା ତାକୁ ଟାଲିଚିହ୍ନ (।) ଦେଇ ସାରଣୀରେ ଲେଖ ।

ଏହିପରି ୨୦ଥର ଗଡ଼ାଇଲା ପରେ ସାରଣୀରେ କେତେଥର କେଉଁ ପାଖ ପଡ଼ିଛି ଟାଲିଚିହ୍ନ ଗଣି ସାରଣୀରେ ''ମୋଟଥର'' ଘର ପୂରଣ କର ।

## ଅଭ୍ୟାସ

୧.



ଦିଆଯାଇଥିବା ଚିତ୍ରକୁ ଦେଖି ସାରଣୀରେ ଟାଲିଚିହ୍ନ (।) ଦିଅ ।

**ସାରଣୀ**

| ପତ୍ରର ନାମ | ଟାଲିଚିହ୍ନ | ମୋଟ |
|---|---|---|
| ଆମ୍ବ | | |
| ପଣସ | | |
| ପଦ୍ମ | | |
| ଓସ୍ତ | | |



**ଶୂନ୍ୟସ୍ଥାନ ପୂରଣ କର :-**

(କ) __________ ପତ୍ରର ସଂଖ୍ୟା ସବୁଠାରୁ ବେଶୀ ଓ __________ ପତ୍ରର ସଂଖ୍ୟା ସବୁଠାରୁ କମ୍ ।

(ଖ) ପଦ୍ମପତ୍ର ଓ ପଣସ ପତ୍ର ସଂଖ୍ୟାର ସମଷ୍ଟି __________ ।

(ଗ) ପଣସ ପତ୍ରରୁ ଓସ୍ତ ପତ୍ରର ସଂଖ୍ୟା __________ ଅଧିକ ।

୨. [୧] [୨] [୩] [୪] ଲେଖାଥିବା ସମୁଦାୟ ୧୫ଟି ସଂଖ୍ୟାକାର୍ଡ଼କୁ ନେଇ ତଳେ ଦିଆଯାଇଥିବା ସାରଣୀଟି ପ୍ରସ୍ତୁତ କର ।

(ଶିକ୍ଷକ ପ୍ରତ୍ୟେକ ଛାତ୍ରକୁ ୧୫ଟି ସଂଖ୍ୟାକାର୍ଡ଼ ଦେବେ ଓ ପ୍ରତ୍ୟେକ ଛାତ୍ର ଗୋଟିଏ ଗୋଟିଏ ସାରଣୀ ପ୍ରସ୍ତୁତ କରିବେ ।)

| ଚିହ୍ନିତ ସଂଖ୍ୟା କାର୍ଡ | ଟାଲିଚିହ୍ନ (।) | ମୋଟ |
|---|---|---|
| ୧ | | |
| ୨ | | |
| ୩ | | |
| ୪ | | |

ସାରଣୀ ପ୍ରସ୍ତୁତ କରି ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

(କ) [୧] ଚିହ୍ନିତ କାର୍ଡ଼ ଓ [୨] ଚିହ୍ନିତ କାର୍ଡ଼ର ମୋଟ ସଂଖ୍ୟା କେତେ ହେବ ?

(ଖ) କେଉଁ ଚିହ୍ନିତ କାର୍ଡ଼ର ସଂଖ୍ୟା ସବୁଠାରୁ ଅଧିକ ?

(ଗ) କେଉଁ ଚିହ୍ନିତ କାର୍ଡ଼ର ସଂଖ୍ୟା ସବୁଠାରୁ କମ୍ ?

୩. ୩୦ ଜଣ ପିଲାଙ୍କର ଜୋତାର ମାପ ସାରଣୀରେ ଦିଆଯାଇଛି । ସାରଣୀକୁ ଦେଖି ଦିଆଯାଇଥିବା ପ୍ରଶ୍ନମାନଙ୍କର ଉତ୍ତର ଦିଅ ।

| ଜୋତା ନମ୍ବର | ପିଲାଙ୍କ ସଂଖ୍ୟା | ମୋଟ |
|---|---|---|
| ୩ | \|\|\|\|\|\| | |
| ୪ | \|\|\|\| | |
| ୫ | \|\|\|\|\|\|\|\|\|\| | |
| ୬ | \|\|\|\|\|\|\| | |
| ୭ | \|\|\| | |
| ମୋଟ୍ | | |

(କ) କେତେ ଜଣ ପିଲା ୩ ନମ୍ବର ଜୋତା ବ୍ୟବହାର କରୁଛନ୍ତି ?

(ଖ) ୪ ନମ୍ବର ଜୋତା ବ୍ୟବହାର କରୁଥିବା ପିଲାଙ୍କ ସଂଖ୍ୟା କେତେ ?

(ଗ) ୭ ନମ୍ବର ଜୋତା ବ୍ୟବହାର କରୁଥିବା ପିଲାଙ୍କ ସଂଖ୍ୟା କେତେ ?


(ଘ) ୫ ନମ୍ବର ଜୋତା ବ୍ୟବହାର କରୁଥିବା ପିଲାଙ୍କ ସଂଖ୍ୟା କେତେ ?

(ଙ) ସବୁଠାରୁ ବେଶୀ ସଂଖ୍ୟକ ପିଲା କେତେ ନମ୍ବର ଜୋତା ବ୍ୟବହାର କରନ୍ତି ?

(ଚ) ସାରଣୀରୁ ତୁମେ କେତୋଟି ପ୍ରଶ୍ନ ତିଆରି କର ଓ ତୁମ ସାଙ୍ଗକୁ ପଚାର ।

## ନମୁନା ତିଆରି କରିବା :

- ଦୈନନ୍ଦିନ ଜୀବନରେ ଆମେ ଏଗୁଡ଼ିକୁ ଦେଖୁଛେ ।



ଏହାର ପରବର୍ତ୍ତୀ ଦୁଇଟି ଚିତ୍ର କ'ଣ ହେବ କହ ।



- କପ୍ ସଜାକୁ ଲକ୍ଷ୍ୟ କରି ଏହାର ପରବର୍ତ୍ତୀ ତିନୋଟି ଚିତ୍ର ଅଙ୍କନ କର ।




- ରଙ୍ଗ ଦିଅ ।



ତୁମ ପରିବେଶରେ ବିଭିନ୍ନ ଜିନିଷରେ ଥିବା ଏହିଭଳି ନମୁନାକୁ ଲକ୍ଷ୍ୟ କରି ଚିତ୍ର ଅଙ୍କନ କର ।

## ଆସ ଜାଣିବା


- ଗୋଟିଏ ଚେସ୍ ବୋର୍ଡ (୮ x ୮) ନିଅ ।




ଯେପରି –



(୧x୧)



(୨x୨)




(୩ x ୩)

........ ଆଦି ଗୋଟିଏ ଗୋଟିଏ ବର୍ଗଚିତ୍ର ସେହିପରି ଚେସ୍ ବୋର୍ଡରେ ସମୁଦାୟ କେତୋଟି ବର୍ଗଚିତ୍ର ସମ୍ଭବ ନିର୍ଣ୍ଣୟ କର ।

## ଆସ ଜାଣିବା

- ତ୍ରିଭୁଜଟିରେ ସମୁଦାୟ କେତୋଟି ତ୍ରିଭୁଜ ଅଛି ଗଣି ଲେଖ । ଦେଖ କିଏ କେତେ ବେଶି ଗଣି ଲେଖିପାରୁଛି ।



# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ.....
ଚାରୁ ହାସମୟୀ ଚାରୁ ଭାଷମୟୀ
ଜନନୀ ଜନନୀ ଜନନୀ... । ୦ ।

ବନ୍ଦେ ଉତ୍କଳ ଜନନୀ
ପୂତ-ପୟୋଧି-ବିଧୌତ-ଶରୀରା
ତଳା-ତମାଳ-ସୁଶୋଭିତ-ତୀରା
ଶୁଭ୍ର ତଟିନୀ କୂଳ ଶୀକର ସମୀରା
ଜନନୀ ଜନନୀ ଜନନୀ । ୧ ।

ଘନ ଘନ ବନଭୂମି ରାଜିତ ଅଙ୍ଗେ
ନୀଳ ଭୂଧରମାଳା ସାଜେ ତରଙ୍ଗେ
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ ଜନନୀ ଜନନୀ । ୨ ।

ସୁନ୍ଦର-ଶାଳି-ସୁଶୋଭିତ-କ୍ଷେତ୍ର
ଜ୍ଞାନ-ବିଜ୍ଞାନ-ପ୍ରଦର୍ଶିତ-ନେତ୍ର
ଯୋଗୀ ଋଷିଗଣ-ଉଟଜ-ପବିତ୍ର
ଜନନୀ ଜନନୀ ଜନନୀ । ୩ ।